


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩୦ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 NOVEMBER 2021
Vol.No. 32 ■ No. 305 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



# ଲୋକସଭା ଓ ରାଜ୍ୟସଭାରେ ପାରିତ ହେଲା କୃଷି ଆଇନ ପ୍ରତ୍ୟାହାର ବିଲ

## ରାଷ୍ଟ୍ରପତିଙ୍କ ଅନୁମୋଦନକୁ ଅପେକ୍ଷା



ନୂଆଦିଲ୍ଲୀ,୨୯/୧୧: ସଂସଦ ଶୀତ ଅଧିବେଶନର ପ୍ରଥମ ଦିନରେ ପାରିତ ହୋଇଛି କୃଷି ଆଇନ ପ୍ରତ୍ୟାହାର ବିଲ । ପ୍ରଥମେ ଲୋକସଭା ପରେ ରାଜ୍ୟସଭାରେ କୃଷି ଆଇନ ପ୍ରତ୍ୟାହାର ବିଲ ପାରିତ ହୋଇଛି । ଏବେ ଏହା ଅନୁମୋଦନ ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ଯିବ । ପୂର୍ବ ଘୋଷଣା ଅନୁଯାୟୀ ଏହାକୁ ଲୋକସଭାରେ ଆଗତ କରିଥିଲେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର । ସେପଟେ କୃଷି ଆଇନ ପ୍ରତ୍ୟାହାର ବେଳେ ବିରୋଧିଙ୍କ ପ୍ରତିବାଦ ମଧ ଗୃହରେ ଦେଖିବାକୁ ମିଳିଛି । ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ ବିବାଦୀୟ ୩ କୃଷି ଆଇନ୍କୁ ପ୍ରତ୍ୟାହାର ପାଇଁ ପାରିତ ହେଲା ବିଲ୍ । ୧ ବର୍ଷରୁ ଅଧିକ ସମୟ ଧରି ଯେଉଁ ବିଲକୁ ହଟାଇବା ପାଇଁ କୃଷକଙ୍କ ବ୍ୟାପକ ଆନ୍ଦୋଳନ ଜାରି ରହିଥିଲା, ସେହି କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ ମାତ୍ର କିଛି କ୍ଷଣ ଭିତରେ ବିଲ୍ ପାରିତ ହୋଇଛି । ଚାଷୀମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଇଁ କୃଷି ଆଇନ ପ୍ରତ୍ୟାହାର ବିଲ ଶୀତ ଅଧିବେଶନର ଆଣିବାକୁ ଘୋଷଣା କରିଥିଲେ ମୋଦୀ ସରକାର । ଏହାକୁ ଅଧ୍ୟାଦେଶ ଆକାରରେ ଅଣାଯାଇଥିବାବେଳେ ପ୍ରବଳ ବିରୋଧ କରିଥିଲେ ବିରୋଧୀ ଦଳ । କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ଏହା ଉପରେ ଗୃହରେ ଆଲୋଚନା ପାଇଁ ଦାବି କରି ହଟ୍ଟଗୋଳ କରିଥିଲେ । ତଥାପି ବିରୋଧୀଙ୍କ ପାଟିତୁଣ୍ଡ ଭିତରେ ବାଚନିକ ଭୋଟରେ ବିଲ ଲୋକସଭାରେ ପାସ ହୋଇଛି । ସେପଟେ ଗୃହରେ ହଟ୍ଟଗୋଳ ନକରି ଆଲୋଚନା କରିବାକୁ ବିରୋଧିଙ୍କୁ ଅନୁରୋଧ କରିଛନ୍ତି ପ୍ରଧାନମନ୍ତ୍ରୀ । ସଂସଦରେ କୃଷି ଆଇନ ପ୍ରତ୍ୟାହାର ବିଲ ପାରିତ ହେବା ପରେ କଡା ପ୍ରତିକ୍ରିୟା ରଖିଛନ୍ତି ରାହୁଲ ଗାନ୍ଧୀ । ୩ଟି କଳା ଆଇନ ପ୍ରତ୍ୟାହାର ହେବା ଚାଷୀଙ୍କ ବିଜୟ ବୋଲି କହିଛନ୍ତି ରାହୁଲ । ସେହିପରି ବିଲ୍ ପ୍ରତ୍ୟାହାର ନେଇ କାହିଁକି ଆଲୋଚନା କରିବାକୁ ସରକାର ଡରୁଛନ୍ତି ସରକାରଙ୍କ ଉପରେ ବର୍ଷିଛନ୍ତି ରାହୁଲ ଗାନ୍ଧୀ । କୃଷି ଆଇନ ପ୍ରତ୍ୟାହାର ବିଲ ଉପରେ ଆଲୋଚନା ଚାହୁଁଥିଲେ ବିରୋଧୀ । ସଂସଦରେ ହୋହଲ୍ଲା ପରେ ବାହାରେ ପ୍ରତିବାଦ କରିଛନ୍ତି ବିରୋଧୀ । ଯାହାକୁ ନେଇ କେନ୍ଦ୍ର ମନ୍ତ୍ରୀ ପ୍ରହଲାଦ ଯୋଶୀ କହିଛନ୍ତି ଆଇନ ଆଣିଲା ବେଳେ ଚର୍ଚ୍ଚା ହୋଇଥିବାରୁ ପ୍ରତ୍ୟାହାର ବେଳେ ଆବଶ୍ୟକ ନଥିଲା ଆଲୋଚନା । ସୋମବାର ସଂସଦର ଶୀତକାଳିନ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଆରମ୍ଭରୁ ହଙ୍ଗାମା କରିଥିଲେ ବିରୋଧୀ । ଫଳରେ ବାଚସ୍ପତି ଓମ ବିର୍ଲା ଲୋକସଭାକୁ ପ୍ରଥମେ ଦିନ ୧୨ଟା ଯାଏଁ ମୁଲତବି ରଖିଥିଲେ । ୧୨ଟାରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହୋଇ ବିରୋଧୀଙ୍କ ହଟ୍ଟଗୋଳ ଭିତରେ କୃଷି ଆଇନ ପ୍ରତ୍ୟାହାର ବିଲକୁ ଲୋକସଭାରେ ପାରିତ କରାଇ ନେଇଛନ୍ତି ସରକାର ।

# ବିଶ୍ୱ ପାଇଁ ବିପଦ ସାଜିପାରେ 'ଓମିକ୍ରନ' : ସତର୍କ କରାଇଲା ହୁ



ନୂଆଦିଲ୍ଲୀ,୨୯/୧୧: ଦ୍ରୁତ ଗତିରେ ସଂକ୍ରମିତ ହେବା ସହ ସାରା ବିଶ୍ୱ ପାଇଁ ବଡ ବିପଦ ସାଜିପାରେ । ଏହି ପ୍ରଜାତି ରୋଗ ପ୍ରତିରୋଧକ ଶକ୍ତି ଭେଦ କରି ଯିବାର ଆଶଙ୍କା ଥିବାରୁ ଓ ଦ୍ରୁତ ଗତିରେ ସଂକ୍ରମିତ କରୁଥିବାରୁ ସାରାବିଶ୍ୱରେ ବ୍ୟାପିଯିବାର ଆଶଙ୍କା ରହିଛି । ତେଣୁ ସତର୍କ ରହିବାକୁ ହେବ । କରୋନାର ନୂଆ ପ୍ରଜାତି ଓମିକ୍ରନକୁ ଭ୍ୟାରିଆଣ୍ଟ ଅଫ୍ କନସର୍ଣ୍ଣ ବା ଚିନ୍ତାଜନକ ଶ୍ରେଣୀ ତାଲିକା ଭୁକ୍ତ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଏହା ଆଉ ଏକ ଲହରର କାରଣ ବନିପାରେ ବୋଲି ମଧ ଆଶଙ୍କା ପ୍ରକାଶ କରିଛି । କରୋନାର ନୂଆ ପ୍ରଜାତି 'ଓମିକ୍ରନ' କେତେ ସଂକ୍ରମକ ହେବ ଏବଂ ଏହାର ପ୍ରଭାବ କ'ଣ ପଡିବ ଏ ନେଇ ଅନୁଧ୍ୟାନ ଚାଲିଥିବା ବେଳେ ସାରା ବିଶ୍ୱରେ ଭୂତାଣୁ ଭୟ ବଢ଼ିଯାଇଛି । ଦେଶକୁ ଦେଶ ଡେଉଁଛି ଏହି ନୂଆ ପ୍ରଜାତିର କରୋନା ଭୂତାଣୁ । ଦକ୍ଷିଣ ଆଫ୍ରିକା ପରେ ବୋତ୍ସ୍ୱାନା, ହଂକଂ, ବେଲଜିୟମ, ଇସ୍ରାଏଲ, ବ୍ରିଟେନ୍, ଇଟାଲି , ଜର୍ମାନୀ, , ସୁଇଜରଲାଣ୍ଡ, କାନାଡା, ଓ ଅଷ୍ଟ୍ରେଲିଆରେ ମଧ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଦ୍ରୁତ ଗତିରେ ସଂକ୍ରମିତ ହେଉଥିଲେ ବି ଓମିକ୍ରନକୁ ନେଇ ଏବେ ବି ସ୍ପଷ୍ଟ ଚିତ୍ର ସାମନାକୁ ଆସି ପାରିନାହିଁ । ମହାମାରୀ କୋଭିଡ୍-୧୯ ଆସିବା ଦିନଠାରୁ ଏହା ବାରମ୍ବାର ରୂପ ବଦଳାଇଛି । କିନ୍ତୁ ସବୁ ରୂପ ମାରାତ୍ମକ ହୋଇ ନାହାଁନ୍ତି । ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ମାରାତ୍ମକ ସାବ୍ୟସ୍ତ ହୋଇଛି ଡେଲଟା ପ୍ରଜାତି । କିନ୍ତୁ ଏହି ପ୍ରଜାତି ବିରୋଧରେ ଟିକା ପ୍ରଭାବୀ ଥିଲା ଆଉ ସଂକ୍ରମଣ ରୋକିବାରେ ବେଶ ସହାୟକ ହୋଇଛି । କିନ୍ତୁ ଓମିକ୍ରନ ବିରୋଧରେ ଟିକା କେତେ ପ୍ରଭାବୀ ହେଉଛି ତାହା ଆଉ କିଛି ଦିନ ଭିତରେ ସ୍ପଷ୍ଟ ହୋଇଯିବ । ହେଲେ , ତୃତୀୟ ଲହର ଆଶଙ୍କା ଥିବାରୁ ଆମକୁ ସତର୍କ ରହିବାକୁ ପଡିବ । ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଭଳି ଗୁରୁତ୍ୱପୂର୍ଣ୍ଣ କରୋନା କଟକଣାକୁ ମାନିବାକୁ ପଡିବ ।

## ବର୍ଷାରେ ବୁଡିଲା ଆନ୍ଧ୍ରପ୍ରଦେଶ

ଆନ୍ଧ୍ରପ୍ରଦେଶ,୨୯/୧୧: ଦକ୍ଷିଣ ଭାରତରେ ବନ୍ୟା ବିପ୍ରାତ । ଲଗାଣ ବର୍ଷାରେ ଆନ୍ଧ୍ରପ୍ରଦେଶର ହାଲ ବେହାଲ ହୋଇପଡିଛି । କଡପା ଜିଲ୍ଲାରେ ଏକ କୋଠା ଘର ଭୁଷୁଡି ନଦୀରେ ପଡିଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ସୁରକ୍ଷା କୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ୧୯ ଜିଲ୍ଲାରେ ସ୍କୁଲ କଲେଜ ଛୁଟି ଘୋଷଣା କରିଛନ୍ତି । ସେପଟେ ବନ୍ୟା ପ୍ରଭାବିତ ଅଂଚଳ ଯାଇ ଉଦ୍ଧାର କାର୍ଯର ସମିକ୍ଷା କଲେ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ । ଆନ୍ଧ୍ର ପ୍ରଦେଶରେ ଜାରି ରହିଛି ବର୍ଷା ବିପ୍ରାତ । ରାଜ୍ୟର ୪ଟି ଜିଲ୍ଲାରୁ ଆସିଛି ଭୟଙ୍କର ଦୃଶ୍ୟ । ଲଗାଣ ବର୍ଷା ଫଳରେ କଡପ୍ପା ଜିଲ୍ଲାରେ ଏକ କୋଠା ଭୁଷିଡି ପଡିଛି । ଗୁନଜନ ନଦୀକୁ ଲାଗି ରହିଥିବା କୋଠା ଟି ନଦୀର ବନ୍ୟା ଜଳରେ ଭାସି ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାରେ କେହି ମୃତାହତ ହୋଇ ନଥିବା ଜଣାପଡିଛି । ଜିଲ୍ଲାର ଅନେକ ସ୍ଥାନ ଜଳମଗ୍ନ ହୋଇ ରହିଥିବା ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଘାଟ, ଘର ଦ୍ୱାର ସବୁ ପାଣିରେ ଅଧା ବୁଡି ରହିଥିବା ଦେଖିବାକୁ ମିଳିଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଦେଇ ଗତି କରୁଛନ୍ତି । ଲଗାଣ ବର୍ଷା ଫଳରେ ରାଜ୍ୟବାସିଙ୍କୁ ପୁଣି ଘାରିଛି ବନ୍ୟା ଚିନ୍ତା । ରାଜ୍ୟର୪ଟି ଜିଲ୍ଲା ବନ୍ୟା ପାଣିରେ ବୁଡି ରହିଥିବା ଦେଖିବାକୁ ମିଳିଛି । ଆଗକୁ ରାଜ୍ୟରେ ▶▶ପୃଷ୍ଠା ୭

# କାଲି ଲଘୁଚାପ : ପାଚିଥିବା ଧାନ କାଟି ଆଣିବାକୁ ଚାଷୀଙ୍କୁ ପରାମର୍ଶ



ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଅଧିକ ଘନୀଭୂତ ହୋଇ ବଙ୍ଗୋପସାଗରରେ ବାତ୍ୟାର ରୂପ ନେଇପାରେ । ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ଧାନ ଅମଳ ସମୟ ଥିବାରୁ ସମ୍ଭାବ୍ୟ ଲଘୁଚାପ ବର୍ଷା ପାଇଁ ଚାଷୀଙ୍କୁ ସତର୍କ କରିଛି ଓୟୁଏଟି । ଓୟୁଏଟି ପକ୍ଷରୁ କୁହାଯାଇଛି ଯେ ବର୍ଷା ପୂର୍ବରୁ ୮୫% ପାଚି ଯାଇଥିବା ଧାନ କାଟି ଆଣନ୍ତୁ । କଟା ଯାଇଥିବା ଧାନକୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କଟା ଧାନକୁ ପଲିଥିନ ଘୋଡ଼ାଇ ରଖନ୍ତୁ । ଧାନ ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳି କରନ୍ତୁ । ଧାନ ଗଛ ପଡ଼ିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ । ବର୍ଷା ଛାଡ଼ି ଖରା ହେଲେ କେଣ୍ଡାକଟା ପୋକ ଲାଗିବା ସମ୍ଭାବନା ରହିଛି । ସବୁ ରବି ଫସଲ ବୁଣିବା ବା ଲଗାଇବା ସାମୟିକ ସ୍ଥଗିତ ରଖିବାକୁ ଓୟୁଏଟି ପରାମର୍ଶ ଦେଇଛି । ଅପରପକ୍ଷରେ ଲଘୁଚାପ ଓ ସମ୍ଭାବ୍ୟ ବର୍ଷାକୁ ନେଇ ସତର୍କ ରହିବାକୁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) । ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଉପକୂଳ ସହ ୬ଟି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ସେହି ଜିଲ୍ଲା ଗୁଡ଼ିକ ହେଲା- ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା । ବିଶେଷ କରି ଗଂଜାମ , ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୨ ତାରିଖ ପୂର୍ବରୁ ସମୁଦ୍ରରୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି ।

# ଧୈର୍ଯ୍ୟର ସହ ମୁକାବିଲା ଓ ଟିକା ନେବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିବା : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୯/୧୧(ନି.ପ୍ର): କରୋନାର ନୂଆ ଭାରିଆଂଟର ଭୂତାଣୁ ଓମିକ୍ରନ ପାଇଁ ଭୟଭୀତ ନହୋଇ ଏହି ଭାଇରସକୁ ଧୈର୍ଯ୍ୟର ସହ ମୁକାବିଲା କରିବା ପାଇଁ ଓଡିଶା ସମେତ ଦେଶର ସମସ୍ତ ନାଗରିକଙ୍କୁ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତା ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବା ସହ ସମସ୍ତେ ମାସ୍କ ପିନ୍ଧିବା ଓ ସରକାରଙ୍କ କୋଭିଡ୍ ନିୟମକୁ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ଭାରତବର୍ଷର ନାଗରିକଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତମାନ ସୁଦ୍ଧା ମାନବଜାତି କୋଭିଡ୍ ମହାମାରୀର ପ୍ରକୋପରୁ ନିଜକୁ ସମ୍ଭାଳିଆସିଛି । ଜୀବନଜୀବିକା ସ୍ୱାଭାବିକ ହୋଇଛି କିନ୍ତୁ ଦେଶର ନାଗରିକମାନେ ଏବେ ବି ମହାମାରୀ ସହ ▶▶ପୃଷ୍ଠା ୭

# ପୁଣି ଦିଲ୍ଲୀ ସରକାର ଉପରେ ବର୍ଷିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୯/୧୧: ଦିଲ୍ଲୀରେ ବଢୁଥିବା ପ୍ରଦୂଷଣକୁ ନେଇ ପୁଣି ଚିନ୍ତା ପକଟ କଲେ ସୁପ୍ରିମକୋଟ । ନିର୍ଦ୍ଦେଶ ଦେବା ସତ୍ୱେ ମଧ ଫଳ ଶୂନ୍ୟ ବୋଲି କହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି ସର୍ବୋଚ୍ଚ ନାୟାଳୟ । ପଞ୍ଜାବ, ହରିଆଣା, ଉତରପ୍ରଦେଶ ଓ ଦିଲ୍ଲୀ ସରକାରଙ୍କୁ ଏୟାର କ୍ୱାଲିଟି ମାନେଜମେଂଟ କମିସନଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବାକୁ କହିଛନ୍ତି ସୁପ୍ରିମକୋର୍ଟ । ସେହିପରି ରାଜ୍ୟ ସରକାର ମାନେ ପ୍ରଦୂଷଣ ନିୟନ୍ତ୍ରଣ କରିବା ଦିଗରେ କଣ ପଦେକ୍ଷପ ନେଇଛନ୍ତି ସେନେଇ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି କୋର୍ଟ । ମୁଖ୍ୟ ବିଚାରପତି ଏନ.ଭି ରମଣାଙ୍କୁ ନେଇ ଗଠିତ ଖଣ୍ଡପିଠ ଏ ମାମଲାର ଶୁଣାଣି କରିଛନ୍ତି । କେନ୍ଦ୍ର ସରକାର ରାଜ୍ୟ ଗୁଡିକୁ ଭଲ ନିର୍ଦ୍ଦେଶ ଦେଉଛନ୍ତି କିନ୍ତୁ ଫଳାଫଳ ଆସିଲା ବେଳକୁ ଶୂନ ବୋଲି କହିଛନ୍ତି ମୁଖ୍ୟ ବିଚାରପତି ଏନ.ଭି ରମଣା । ସେହିପରି ଦିଲ୍ଲୀରେ କେଉଁ କେଉଁ ଜାଗାରେ କଣ ନିର୍ମାଣ କାମ ଚାଲିଛି ତାର ଏକ ବିବରଣୀ ଦେବାକୁ କେନ୍ଦ୍ର ସରାକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଅନ୍ୟପଟେ ଆଜିଠୁ ଦିଲ୍ଲୀରେ ଥିବା ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନକୁ ଖୋଲି ଦିଆଯାଇଛି । ସ୍କୁଲ ପରିସରରେ ମାସ୍କ, ସାନିଟାଇଜର ସହିତ ସାମାଜିକ ଦୂରତା ମାନିବା ବାଧ୍ୟତାମୂଳକ କରାଯାଇଛି ।

## ଛଟେଇ ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଧାରଣା

ଭୁବନେଶ୍ୱର,୨୯/୧୧(ନି.ପ୍ର): ୨୦୦୩-୦୪ ବ୍ୟାଚ୍ ଶିକ୍ଷା ସହାୟକ ସଂଘ ପୁନଃ ନିଯୁକ୍ତି ଏବଂ ସମସ୍ତଙ୍କୁ ନିୟମିତ ମାନ୍ୟତା ପ୍ରଦାନ ଦାବିରେ ସଂଘ ପକ୍ଷରୁ ସ୍ଥାନୀୟ ଲୋୟର ପିଏମଜି ଠାରେ ଧାରଣା ଦିଆଯାଇଛି । ସରକାର ସଂଘର ଦାବୀ ପୂରଣ ନ କରିବା ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛି ଶିକ୍ଷକ ସଂଘ । ସଂଘର ସାଧାରଣ ସମ୍ପାଦକ ▶▶ପୃଷ୍ଠା ୭

# ଜଳେଶ୍ୱରରୁ ପୁଣି ବ୍ରାଉନ୍ ସୁଗର ଜବତ୍ : ଜଣକୁ ବାନ୍ଧିଲା ପୁଲିସ୍



ଜଳେଶ୍ୱର, ୨୯/୧୧(ନିପ୍ର): କିଛିଦିନର ନିରବତାପରେ ଆଜି ଜଳେଶ୍ୱର ପୁଲିସ୍‌କୁ ବ୍ରାଉନ୍‌ସୁଗର ଜବତ୍ କରିବାରେ ଏକ ସଫଳତା ମିଳିଛି । ଗତ ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ପଛପଟ ସୁବର୍ଣ୍ଣରେଖା ନଦିବନ୍ଧ ନିକଟରେ ଅବସ୍ଥିତ ଶାସନବାର୍ଡ ଗାଁର ମୀର ରିଆସତ୍ ଅଲ୍ଲିଙ୍କ ପୁଅ ମୀର ସୌଫ ଅଲ୍ଲି ଖାଁ ବ୍ରାଉନ୍‌ସୁଗର ଗଚ୍ଛିତର ରଖିଥିବା ଖବର ପାଇ ଥାନା ଆରକ୍ଷୀ ଅଧିକାରୀ ପ୍ରଜ୍ଞା ମହାନ୍ତି ସଦଳବଳେ ଚଢାଉ କରିଥିଲେ । ଏଥିରେ ତାଙ୍କ ଠାରୁ ୨୬୩ ଗ୍ରାମର ବ୍ରାଉନ୍‌ସୁଗର ଜବତ୍ କରିଛନ୍ତି ବୋଲି ଆଜି ଡିଆଇଜିର ଡିଏସ୍‌ପି ବ୍ରଜେଶ୍ୱରୀ ବଳ ସୂଚନା ଦେଇଛନ୍ତି । ଜଳେଶ୍ୱରର ୩/୪ଟି ସଂଦିଗ୍ଧ ସ୍ଥାନରୁ ବାରମ୍ବାର ଧଳାଜହର ଜବତ୍ ହେଉଥିବା ଦେଖିବାକୁ ମିଳୁଛି । ଏଠାରେ ମଧ୍ୟ ବିପୁଳ ପରିମାଣର ବ୍ରାଉନ୍‌ସୁଗର ଥିବାର ପୁଲିସ୍‌କୁ ଗୁପ୍ତତଥ୍ୟ ମିଳିଥିଲେ ମଧ୍ୟ ଏଥିରୁ ବଡ ଅଂଶ ଅନ୍ୟତ୍ର ଚାଲାଣ ହୋଇଥିବା ଜଣାଯାଇଛି । ଜଳେଶ୍ୱରରୁ ବ୍ରାଉନ୍ ସୁଗର ଚାଲାଣ ସମୂଳେ ରୋକିବାକୁ ବହୁ ବୁଦ୍ଧିଜିବୀ ମାନେ ଦାବି କରି ଆସୁଛନ୍ତି । ଅନ୍ୟପକ୍ଷରେ ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ଧରାଯାଉଥିଲେ ମଧ୍ୟ ବଡବଡ ବ୍ୟବସାୟୀମାନେ ଧରାପଡୁନଥିବାରୁ ବହୁକଥା ଶୁଣିବାକୁ ମିଳୁଛି ।

# ଲୋକସଭାରେ ବିଲ ପାସ ହେବା ସତ୍ତ୍ୱେ ଆନ୍ଦୋଳନ ଜାରି ରହିବ : ରାକେଶ ଟିକାୟତ



ନୂଆଦିଲ୍ଲୀ,୨୯/୧୧: ସଂସଦରେ ନୂଆ କୃଷି ଆଇନ ପ୍ରତ୍ୟାହାର ନେଇ ବିଲ୍ ପାରିତ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାୟତ । କୃଷି ଆଇନ ପ୍ରତ୍ୟାହାର ବିଲ ପାରିତ ହେବା ଆନ୍ଦୋଳନ ବେଳେ ଜୀବନ ହରାଇଥିବା ୭୫୦ଚାଷୀଙ୍କ ପାଇଁ ଏକ ଶ୍ରଦ୍ଧାଂଜଳି ବୋଲି କହିଛନ୍ତି ଟିକାୟତ । ତେବେ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ଥିବା ଅନ୍ୟାନ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ଚାଷୀ ନେତା ରାକେଶ ଟିକାୟତ । ସଂସଦ ଶୀତ ଅଧିବେଶନର ପ୍ରଥମ ଦିନରେ ପାରିତ ହୋଇଛି କୃଷି ଆଇନ ପ୍ରତ୍ୟାହାର ବିଲ । ପୂର୍ବ ଘୋଷଣା ଅନୁଯାୟୀ ଏହାକୁ ଲୋକସଭାରେ ଆଗତ କରିଥିଲେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର । ଚାଷୀମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଇଁ କୃଷି ଆଇନ ପ୍ରତ୍ୟାହାର ବିଲ ଶୀତ ଅଧିବେଶନର ଆଣିବାକୁ ଘୋଷଣା କରିଥିଲେ ମୋଦୀ ସରକାର । ଏହାକୁ ଅଧ୍ୟାଦେଶ ଆକାରରେ ଅଣାଯାଇଥିବାବେଳେ ପ୍ରବଳ ବିରୋଧ କରିଥିଲେ ବିରୋଧୀ ଦଳ । କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ଏହା ଉପରେ ଗୃହରେ ଆଲୋଚନା ପାଇଁ ଦାବି କରି ହଟ୍ଟଗୋଳ କରିଥିଲେ । ତଥାପି ବିରୋଧୀଙ୍କ ପାଟିତୁଣ୍ଡ ଭିତରେ ବାଚନିକ ଭୋଟରେ ବିଲ ଲୋକସଭାରେ ପାସ ହୋଇଛି । ଆଜି ସଂସଦର ଶୀତକାଳିନ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଆରମ୍ଭରୁ ହଙ୍ଗାମା କରିଥିଲେ ବିରୋଧୀ । ଫଳରେ ବାଚସ୍ପତି ଓମ ବିର୍ଲା ଲୋକସଭାକୁ ପ୍ରଥମେ ଦିନ ୧୨ଟା ଯାଏଁ ମୁଲତବି ରଖିଥିଲେ । ଏହାର କିଛି ସମୟ ପରେ ଉପସଭାପତି ଭେଙ୍କୟା ନାୟଡୁ ମଧ ▶▶ପୃଷ୍ଠା ୭

# ସିଡ୍ୟୁଲ ବିମାନ ଆସିଲେ ଯାତ୍ରୀଙ୍କ କରୋନା ପରୀକ୍ଷା କରାଯିବ

ଭୁବନେଶ୍ୱର,୨୯/୧୧(ନି.ପ୍ର): ତାଲିକାଭୁକ୍ତ ଦେଶରୁ ଆସୁଥିବା ବିମାନକୁ ଏବେ ନିଷେଧ କରାଯାଇଛି । ଏବେ ବିଦେଶରୁ ସିଡ୍ୟୁଲ ବିମାନ ଭୁବନେଶ୍ୱରକୁ ଆସୁ ନାହିଁ । କୋଭିଡ ସଂକ୍ରମଣ ପରଠାରୁ ସିଡ୍ୟୁଲ ବିମାନ ଚଳାଚଳ ବନ୍ଦ ରହିଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଡିସେମ୍ବର ୧୫ରେ ଅନ୍ତର୍ଜାତୀୟ ବିମାନ ଯାତ୍ରା ଆରମ୍ଭ ହେବା ପରେ ବିଦେଶରୁ ସିଡ୍ୟୁଲ ବିମାନ ଆସିବାର ସମ୍ଭାବନା ଅଛି । ହେଲେ ଭୁବନେଶ୍ୱରକୁ ମାସେ ମଧ୍ୟରେ ସିଡ୍ୟୁଲ ବିମାନ ଆସିବାର ପ୍ରସ୍ତାବ ନାହିଁ । ଯଦି ଆସେ ତେବେ ଯାତ୍ରୀଙ୍କ କରୋନା ପରୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ । ହେଲେ ନନସିଡ୍ୟୁଲ ବିମାନ ଆସିଲେ ଏହାକୁ ଭୁବନେଶ୍ୱରରେ ଅବତରଣ କରିବାକୁ ଦିଆଯିବ ନାହିଁ ବୋଲି ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ କହିଛନ୍ତି । ଡେଲଟା ଭାରିଆଂଟଠାରୁ ଓମିକ୍ରନ୍ ଅଧିକ ମାରାତ୍ମକ ହୋଇଥିବାରୁ ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ଆରମ୍ଭ ହେବ କି ନାହିଁ ସେ ନେଇ ଆଜି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଉଚ୍ଚସ୍ତରୀୟ ବୈଠକ କରିଥିଲା । ଏହି ବୈଠକରେ ଭର୍ଚୁଆଲ ମୋଡରେ ଯୋଗ ଦେଇ ଶ୍ରୀ ବେଉରିଆ କହିଛନ୍ତି ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କର ସ୍କ୍ରିନିଂ କରାଯାଉଛି । ଯଦି ଲକ୍ଷଣ ଦେଖାଯାଏ ତେବେ ସେଠାରେ ସେମାନଙ୍କୁ ଅଟକାଇ ଦିଆଯିବ ।

## ବୁଗୁଡ଼ା ଥାନାର ଦୁଇ ଅଧିକାରୀ ପୁରସ୍କୃତ

ଗଞ୍ଜାମ,୨୯/୧୧ (ନି.ପ୍ର): ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପୋଲିସ ଥାନାର ଦୁଇ ଅଧିକାରୀ ଓ ଜଣେ ସଶସ୍ତ୍ର ପୋଲିସ କର୍ମଚାରୀଙ୍କୁ ଡିଜିପି ଆୱାର୍ଡ ପ୍ରଦାନ କରାଯାଇଥିବା ଜଣାପଡିଛି । ସେହି ତିନି ଜଣ ହେଲେ ବୁଗୁଡା ଥାନା ଆରକ୍ଷୀ ନିରୀକ୍ଷକ ଚିତରଞ୍ଜନ ବେହେରା, ବାଲିପଦର ଉପଆରକ୍ଷୀ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଓଡିଶା ସଶସ୍ତ୍ର ପୋଲିସ ବାହିନୀର ୧୧୯ ସଞ୍ଜୟ ମଲ୍ଲିକ । ନଭେମ୍ବର ୨୭ ତାରିଖ ଦିନ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗଞ୍ଜାମ ପୋଲିସ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବ୍ରିଜେଶ କୁମାର ରାୟ ବୁଗୁଡା ପୋଲିସ ଥାନା ଆଇଆଇସି ଶ୍ରୀ ବେହେରା, ବାଲିପଦର ଫାଣ୍ଡି ଓଆଇସି ଶ୍ରୀ ପ୍ରଧାନ ଓ ସଶସ୍ତ୍ର ପୋଲିସ ଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରି ଡିଜିପି ଆୱାର୍ଡ ପ୍ରଦାନ କରିଥିଲେ। ୨୦୨୧ ମସିହାରେ ଏହି ତିନି ଜଣଙ୍କ ସେବା ମନୋବୃତି, କଠିନ ପରିଶ୍ରମ, ଉତ୍ସର୍ଗୀକୃତ ସେବା ସହ ୱାରେଣ୍ଟ ବଳରେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରି ସଫଳତା ହାସଲ କରିଥିବା ଯୋଗୁଁ ଡିଜିପି ଆୱାର୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି । ବୁଗୁଡା ଥାନା ଇଲାକାରେ ଏହି ଖବର ପ୍ରଚାର ପରେ ଦୁଇ ଅଧିକାରୀ ଚିତରଞ୍ଜନ ବେହେରା ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସଶସ୍ତ୍ର ପୋଲିସ ସଞ୍ଜୟ ମଲ୍ଲିକଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି ।

## ୯ ଖଣ୍ଡ ଗ୍ରାମର ଯୁବକ ମାନଙ୍କୁ ନେଇ ଡ଼ଃ. ଆମ୍ବେଦକର କମିଟି ଗଠନ

କନ୍ଧମାଳ,୨୯/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅଧିନସ୍ଥ ଫୁଲବାଣୀରୁ ଏଫସି ବୌଦ୍ଧ ଜିଲା ସଂଯୋଗ ପଥର ଶେଷ ସୀମାରେ ଅବସ୍ଥିତ ଅବହେଳିତ ନଖଣ୍ଡ ମୌଜାର ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି ସମସ୍ତ ଯୁବକ । ବୁଧବାର ଦିନ ସାମାଜସେବୀ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ୯ ଖଣ୍ଡ ମୌଜାର ଯୁବକ ମାନଙ୍କୁ ନେଇ ବୈଠକ ବସି କମିଟି ଗଠନ କରିଛନ୍ତି । ଏହା ପୂର୍ବରୁ ଅକ୍ଟୋବର ମାସ ୮ ତାରିଖରେ ପ୍ରଥମ ବୈଠକ ବସିଥିଲା । ଏହି ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇ ପୂର୍ବ ନିଷ୍ପତି ଆନୁଯାଇ ସମସ୍ତଙ୍କ ଏକମତ କ୍ରମେ ପ୍ରସ୍ତାବ ଓ ସମର୍ଥନ ଅନୁସାରେ ସାମାଜସେବୀ ଶ୍ରୀ ବେହେରାଙ୍କ ଅଧକ୍ଷତାରେ କମିଟି ଗଠନ କରାଯାଇଛି । (ନଖଣ୍ଡ ମୌଜା ଭି.ଆର ଆମ୍ବେଦକର ଯୁବ ପରିଷଦ) ନାମକରଣ କରାଯାଇଛି ।

ଯୁବ ପରିଷଦର ଅଧକ୍ଷ ଭାବେ ବୈଦ୍ୟନାଥ ବେହେରା ସଭାପତି ରାଘବ ବେହେରା, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ବେହେରା, ଆବାହକ ଅଜୟ କୁମାର ବେହେରା, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ମଲିକ, କୋଷାଧକ୍ଷ ସଞ୍ଜିତ କୁମାର କହଁର, ୩ ଜଣ ଉପ ସଭାପତି ସୁନୀଲ କୁମାର ମଲିକ, ତ୍ରିନାଥ ଯାନୀ, ବିକ୍ରମ ଜାଲ । ୩ ଜଣ ଯୁଗ୍ମ ସମ୍ପାଦକ ଆଶିଷ କୁମାର ବେହେରା, ଗୌର ଜାଲ ସରୋଜ କୁମାର ପ୍ରଧାନ, ୨୦ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିମାଇଁ ମଲିକ, ଦୁର୍ଯୋଧନ ବେହେରା, ପ୍ରଭାସ କୁମାର ବେହେରା, ମହେଶ୍ୱର ବେହେରା, ଅଙ୍ଗଦ ମଲିକ, ପ୍ରଶାନ୍ତ ଜାଲ, ସୁମନ୍ତ ମଲିକ, ସାନନ୍ଦ ପ୍ରଧାନ, ରଞ୍ଜିତ ବେହେରା, ରବୀନ୍ଦ୍ର ପ୍ରଧାନ, ବିକାଶ ପ୍ରଧାନ, ସନ୍ତୋଷ ପ୍ରଧାନ, ମନୋଜ ପ୍ରଧାନ, ସଞ୍ଜିତ ବେହେରା, ଭୀମସେନ ପ୍ରଧାନ, ଲବ ବାଘ, କୁଶ ବାଘ, ଅନୀଲ ଜାଲ, ନିରାକାର ଜାଲ, ସନୁ ନାୟକ, ନୀଳମଣି ବେହେରା, ମିଥୁନ ବେହେରା, ସୀମାଞ୍ଚଳ ବେହେରା, ସୂର୍ଯ୍ୟକାନ୍ତ ମଲିକ, ରାଜକୁମାର ମଲିକ, କୃଷ୍ଣ ଚନ୍ଦ୍ର କହଁର, ବବୁଲ କହଁର, ପ୍ରମୋଦ ମଲିକ, ପ୍ରଶାନ୍ତ ମଲିକ, ବିରାଜ ବେହେରା, ମିଳନ କହଁର, ସତ୍ୟଜିତ କହଁର, ସମ୍ୟକାନ୍ତ ଯାନୀ ଓ ଅନ୍ୟମାନେ । ସେହିଭଳି ଉପଦେଷ୍ଟା ଭାବେ ଦାମୋଦର ବେହେରା, ସୁଶୀଳ କୁମାର ବେହେରା, ସୁଶାନ୍ତ ଜାଲ, ମାର୍କଣ୍ଡ ଭୋଇ, ଭଜମନ ପ୍ରଧାନ, ଅନୀଲ କୁମାର ମଲିକ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି ।

## ଆଡିବନ୍ଧ ନିର୍ମାଣ ଦାବିକରି ବିଧାୟକ ଶଶିଭୂଷଣ ବେହେରାଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

କେନ୍ଦ୍ରାପଡା,୨୯/୧୧ (ନି.ପ୍ର): କେନ୍ଦ୍ରାପଡା ସହର ନିକଟରେ ପ୍ରବାହିତ ଗୋବରୀ ନଦୀର ଜଳ ତଳମୁଣ୍ଡରେ ନାଗପୁର ଠାରୁ ଆରମ୍ଭ କରି ଗଣ୍ଡାକିଆ ପର୍ଯ୍ୟନ୍ତ ନିକଟବର୍ତୀ ଗ୍ରାମର ଚାଷଜମି ଗୁଡିକରେ ପ୍ରବାହିତ ହେଉଥିବାରୁ ଜଳ ନିଷ୍କାସନ ସହ ଏ ଅଂଚଳରେ ଏକ ଆଡିବନ୍ଧ ନିର୍ମାଣ ଦାବିକରି ଗ୍ରାମବାସୀ ମାନେ ବିଧାୟକ ଶଶି ଭୂଷଣ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ନାଗପୁରା, ଦେପୁର, କରଡ, କୋରୁଆ, ମାଲୁହା, ଆୟବା ପଟରେ ଥିବା ଚାଷଜମି ଗୁଡିକ ସହ ଗୋବରୀ ନଦୀ ପୋତିହୋଇ ସମାନ ହୋଇ ଯାଇଥିବାରୁ ବର୍ଷାଜଳ ଓ ଅନ୍ୟ ସମୟରେ ନଦୀ ଜଳ ଗୁଡିକ ଚାଷଜମିରେ ମାଡି ଯାଉଛି । ବର୍ଷସାରା ଜମି ଗୁଡିକ ପାଣିରେ ବୁଡି ରହୁଥିବାରୁ ଚାଷକାର୍ଯ୍ୟ ବାଧା ପାଉଛି । ହଜାର ହଜାର ଏକର ସମ୍ପତି ଜଳବୁଡି ଅବସ୍ଥାରେ ରହୁଥିବାରୁ ଚାଷୀମାନେ ବହୁତ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏହାର ନିରାକରଣ ଓ ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର, କଂସାର, ପୁରୁଷୋତମପୁର, ଆୟବା ଗ୍ରାମ ପଂଚାୟତ ଗୁଡିକର ଚାଷୀମାନେ ବିଧାୟକ ଶ୍ରୀ ବେହେରାଙ୍କୁ ଭେଟି ଦାବି ଜଣାଇଛନ୍ତି ।

## ମଠାଧିଶ କିଶୋର ଚନ୍ଦ୍ର ବାବାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ପୁଲିସର ନିଷ୍କ୍ରିୟତା ନେଇ ପ୍ରତିବାଦ : ସିନ୍ଧେକେଲା ଥାନା ଘେରାଉ

ବଲାଙ୍ଗିର,୨୯/୧୧ (ନି.ପ୍ର): ଗତ ବୁଧବାର ଅପରାହ୍ନରେ ସିନ୍ଧେକେଲା ଥାନା ଅନ୍ତର୍ଗତ ପୁଟୁପଡାର ଜମି ବିବାଦକୁ ନେଇ ମଠର ଜଣେ ବାବାଙ୍କୁ ମରାଣାନ୍ତକ ଆକ୍ରମଣ କରିଥିଲେ କିଛି ଦୁର୍ବୃତ । ଏହି ଆକ୍ରମଣରେ ମଠାଧିଶ କିଶୋରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଓ ସେ ମୂର୍ଚ୍ଛା ହୋଇ ଘଟଣାସ୍ଥଳରେ ତଳେ ପଡି ଯାଇଥିଲେ । ଅଚେତ ଅବସ୍ଥାରେ ଥିବା ବାବାଙ୍କୁ ତାଙ୍କର କେତେକ ଅନୁଗାମୀ ଓ ଗ୍ରାମବାସୀଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ସିନ୍ଧେକେଲା ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଏନେଇ ସିନ୍ଧେକେଲା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ତେବେ ପୋଲିସ ଘଟଣାରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ବୁଧବାର ରାତିରେ ମଠାଧିଶ କିଶୋରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ସିନ୍ଧେକେଲା ଡାକ୍ତରଖାନାର ଡ଼ାକ୍ତର ବଲାଙ୍ଗୀର ଭିମଭୋଇ ମେଡିକାଲକୁ ରେଫର କରିଥିଲେ । ଭିମଭୋଇ ମେଡିକାଲରେ ଚିକିତ୍ସିତ ହେବା ଅବସ୍ଥାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନଆସିବାରୁ ଗତ ଶୁକ୍ରବାର ଦିନ ୧୨ଟାରେ ବାବାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଭୀମସାର ମେଡିକାଲ କଲେଜକୁ ପଠାଯାଇଛି । ସେପଟେ ସିନ୍ଧେକେଲା ପୋଲିସ ଘଟଣାର ୫ ଦିନ ବିତି ଯାଇଥିଲେ ସୁଦ୍ଧା ଅପରାଧୀଙ୍କୁ ଧରିବା ପାଇଁ ଥରଟିଏ ମଧ ପୁଟୁପଡା ଗାଁକୁ ଆସି ନାହିଁ। ସୂଚନାଯୋଗ୍ୟ ଯେ, ଆକ୍ରମଣକାରୀଙ୍କ ସହ ପୋଲିସର ସମ୍ପର୍କ ଥିବା ସନ୍ଦେହ କରି ବର୍ତମାନ ସିନ୍ଧେକେଲାରେ ଉତେଜନା ଜୋର୍ ରହିଛି। ଅନ୍ୟ ଜନସାଧାରଣ ଅଭିଯୋଗ ତ ଦୂରରେ ଥାଉ ଜଣେ ଜଣାଶୁଣା ସାଧୁସନ୍ଥ ମରାଣାନ୍ତକ ଆକ୍ରମଣ ଘଟଣା ପରେ ମଧ ପୋଲିସ ଏହା ଉପରେ ଗୁରୁତ୍ୱ ଦେଉନି, ଆଜି ଏହାର ପ୍ରତିବାଦରେ ୭୦୦ରୁ ଉର୍ଦ୍ଧ୍ୱ ସାଧୁ ସନ୍ଥ ଓପୁଟୁପଡା, ସିନ୍ଧେକେଲା, ଆଖପାଖ ଅଂଚଳର ଗ୍ରାମବାସୀ ମିଳିତ ଭାବେ ସିନ୍ଧେକେଲା ଥାନାକୁ ଘେରାଉ କରିଛନ୍ତି ।

## ତରୁଣ ପ୍ରଜ୍ଞା ଭାରତୀର ୩୩ ତମ ବାର୍ଷିକ ଉତ୍ସବ ପାଳିତ

ଜୟପୁର ,୨୯/୧୧ (ନି.ପ୍ର): ସନ୍ଧ୍ୟା ଫଙ୍କସନ ହଲ୍ ସଭାକକ୍ଷରେ ତରୁଣ ପ୍ରଜ୍ଞା ଭାରତୀର ୩୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡ. ଗଙ୍ଗାଧର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟପୁର ତାରାପ୍ରସାଦ ବାହିନୀପତି , ମୁଖ୍ୟ ବକ୍ତା ଭାବେ ମାନନୀୟ ପ୍ରକାଶକ ଦୈନିକ ସମାଜ ତଥା ଉପାଧକ୍ଷ ଲୋକ ସେବକ ମଣ୍ଡଳ ଡ. ନିରଞ୍ଜନ ରଥ ଏବଂ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ମହପୋତ ଚାଳକ ପାରାଦ୍ୱୀପ ବନ୍ଦର କ୍ୟାପଟେନ୍ ସୂର୍ଯେନ୍ଦୁ ବିକାଶ ପାଣିଗ୍ରାହୀ , ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ନାୟକ, ଜୟପୁର ନାଗରିକ କମିଟି ସଭାପତି ଶ୍ରୀଯୁକ୍ତ ମୀନକେତନ ଦାଶ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ମନୋରଞ୍ଜନ ପଣ୍ଡା ଅତିଥି ଆମନ୍ତ୍ରଣ କରିଥିଲା ବେଳେ ଅନିତା ମିଶ୍ର ଓ ସୁବର୍ଣ୍ଣ କୁମାରୀ ଖିଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ।ଏହି ଅବସରରେ ଶିଶୁ ନୃତ୍ୟ ଶିଳ୍ପୀ ଲୋରୀ ଲୋପାମୁଦ୍ରା ଜେନା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲା ବେଳେ ଶିଶୁ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସମ୍ପାଦକ ଶ୍ରୀ ଯଜ୍ଞେଶ୍ୱର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିବା ସହ କାର୍ଯକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନ ତରଫରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯଥାକ୍ରମେ ଶ୍ରୀ ସର୍ବେଶ୍ୱର ତ୍ରିପାଠୀ, ସୁରେଶ ବେହେରା, ବିଚିତ୍ରା ନନ୍ଦ ପଣ୍ଡା , ଦାମୋଦର ଗୌଡ଼, ସନ୍ତୋଷ ସାହୁ ଓ କବିତା ସାହୁ, ବାଲାଜୀ ପାଢ଼ୀ ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ତାରାପ୍ରସାଦ ବାହିନୀପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଆୟୋଜିତ ହେଇଥିବା ଝୋଟି ପ୍ରତିଯୋଗିତା, ହୁଳହୁଳି, ଶଙ୍ଖ ବାଦନ ,ମୃଦଙ୍ଗ ବାଦନ ,ଓଡ଼ିଶୀ ନୃତ୍ୟ , ଲୋକ ନୃତ୍ୟ ଓ ପାହାଡ ଚଢା ସମେତ ପ୍ରାୟ ୩୦ ଗୋଟି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବିଦ୍ୟାଳୟ , ମହାବିଦ୍ୟାଳୟ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଛାତ୍ରଛାତ୍ରୀ ଏବଂ ବୟସ୍କ ପୁରୁଷ ଓ ବୟସ୍କା ମହିଳା ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୧୬୦ ଜଣ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଶ୍ରୀଯୁକ୍ତ ମୀନକେତନ ଦାଶ ଧନ୍ୟବାଦ୍ ପ୍ରଦାନ କରିଥଲେ । ଅନୁଷ୍ଠାନର ସଭ୍ୟ ପ୍ରମୋଦ ରାଉଳ, ଅନିତା ମିଶ୍ର, ଚାନ୍ଦିନୀ ନିଶା ବେଗମ, ଦୀପ୍ତି ମାଝି , ବାସନ୍ତୀ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ସୁବର୍ଣ୍ଣ କୁମାରୀ ଖିଲ, ମନୋରଞ୍ଜନ ପଣ୍ଡା ମାନପତ୍ର ପାଠ କରିଥିବା ବେଳେ କୋଷାଧକ୍ଷ ନୃସିଂହ ପ୍ରସାଦ ଷଡଙ୍ଗୀ ,ରବୀନ୍ଦ୍ର ମହାରଣା, ଅନନ୍ତ ବିଜୟ ଧୀବର, ରଞ୍ଜିତ କୁମାର ପଟ୍ଟନାୟକ, ବିଜୟ ଲକ୍ଷ୍ମୀ ସାହୁକାର, ବେବିଶ୍ରୀ ମହାପାତ୍ର, ତପନ କିରଣ ତ୍ରିପାଠୀ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ବୃନ୍ଦ ପ୍ରତିଯୋଗୀ ମାନଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥଲେ।

## ବଧିର ରୋଗ ନିୟନ୍ତ୍ରଣ ଓ ଚିକିତ୍ସା ପାଇଁ କର୍ମଶାଳା

କେନ୍ଦ୍ରାପଡା,୨୯/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବଧିର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦ୍ବେଗ ପ୍ରକାଶ କରାଯାଇଛି । ବଧିର ରୋଗକୁ ନିୟନ୍ତ୍ରଣ କରିବା ଓ ଚିକିତ୍ସା କରିବା ସମ୍ବନ୍ଧୀୟ କର୍ମଶାଳା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଡାକ୍ତର ମିର୍ଜା ବାବର ବେଗ, ଆସିଷ୍ଟାଣ୍ଟ ମ୍ୟାନେଜର ଏସ ଏସ ବିଶ୍ୱାଳ, ମହାମାରୀ ବିଶେଷଜ୍ଞ ଡ଼ଃ ସୁଶାନ୍ତ ପଟ୍ଟନାୟକ, ଡ଼ଃ ଦେବାଶିଷ ସାହୁ, ଡ଼ଃ ଚନ୍ଦନ ବେହେରା ପ୍ରମୁଖ ଉପସ୍ଥିତ ଡାକ୍ତର ଓ ଆୟୁସ ଡାକ୍ତର ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଛୋଟ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କ ଙ୍କ ଠାରେ ବଧିରତାର ଲକ୍ଷଣ ସବୁ ବୃଦ୍ଧି ପାଉଥିବାରୁ ଏହାର ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ୟୁନିଟ୍ ଖୋଲାଯାଇ ଚିକିତ୍ସା କରାଯାଉଛି ବୋଲି ସୂଚନା ଦିଆଯାଇଛି ।

## ପିଏନ୍ଏସ୍ ସ୍କୁଲରେ ଆଂଟି ରାଗିଂ କାର୍ଯ୍ୟକ୍ରମ

କେନ୍ଦ୍ରାପଡା,୨୯/୧୧ (ନି.ପ୍ର): କେନ୍ଦ୍ରାପଡା ଅଙ୍ଗୁଳାଇ ସ୍ଥିତ ପିଏନ୍ଏସ୍ ଇଂଜିନିୟରିଂ ସ୍କୁଲରେ ଆଂଟି ରାଗିଂ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଗିଙ୍ଗ୍ ଭଳି ଏକ କୁତ୍ସିତ ପରମ୍ପରା ଅନେକ ଦିନରୁ ପ୍ରଚଳିତ ରହିଛି । ଫଳରେ ବହୁ ମେଧାବୀ ଓ ନିରୀହ ଛାତ୍ର ଏହାର ଶିକାର ହୋଇ ଜୀବନ ମରଣର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି ।ଏହା ବିରୋଧରେ ସଚେତନତା ସୃଷ୍ଟି କରିବା ଓ ଏହି ଖରାପ ପରମ୍ପରାରୁ ଦୂରେଇ ରହିବା ସହ ର୍ୟାଗିଙ୍ଗ୍ ବିରୋଧରେ ଥିବା ବିଭିନ୍ନ ଆଇନ କାନୁନ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରେଇବା ପାଇଁ କର୍ମଶାଳା ହୋଇଥିଲା । ଏଥିରେ ବରିଷ୍ଠ ଆଇନଜୀବି ଶ୍ରୀମତୀ ଉଷା ଦାସ ମାର୍ଶାଘାଇ ଥାନା ଏଏସଆଇ ରାମଚନ୍ଦ୍ର ଦାସ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ । ଅଧକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଇଂ ସୌଦାଗର ବେହେରା, ଇଂ ଅମିତାବ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିଶୁ ସୁରକ୍ଷା ସମ୍ପର୍କୀତ ଆଲୋଚନା ଚକ୍ର

ଧର୍ମଶାଳା,୨୯/୧୧ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ ସାନବାଗସାହିସ୍ଥ ମା' ଜାଡେଇ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ସମ୍ପର୍କୀତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରବିନ୍ଦ୍ର କ୍ଲବ ,ମାସୁମ ଗୃପ ଓ ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ସହଯୋଗରେ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲା ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗ ଦେଇ ଶିଶୁମାନଙ୍କ ପ୍ରତି ହେଉଥିବା ଶୋଷଣରୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ କମିଟିର ସଦସ୍ୟ ଡ ରୁଦ୍ର ନାରାୟଣ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବାଲ୍ୟ ବିବାହ ନିଷେଧ , ନିୟନ୍ତ୍ରଣ ଓ ଶିଶୁ ଶ୍ରମିକ ରୋକି ଉପରେ ସଚେତନତା ସୃଷ୍ଟି କରିବା ସହ ସାମୂହିକ ପ୍ରୟାସରେ ଏହା ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ଯାଜପୁର ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ନିର୍ମଳ ଚନ୍ଦ୍ର ଜେନା,ଯାଜପୁର ସଦର ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ମନୋରଂଜନ ନାୟକ,ଝାଲପଡା ସରପଂଚ ନିର୍ମଳ ସାମଲ ଓ ଯୁବନେତା ପ୍ରମୋଦ ନାୟକ, ଶିକ୍ଷକ ଚିରଂଜନ ବେହେରା,ଅବଦୁଲ ରସିଦ ଖାଁ ଓ ବ୍ରଜ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଉତମ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଷ୍ଣୁ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାପୁଜୀ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯକ୍ରମ ପରିଚାଳନାରେ ପ୍ରକାଶ ଚନ୍ଦ୍ର ସାହୁ,ଆଶୁତୋଷ ଦଳେଇ ,ପ୍ରମୋଦ ସାହୁ,ବିବେକାନନ୍ଦ ଜେନା,ଭିକାରୀ ଚରଣ ଦାଶ ଓ ଚନ୍ଦ୍ରମଣୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଚତୁର୍ଥ ଦିନରେ

କେନ୍ଦ୍ରାପଡା,୨୯/୧୧ (ନି.ପ୍ର): କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ପଡିଆରେ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଚତୁର୍ଥ ଦିନରେ ପହଁଚିଛି । କରୋନା ମହାମାରୀ ପାଇଁ ଗତ ୨ବର୍ଷ ଧରି ମେଳା ବନ୍ଦ ଥିବାରୁ ଚଳିତ ବର୍ଷ ହେଉଥିବା ମେଳାରେ ଜନ ସାଧାରଣଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଦୈନିକ ହଜାର ହଜାର ବ୍ୟକ୍ତି ମେଳା ପରିଦର୍ଶନ କରିବା ସହ ଆବଶ୍ୟକୀୟ ଘର କରଣା ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରୁଥିବା ଲକ୍ଷ୍ୟ କରାଯାଇଛି । ଚତୁର୍ଥ ଦିନ ପ୍ରାୟ ୪ ହାଜର ଲୋକଙ୍କ ସମାଗମ ହୋଇଥିବା ବେଳେ ୧୧ଲକ୍ଷ ୧୨ହଜାର ୩୨୮ ଟଙ୍କା ବ୍ୟବସାୟ ହୋଇଥିବା ଓରମାସ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ କେନ୍ଦ୍ରାପଡା ସହରର ମଧ୍ୟସ୍ଥଳୀରେ ମେଳା ସ୍ଥାନ ଚୟନ କରାଯାଇ ଥିବାରୁ ନିକଟବର୍ତୀ ଗ୍ରାମ ଗୁଡିକର ବାସିନ୍ଦା ମାନେ ବହୁ ସଂଖ୍ୟାରେ ମେଳାକୁ ଆସି ବିଭିନ୍ନ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି । ଜନ ସାଧାରଣଙ୍କ ଆବଶ୍ୟକୀୟ ସାମଗ୍ରୀ ଗୁଡିକ ଏଠାରେ ଉପଲବ୍ଧ ହେଉଥିବାରୁ ମେଳା ସମୟସୀମା କୁ ଅଧିକ ୨ଦିନ ବଢାଇବା ପାଇଁ ସାଧାରଣରେ ଦାବି ହେଉଛି ।

## ହେରିଟେଜ ରାଇଡରେ ସାମିଲ ହେଲେ ଉତ୍କଳ ବାଳାଶ୍ରମ ଅନ୍ତେବାସୀ

ପୁରୀ,୨୮ନଭେମ୍ବର (ହି. ସ )- ହେରିଟେଜ ରାଇଡରେ ସାମିଲ ହେଲେ ଉତ୍କଳ ବାଳାଶ୍ରମ ଅନ୍ତେବାସୀ । ଏଥିସହ ବିଭିନ୍ନ ଐତିହ୍ୟ ସ୍ଥଳୀ ବୁଲି ଦେଖିବା ସହ ଖୁସିବ୍ୟକ୍ତ କରିଛନ୍ତି । ଆଜି ସକାଳ ସମୟରେ ନୀଳାଦ୍ରି ବେଳାଭୂମିରୁ ବାଳାଶ୍ରମର ୩୬ ଜଣ ଅନ୍ତେବାସୀ ୪ଟି ଗଲ୍ଫକାର୍ଟ ମାଧ୍ୟମରେ ଶଙ୍କରାଚାର୍ଯ୍ୟ ମଠ ଦେଇ ତୋଟା ଗୋପିନାଥ, ଜିଆର ସ୍ୱାମୀ ମଠ, ବାଉଳି ମଠ ବୁଲି ଦେଖିବା ସହ ଐତିହ୍ୟସ୍ଥଳୀ ସଂପର୍କରେ ପଚାରି ବୁଝି ଖୁସିବ୍ୟକ୍ତ କରିଥିଲେ । ସେମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ଐତିହ୍ୟସ୍ଥଳୀ ସଂପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ହେରିଟେଜ ରାଇଡରେ ବିଭିନ୍ନ ବର୍ଗଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଉଛି । ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବାଳାଶ୍ରମ ସୁପରିଟେଣ୍ଡେଣ୍ଟ ସାରଙ୍ଗ ମହାପାତ୍ର, ଇକୋ ଟ୍ୟୁରିଜିମ କ୍ଲବର ପ୍ରତିଷ୍ଠାତା ଯୁଗବ୍ରତ କର, ନଟବର ସାହୁ, ସତ୍ୟବ୍ରତ ସାହୁ, ମଞ୍ଜୁଶ୍ରୀ ସେନ, ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରର ଅଷ୍ଟମ ଶ୍ରେଣୀର ଛାତ୍ର ପାଣିକୋଇଲି ପୁଲିସ ଦ୍ୱାରା ଉଦ୍ଧାର

କୋରେଇ,୨୯/୧୧ (ନି.ପ୍ର): ଭୁବନେଶ୍ୱରରୁ କୌଣସି କାରଣରୁ ଘରୁ ରାଗି ସାଇକେଲରେ ପଳାଇ ଆସିଥିବା ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରକୁ ପାଣିକୋଇଲି ପୁଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ୧୬ ନମ୍ବର ଜାତୀୟ ରାଜପଥର ଟିକର ବ୍ରିଜ ନିକଟରେ ପିଲାଟି ରାସ୍ତା କଡରେ ସାଇକେଲ ରଖି କାନ୍ଦୁଥିବା ପେଟ୍ରୋଲିଙ୍ଗ ପୁଲିସ ଦେଖି ତା ନିକଟକୁ ଯାଇ ସମସ୍ତ ତଥ୍ୟ ପାଇ ତାକୁ ଥାନାକୁ ଆଣିବା ସହ ପରିବାରକୁ ଖବର ଦେଇଥିଲା । ପରେ ତାର ପରିବାର ପାଣିକୋଇଲି ଥାନାରେ ପହଂଚି ନାବାଳକଟିକୁ ଘରକୁ ନେଇଥିଲେ । ପ୍ରକାଶଯେ ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ ୪ ଅଂଚଳର ଗୋବିନ୍ଦ ବାରିକଙ୍କ ନାବାଳକ ପୁଅ ଶ୍ରୀନିବାସ(୧୩) ଯେକି ଖାରବେଳ ନଗର ସ୍ଥିତ ଏମବିଏସ ପବ୍ଲିକ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛି। ଘରେ ବାପା ଆଜି କୌଣସି କାରଣକୁ ନେଇ ତାଙ୍କ ଉପରେ ବିରକ୍ତ ହେବାରୁ ସେ ରାଗରେ ସକାଳ ୮ଟାରୁ ନିଜ ସାଇକେଲରେ ଘରୁ ପଳାଇ ଆସିଥିଲା। ସାଇକେଲରେ ଭୁବନେଶ୍ୱରରୁ ଏନଏଚ୧୬ରେ ପାଣିକୋଇଲି ଦୀର୍ଘ ୧୦୦ କିମି ଆସିବାପରେ ସଂଧ୍ୟା ହୋଇ ଯାଇଥିଲା । ଦିନସାରା ସାଇକେଲ ଚଳାଇବା ସହିତ ପାଖରେ ପଇସା ନଥିବାରୁ କିଛି ଖାଇନଥିଲା । ସଂଧ୍ୟା ହୋଇଯିବା ସହିତ ସେ କିଛି ଖାଇନଥିବାରୁ ଥକ୍କା ହୋଇ ରାସ୍ତା କଡରେ ବସିପଡିଥିଲା । ଘଟଣାସ୍ଥଳେ ପୁଲିସ ପହଂଚି ନାବାଳକକୁ ଉଦ୍ଧାର କରିବା ସହିତ ସାଇକେଲଟିକୁ ଥାନାକୁ ଆଣିଥିଲା। ଏ ବିଷୟରେ ଶ୍ରନିବାସଙ୍କ ଘର ଲୋକଙ୍କ ସହିତ ଯୋଗାଯୋଗ କରିବା ପରେ ସେମାନେ ଥାନାରେ ପହଂଚିଲେ ନାବାଳକଙ୍କୁ ନେଇଥିଲେ ବୋଲି ଥାନାଧିକାରୀ ଶୁଶିଲ କୁମାର ନାୟକ ସୁଚନା ଦେଇଛନ୍ତି।

## ନିଖୋଜ ନାବାଳିକା ଉଦ୍ଧାର : ପରିବାରକୁ ହସ୍ତାନ୍ତର

କୋରେଇ,୨୯/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବ୍ୟାସନଗର ପୌରାଂଚଳର ସନ୍ତରା ଗ୍ରାମର ନିଖୋଜ ଆଦିବାସୀ ନା ବାଳିକାକୁ ପୁଲିସ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି । ପ୍ରକାଶଯେ ସନ୍ତରା ଗ୍ରାମର ରାମରାଇ ଟୁଡୁଙ୍କ ଝିଅ ଗୀତା ଟୁଡୁ(୧୫) ନିଖୋଜ ହେବା ନେଇ ୧ ମାସ ତଳେ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଏକ ମାମଲା ୨୯୨/୨୧ ରୁଜ୍ଜୁ କରାଯାଇ ତଦନ୍ତ ଜାରି ରହିଥିଲା । ମୟୁରଭଂଜ ଜିଲ୍ଲା ବାଙ୍ଗିରପୋଷି ଥାନା ଅଂଚଳରେ ଗୀତା ଥିବା ପୁଲିସ ସନ୍ଧାନ ପାଇଥିଲା । ଗୀତା ଘରୁ ରାଗି କରି ତାର ମାଉସୀ ଘର ବାଙ୍ଗିରିପୋଷି ଯାଇଥିବା ପ୍ରକାଶ କରିଥିଲା ।

## ଭିନ୍ନକ୍ଷମ ଆକ୍ରମଣକୁ ୨୩ଦିନ : କରଦା ସରପଂଚଙ୍କ ଗିରଫ ପାଇଁ ୨୩ରେ ପାଣିକୋଇଲି ଥାନା ଘେରାଉ କରିବ ଦଳିତ ସଂଘ



କୋରେଇ,୨୯/୧୧ (ନି.ପ୍ର): ସମଗ୍ର ଯାଜପୁର ଜିଲ୍ଲାରେ ଦଳିତ-ଆଦିବାସୀ ପଛୁଆବର୍ଗଙ୍କ ଉପରେ ଜାତିଗତ ନିର୍ଯ୍ୟାତନା ହୁହୁ ହୋଇ ବଢି ଚାଲିଛି । ସରକାରଙ୍କ ପ୍ରଶାସନ ସାମ୍ବିଧାନିକ ଆଇନ କାର୍ଯ୍ୟକାରୀ କରୁନାହାନ୍ତି । ଏପରି ଏକ ଘଟଣା ପାଣିକୋଇଲି ଥାନା କରଦା ପଂଚାୟତରେ ଗତ ମାସ ୨୭ ତାରିଖରେ ଜଣେ ଭିନ୍ନକ୍ଷମ ଦଳିତ ସୁବାଷ ମଲିକଙ୍କୁ ସରପଂଚ ଗଣେଶ ସାହୁ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ପାଣିକୋଇଲି ଥାନାରେ ମାମଲା ରୁଜୁ ନହେବାରୁ ରାଜ୍ୟମାନବିକ ଅଧିକାର ସୁରକ୍ଷା ସେଲରେ ଅଭିଯୋଗପରେ ପୁଲିସ ବାଧ୍ୟ ହୋଇ ୨୮୪/୨୧ରେ ଜାତିଗତ ନିର୍ଯ୍ୟାତନା ନିର୍ବାରଣ ଆଇନ୍‌ରେ ମାମଲା ରୁଜୁ କରିଛି । ଏହା ପରେ ଚାପରେ ଥାନା ଅଧିକାରୀ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନନେବାରୁ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ୧୧ତାରିଖରେ ଦରଖାସ୍ତ ଦେଇଥିଲା । ସେଥିରେ ଏସ୍ ପିଙ୍କ ଆଦେଶକୁ ତଦନ୍ତକାରୀ ପୋଲସ୍ ଡ଼ିଏସପି ମମତା ସାହୁ ବେଖାତିର କରି ପକ୍ଷପାତିତା କରିବା ଓ ଗିରଫ ନକରିବାରୁ ଜିଲ୍ଲା ଦଳିତ ସଂଘ ବାଧ୍ୟ ହୋଇ ଜନଆନ୍ଦୋଳନ କରିବାକୁ ୧୫ ତାରିଖରେ ଲିଖିତ ସୁଚନା ଦେଇଥିଲେ । ଏଥିରେ କର୍ଣ୍ଣପାତ ନକରିବାରୁ ଆସନ୍ତା ୨୩ ତାରଖ ମଙ୍ଗଳବାର ଦିନ ସଂଘ ତରଫରୁ ଏକ ଦିବସୀୟ ଗଣ ବିକ୍ଷୋଭ ଓ ଧାରଣା ପାଣିକୋଇଲି ଥାନା ସମ୍ମୁଖରେ ଦେବାକୁ ସଂଘ ସ୍ଥିର କରି ଚେତାବନୀ ଦେଇଛି । ଡ଼ିଏସପି ମମତା ସାହୁ ନେଇଥିବା କୋରାଇ ଥାନା କେଶ୍ ନମ୍ବର ୨୮୯/୨୧,୨୧୫ / ୨୧,୨୧୬/୨୧ରେ ଗର୍ଭବତୀଙ୍କୁ ମରଣାତ୍ମକ ଆକ୍ରମଣରେ ହୋଇ ରକ୍ତାକ୍ତ ହୋଇଥିଲେ ମଧ୍ୟ ପୁଲିସ ୩୦୭ ଭଳି ସଂଗୀନ ଦଫା ଲଗାଉ ନାହିଁ କି ଅପରାଧୀ ମାନେ ୪ମାସ ହେବ ବୁଲୁଛନ୍ତି ଗିରଫ କରୁନାହିଁ । ମିଳିତ ସଂଘରେ ରାଜ୍ୟ ନେତା ମନୋରଂଜନ ଜେନା, ଜିଲ୍ଲା ସଂପାଦକ ବଳରାମ କାଣ୍ଡି, ଯଶୋବନ୍ତ ଜେନା, ବିଜୟ କୁମାର ଜେନା, ସୂର୍ଯ୍ୟମଣି ଜେନା, ସୁବାଷ ମଲ୍ଲିକ, ସହଦେବ ଜେନା ପ୍ରମୁଖ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ,ଡ଼ିଜିପି,ଏସ୍‌ପି ଓ ଥାନାରେ ଲିଖିତ ଜଣାଇଛନ୍ତି ।

## ଗଞ୍ଜାମ ଜିଲ୍ଲା ଲେଖକ ଲେଖିକା ସାମ୍ମୁଖ୍ୟ ପକ୍ଷରୁ ଶୀତ ସାହିତ୍ୟ ଆସର

ବ୍ରହ୍ମପୁର,୨୯/୧୧ (ନି.ପ୍ର): ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଗଞ୍ଜାମ ଜିଲ୍ଲା ଲେଖକ ଓ ଲେଖିକା ସାମ୍ମୁଖ୍ୟର ମିଳିତ ଆନୁକୁଲ୍ୟରେ ଶୀତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି, ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସାଧାରଣ ସମ୍ପାଦିକା ଡ଼ ସୂଚନା ପାଢ଼ୀ, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଂଚାସୀନ ଥିଲେ । ବରିଷ୍ଠ କବି ଶିକ୍ଷାବିତ୍ ଭିକାରୀ ଚରଣ ମହାପାତ୍ର ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ବିଶିଷ୍ଟ ଚିତ୍ରଶିଳ୍ପୀ ସୁସାହିତ୍ୟିକ ଲେଖକ ସାମ୍ମୁଖ୍ୟ ସଦସ୍ୟ ବସନ୍ତ ପଟ୍ଟନାୟକଙ୍କ ଦେହାନ୍ତରେ ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଆସନ୍ତା ୨୫ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଉଭୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ମୁଖପତ୍ର ଋଷିକୂଲ୍ୟା ଏବଂ ସୃଜନୀ ପ୍ରକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନୁଷ୍ଠିତ କବିତା ପାଠୋତ୍ସବକୁ ଡ଼. ସୂଚନା ପାଢ଼ୀ ସଂଯୋଜନା କରିଥିବା ବେଳେ ଡକ୍ଟର ବନମାଳୀ ପାଣିଗ୍ରାହୀ, ସୁଖେନ୍ଦୁ କୁମାର ଦାସ, ଡ଼. ସରୋଜକାନ୍ତ ରଥ, ଡ଼ଃ. ସୁବ୍ରତ କୁମାର ସାହୁ, ଦେବୀ ପ୍ରସାଦ ମହାପାତ୍ର, ନିତ୍ୟାନନ୍ଦ ପାଢ଼ୀ, ରାଧା ଚରଣ ନାୟକ, ବିଜୟ ଚନ୍ଦ୍ର ନନ୍ଦ, ପ୍ରେମ ଶିଳା ନନ୍ଦ,ପଦ୍ମିନୀ ମିଶ୍ର, ଭିକାରୀ ଚରଣ ମହାପାତ୍ର ଭଗବାନ ତ୍ରିପାଠୀ , ସୁଦାମ ପାଣିଗ୍ରାହୀ,ଡ଼ ଲକ୍ଷ୍ମୀ ନାରାୟଣ ପଣ୍ଡା, ଗିରୀଜା ଶଙ୍କର ଦାଶ,ଅନିଳ ତ୍ରିପାଠୀ, ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଲେଖକ ସାମ୍ମୁଖ୍ୟ ଉପଦେଷ୍ଟା ଡ଼ଃ. ବନମାଳୀ ପାଣିଗ୍ରାହୀ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମେ ବିପଦରେ ସାଥି ପକ୍ଷରୁ ମୃତ ଷଣ୍ଢର ଶବ ସତ୍କାର

କୋରେଇ,୨୯/୧୧ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥି ପକ୍ଷରୁ ଆଜି ଏକ ମୃତ ଷଣ୍ଡର ଶବ ସତ୍କାର କରାଯାଇଛି । କିଛି ଦିନ ହେବ ଷଣ୍ଢଟି ଦୁର୍ଘଟଣା ହୋଇଥିଲା । ଆହତ ଷଣ୍ଢକୁ ଆମେ ବିପଦରେ ସାଥି ସଦସ୍ୟ ମାନେ ଗୋଲେକ ବିହାରୀ ପରିଡାଙ୍କ ନେତୃତ୍ୱରେ ପଶୁ ଡାକ୍ତରଖାନାକୁ ନେଇ ସେଠାରେ ଚିକିତ୍ସିତ କରୁଥିଲେ । ହେଲେ ଚିକିତ୍ସିତ ଅବସ୍ଥାରେ ଆଜି ତାର ମୃତ୍ୟୁ ହୋଇଥିଲା । ତାରିଣୀ ପଟ୍ଟନାୟକ ଓ ଧନୁଷ ଦଳାଇଙ୍କ ନେତୃତ୍ୱରେ ରିତୀ ନିତୀ ଅନୁଯାୟୀ ଷଣ୍ଢର ଅନ୍ତିମ ସତ୍କାର କରାଯାଇଥିଲା ।


## ଅଜନ୍ତା ଗୁମ୍ଫା





ଅଜନ୍ତା ଗୁମ୍ଫା ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ସହରଠାରୁ ପାଖାପାଖି ୧୦୫ କିଲୋମିଟର ଦୂରତା ଅବସ୍ଥିତ । ଅଜନ୍ତାର ପ୍ରାଚୀନ ଗୁମ୍ଫାକୁ ଭାରତ ଓ ବିଦେଶରୁ ଅଧିକ ପର୍ଯ୍ୟଟକ ଭ୍ରମଣ କରିବାକୁ ଯାଇଥାନ୍ତି । ଏହା ଭାରତୀୟ ଗୁମ୍ଫା କଳାର ଜୀବିତ ଉଦାହରଣ । ଅଜନ୍ତା ଗୁମ୍ଫା ଏଲୋରା ଗୁମ୍ଫାଠାରୁ ମଧ୍ୟ ପୁରାତନ ଓ ଏହା ଗୋଟିଏ ବା ଦୁଇଟି ନୁହେଁ ପୂରା ୩୦ଟି ଗୁମ୍ଫାର ସମୂହ ଯେଉଁଗୁଡ଼ିକୁ ହର୍ସ ସୁ ଆକାରର ପାହାଡ଼କୁ କଟାଯାଇ ନିର୍ମାଣ କରାଯାଇଛି । ଗୁମ୍ଫାଗୁଡ଼ିକ ବାଧୁର ନଦୀ କୂଳରେ ଏକ ପାହାଡ଼ ଉପରେ ଅବସ୍ଥିତ । ନିକଟରେ ଅବସ୍ଥିତ ଅଜନ୍ତା ଗ୍ରାମ ଅନୁସାରେ ଏହି ଗୁମ୍ଫାକୁ ନାମିତ କରାଯାଇଛି । ଇତିହାସ ବିଷୟରେ ଜାଣିବା ପାଇଁ ଇଚ୍ଛୁକ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଅଜନ୍ତାର ଯାତ୍ରା ଆନନ୍ଦମୟ ପ୍ରମାଣିତ ହୋଇପାରେ । ଏହି ଗୁମ୍ଫାଗୁଡ଼ିକର କାରିଗରୀ ଓ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଶାନ୍ତିର ଅନୁଭବ ଦେଇଥାଏ । ଏହା ଏକ ବୌଦ୍ଧ ଗୁମ୍ଫା ସ୍ମାରକ ଯେଉଁଠାରେ ବୌଦ୍ଧ ଧର୍ମର କଳାକୃତି ଦେଖିବାକୁ ମିଳିଥାଏ । ସେଠାରେ ଭଗବାନ ବୁଦ୍ଧଙ୍କର ଅନେକ ପ୍ରତିମା ଓ ବୌଦ୍ଧ ଧର୍ମ ସହିତ ଜଡ଼ିତ ଅନେକ ପେଣ୍ଟିଙ୍ଗ୍ସ ତିଆରି ହୋଇଛି । ଏହା ବ୍ୟତୀତ ଭଗବାନ ବୁଦ୍ଧଙ୍କର ପୂର୍ବଜନ୍ମ ସମ୍ବନ୍ଧରେ ମଧ୍ୟ କୁହାଯାଇଛି । ସେଠାରେ ଦୁଇ ପ୍ରକାରର ଗୁମ୍ଫା ରହିଛି- ବିହାର ଓ ଚୈତ୍ୟ ଗୃହ । ବିହାର ବୌଦ୍ଧ ମଠକୁ ରହିବା ଓ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଏ । ସେଠାରେ ସ୍କୋୟାର ଶେପ୍‌ର ଛୋଟ ଛୋଟ ହଲ୍ ଓ ସେଲ୍ ରହିଛି । ସେଲ୍‌ରେ ବୌଦ୍ଧ ଭିକ୍ଷୁମାନଙ୍କ ଆରାମ ଓ ଅନ୍ୟ ଗତିବିଧି ପାଇଁ ବ୍ୟବହାର କରାଯାଏ । ମଧ୍ୟରେ ଥିବା ସ୍କୋୟାର ଶେପ୍‌ର ସ୍ଥାନଟିକୁ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଉଥିଲା । ଚୈତ୍ୟ ଗୃହ ପ୍ରାର୍ଥନା ପାଇଁ ବ୍ୟବହାର ହେଉଥିଲା । ଏହି ଗୁମ୍ଫାର ଶେଷରେ ସ୍ତୁପର ନିର୍ମାଣ ହୋଇଛି ଯାହା ଭଗବାନ ବୁଦ୍ଧଙ୍କର ପ୍ରତୀକ ଥିଲା । ଯେପରି ଅଜନ୍ତା ଗୁମ୍ଫା ୩୦ଟି ଗୁମ୍ଫାର ସମୂହ ସହିପରି ଏଲୋରା ଗୁମ୍ଫାରେ ୩୪ଟି ମଠ ଓ ମନ୍ଦିର ରହିଛି ଯାହା ପାହାଡ଼ ପାର୍ଶ୍ୱରେ ଥିବା ୨ କି.ମି. ପରିମିତ ଜମିରେ ନିର୍ମିତ ହୋଇଛି । ଏହି ଗୁମ୍ଫାଗୁଡ଼ିକର ନିର୍ମାଣ ପଞ୍ଚମ ଓ ଦଶମ ଶତାବ୍ଦୀ ମଧ୍ୟରେ ହୋଇଥିବାର ଜଣାପଡ଼େ । ଅଜନ୍ତା ଗୁମ୍ଫାଗୁଡ଼ିକର ନିର୍ମାଣ ଦୁଇଟି ଶ୍ରେଣୀରେ ନିର୍ମିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସାତବାହନ ଓ ପରେ ବାକାଟକ ଶାସକ ବଂଶର ରାଜାମାନେ ଏହାର ନିର୍ମାଣ କରିଥିଲେ । ଏହି ପର୍ଯ୍ୟାୟର ଗୁମ୍ଫାର ନିର୍ମାଣ ଦ୍ୱିତୀୟ ଶତାବ୍ଦୀରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଗୁମ୍ଫାଗୁଡ଼ିକର ସମ୍ବନ୍ଧ ବୌଦ୍ଧ ଧର୍ମ ସହିତ ରହିଛି । ଦ୍ୱିତୀୟ ପର୍ଯ୍ୟାୟର ଗୁମ୍ଫାଗୁଡ଼ିକର ନିର୍ମାଣ ପାଖାପାଖି ତିନି ଶତାବ୍ଦୀ ପରେ ହୋଇଛି । ଏହି ଗୁମ୍ଫାଗୁଡ଼ିକରେ ପ୍ରାଚୀନ ଭାରତର ଚିତ୍ରକଳା ଓ ମୂର୍ତ୍ତିକଳାର ନମୁନା ଦେଖିବାକୁ



ମିଳିଥାଏ । ଅଜନ୍ତା ଗୁମ୍ଫାକୁ ବୌଦ୍ଧ ଯୁଗର ମଠ ବା ସ୍ତୁପ ବୋଲି କୁହାଯାଇପାରେ । ସେଠାରେ ବୌଦ୍ଧ ଭିକ୍ଷୁମାନେ ଅବସ୍ଥାନ କରିବା ସହିତ ଅଧ୍ୟୟନ ଓ ପ୍ରାର୍ଥନା କରୁଥିଲେ । ୧୮୧୯ରେ ଜଣେ ବ୍ରିଟିଶ ଅଫିସର ଶିକାର କରିବାକୁ ଯାଇଥିବା ସମୟରେ ଗଛପତ୍ର, ପଥର ଦ୍ୱାରା ଢାଙ୍କି ହୋଇଥିବା ଏକ ଗୁମ୍ଫା ଦେଖିଥିଲେ । ତା’ ପରେ ତାଙ୍କ ସୈନ୍ୟମାନେ ଗୁମ୍ଫା ଭିତରକୁ ଯିବା ପାଇଁ ରାସ୍ତା ବାହାର କରିଥିଲେ । ସେଠାରେ ପୁରାତନ ସମୟର ଅନେକ ଗୁମ୍ଫାସବୁ ଦେଖିବାକୁ ମିଳିଥିଲା । ଏହାପରେ ସେ ଏ ସମ୍ବନ୍ଧରେ ସରକାରଙ୍କୁ ତଥ୍ୟ ଦେଇଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଅଜନ୍ତା ଗୁମ୍ଫାର ଖନନ ଓ ଅଧ୍ୟୟନ ଜାରି ରହିଛି । ୧୯୮୩ରେ ଏହି ଗୁମ୍ଫାକୁ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଭାରତର ପୁରାତତ୍ତ୍ୱ ସର୍ବେକ୍ଷଣ ବର୍ତ୍ତମାନ ଏହି ଗୁମ୍ଫାଗୁଡ଼ିକର ଯତ୍ନ ନେଉଛି । ବର୍ଷସାରା ବୌଦ୍ଧ ଅନୁଗାମୀମାନେ ସେହି ପର୍ଯ୍ୟଟନ ସ୍ଥଳକୁ ଯାଇଥାନ୍ତି ।

ଅଜନ୍ତା ଗୁମ୍ଫାର କାନ୍ଥ ଓ ଛାତର ଭଗବାନ ବୁଦ୍ଧଙ୍କ ଜୀବନୀ ଓ ଶିକ୍ଷାଗୁଡ଼ିକୁ ଖୋଦନ କରାଯାଇ ଚିତ୍ର ଦ୍ୱାରା ଦର୍ଶାଯାଇଛି । ସେଠାରେ ୨୪ଟି ବୌଦ୍ଧ ବିହାର ଓ ୫ଟି ହିନ୍ଦୁ ମନ୍ଦିର ରହିଛି । ଏହି ସମସ୍ତ ଗୁମ୍ଫା ମଧ୍ୟରେ ୧,୨,୪,୧୬,୧୭ ନମ୍ବର ଗୁମ୍ଫା ସବୁଠାରୁ ସୁନ୍ଦର ଓ ୨୬ ନମ୍ବର ଗୁମ୍ଫାରେ ବୁଧଙ୍କର ପୁନଃନିର୍ମିତ ପ୍ରତିମା ଦେଖିବାକୁ ମିଳେ । ଏହି ସ୍ଥାନ ପ୍ରକୃତିର ଖୁବ୍ ନିକଟରେ ଓ ଭୌତିକବାଦୀ ଦୁନିଆଠାରୁ ବହୁତ ଦୂରରେ । ଅଜନ୍ତା ଗୁମ୍ଫାର ଚୈତ ଗୃହରେ ସୁନ୍ଦର ଚିତ୍ର, ଛାତ ଓ ବଡ଼ ବଡ଼ ଝରକା ରହିଛି । ଖନନ ସମୟରେ ମିଳିଥିବା କେତେକ ଗୁମ୍ଫା ଦେଖିବାକୁ କାଣ୍ଡୋନ, ପିଟାଲଖୋରା, ନାସିକରେ ଥିବା ଗୁମ୍ଫା ପରି । ଚତୁର୍ଥ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ଚୀନୀ ବୌଦ୍ଧ ଯାତ୍ରୀ ଫାହିୟାନ (ଚନ୍ଦ୍ରଗୁପ୍ତ ଦ୍ୱିତୀୟଙ୍କ ଶାସକନକାଳ ସମୟ) ଓ ହୁଏନ୍‌ସାଂ (ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ)ଙ୍କ ଯାତ୍ରା ବୃତ୍ତାନ୍ତରେ ଅଜନ୍ତା ଗୁମ୍ଫାର ତଥ୍ୟ ଦେଖିବାକୁ ମିଳିଥାଏ । ଗୁମ୍ଫାଗୁଡ଼ିକରେ। ଫ୍ରେସ୍‌କୋ ପେଣ୍ଟିଂର ଉପଯୋଗ କରାଯାଇଛି ।

### କେବେ ଯିବେ:

ଅଜନ୍ତା ଗୁମ୍ଫା ବର୍ଷର ସବୁ ସମୟରେ ଖୋଲା ରହେ । କିନ୍ତୁ ପ୍ରତ୍ୟେକ ସୋମବାର ଏହା ବନ୍ଦ ରହେ । ବର୍ଷର ଯେ କୌଣସି ସମୟରେ ଏହି ଗୁମ୍ଫାଗୁଡ଼ିକୁ ଦେଖିବାକୁ ଯାଇପାରିବେ । କିନ୍ତୁ ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ସେଠାରେ ଜଳବାୟୁ ଓ ଥଣ୍ଡା ପାଗ ଥିବାରୁ ପୂରା ବର୍ଷ ଅପେକ୍ଷା ଅଧିକ ମାତ୍ରାରେ ପର୍ଯ୍ୟଟକ ସେଠାକୁ ଯାଇଥାନ୍ତି । ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେଠାରେ ବୁଲି ପାରିବେ ।

### କିପରି ଯିବେ:

ଔରଙ୍ଗାବାଦରୁ ୧୨୦ କି.ମି ଓ ଜଳଗାଓଁଠାରୁ ୬୦ କି.ମି. ଦୂରରେ ଅଜନ୍ତା ଗୁମ୍ଫା ଅବସ୍ଥିତ । ଏହି ଦୁଇଟି ସହରର ପର୍ଯ୍ୟଟନ ସହିତ ସଂଯୋଗ ରହିଛି । ତେଣୁ ଆକାଶମାର୍ଗରେ ଯିବାକୁ ହେଲେ ଔରଙ୍ଗାବାଦ ବିମାନ ବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ବସ୍ ବା ଟ୍ୟାକ୍ସି ଯୋଗେ ଅଜନ୍ତା ଗୁମ୍ଫା ପର୍ଯ୍ୟନ୍ତ ଯାଇପାରିବେ । ଟ୍ରେନରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଜଳଗାଓଁ ପର୍ଯ୍ୟନ୍ତ ଯାଇପାରିବେ । ଏହା ଭାରତର ସମସ୍ତ ସହର ସହିତ ଯୋଡ଼ି ହୋଇ ରହିଛି । ସଡ଼କ ମାର୍ଗରେ ଯିବାକୁ ଚାହୁଁଥିଲେ ମୁମ୍ବାଇ, ମାଣ୍ଡୁ, ବୁରହାନପୁର, ମହେଶ୍ୱର ଓ ନାଗପୁରଠାରୁ ସେଠାକୁ ଯାଇହେବ ।

## ଚମତ୍କାରୀ ଚଷମା



ଦୃଷ୍ଟିଦୋଷ ଦେଖାଗଲେ ଚଷମା ଲଗାଇବାକୁ ହୁଏ । ତେବେ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ସହିତ ଏପରି ଚଷମାସବୁ ପ୍ରସ୍ତୁତ ହୋଇଛି ଯାହା ମୁଣ୍ଡବ୍ୟଥା, କ୍ଳାନ୍ତି ଆଦି ସମସ୍ୟାରୁ ଆରାମ ଦେଇପାରିବ । ତେବେ ଏହି ଚଷମାଗୁଡ଼ିକ ବଜାରକୁ ଆସିସାରିଥିଲେ ବି ଏଗୁଡ଼ିକୁ ନେଇ ଆହୁରି ପରୀକ୍ଷାନିରୀକ୍ଷା ଜାରି ରହିଛି । ଏପରି କେତେକ ହାଇଟେକ୍ ଚଷମା ହେଲା-

**ଏୟୋ ଲାଇଟ୍ ଥେରାପି ଗ୍ଲାସେସ୍:** ଏଲ୍‌ଇଡି ଲାଇଟ୍ ଥିବା ଏହି ଚଷମା ହାଲ୍‌କା ନୀଳ ରଙ୍ଗର ଅଲୋକ ଦେଇଥାଏ ଯାହା ଆଖିକୁ କ୍ଳାନ୍ତିମୁକ୍ତ କରି ଶରୀର ଏବଂ ମନକୁ ସତେଜ କରିଥାଏ । ଏହା ଶରୀରର ଘଣ୍ଟାକୁ ନିୟନ୍ତ୍ରିତ କରି ନିଦ୍ରାହୀନତାରୁ ମୁକ୍ତି ଦେଇପାରେ ।

**ଆମ୍ବଲିଓପିକ୍ସ ଇଲେକ୍ଟ୍ରୋନିକ ସଟର ଗ୍ଲାସେସ୍:**
ଏହି ଚଷମାରେ ଲାଗିଥିବା ଇଲେକ୍ଟ୍ରୋନିକ ସଟର ପ୍ରତି ପାଞ୍ଚ ସେକେଣ୍ଡରେ ଉଚ୍ଚ କ୍ଷମତାସମ୍ପନ୍ନ ଆଖି ସାମ୍ନାରେ ଥିବା ଦୃଶ୍ୟକୁ ଢାଙ୍କି ଦେଇଥାଏ । ତେଣୁ ମସ୍ତିଷ୍କ ଅପେକ୍ଷାକୃତ ଦୁର୍ବଳ ଆଖି ସହାୟତାରେ ଦୃଶ୍ୟ ଦେଖିବାକୁ ଚେଷ୍ଟା କରେ । ଏହାଦ୍ୱାରା ଦୁଇଟି ଆଖି ମଧ୍ୟରୁ ଦୁର୍ବଳ ଥିବା ଆଖିର ଦୃଷ୍ଟିଶକ୍ତିରେ ସୁଧାର ଆସିପାରେ । ଆମ୍ବଲୋପିୟା ବା ‘ଲେଜି ଆଇ’ ସମସ୍ୟା ଥିବ । ଲୋକଙ୍କ ପାଇଁ ଏହି ଚଷମା ଖୁବ୍ ଉପଯୋଗୀ ବୋଲି ବିଶେଷଜ୍ଞ କହନ୍ତି ।


**ଭିଷ୍ଟାମେସ୍ କ୍ଲିପ୍-ଅନ୍ ଗ୍ଲାସେସ୍:** ଏଥିରେ ଦୁଇ ଲେନ୍ସ ମଧ୍ୟରେ ମେଶ୍ ଫିଲ୍‌ଟର ଲଗାଯାଇଛି । ଫଳରେ ଆଖି ଉପରେ ଅଧିକ ଚାପ ପଡ଼ିପାରେ ନାହିଁ । ଉଜ୍ଜ୍ୱଳ ଆଲୋକ ଯୋଗୁ ହେଉଥିବା ସମସ୍ୟା ବି ରହିନଥାଏ । ତେଣୁ ଅଧିକ ପାଳି ଭଳି ଯନ୍ତ୍ରଣାରୁ ମୁକ୍ତ ରହିହୁଏ ।

**ବ୍ଲେଫାଷ୍ଟିମ ଗଗ୍‌ଲସ:** ଏହି ଚଷମାରେ ଛିଦ୍ରସବୁ ରହିଛି ଯେଉଁଥିରେର ମିନେରାଲ ୱାଟର କିମ୍ବା ସାଲାଇନ୍ ଭରାଯାଇଛି । ଅନ୍ କରିବା ଦ୍ୱାରା ଏହି ଛିଦ୍ରଗୁଡ଼ିକରେ ଥିବା ପାଣି କିମ୍ବା ସାଲାଇନ୍ ପଦାର୍ଥ ବାଷ୍ପ ହୋଇ ଆଖିର କୋଷଗୁଡ଼ିକୁ ଆର୍ଦ୍ର କରିଥାଏ । ଫଳରେ ଆଖିର କୋଷ ନଷ୍ଟ ହେବା ତଥା ଦୃଷ୍ଟିଶକ୍ତି ଦୁର୍ବଳ ହେବାର ଆଶଙ୍କା କମିଯାଏ । ଦିନକୁ ଦୁଇଥର ୧୦ ମିନିଟ୍ ଯାଏ ଏହାକୁ ଲଗାଇବା ଲାଭଦାୟକ । ଶୁଖିଲା ଆଖି ଏବଂ ଆଖି ଲାଲ୍ ପଡୁଥିବା ପରି ସମସ୍ୟାରେ ଏହା ଉପଯୋଗୀ ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

**ହୋଲୋରାସ୍ ପିନ୍‌ହୋଲ୍ ଗ୍ଲାସେସ୍:**
ଏହି ଚଷମାର ଦୁଇଟିଯାକ ଲେନ୍ସରେ ଛିଦ୍ରଯୁକ୍ତ ପରସ୍ତ ରହିଛି ଯାହା ପରୋକ୍ଷ ଆଲୋକକୁ ବାଧା ଦେଇଥାଏ । ଫଳରେ ବ୍ୟକ୍ତିଙ୍କୁ ସମ୍ମୁଖ ଦୃଶ୍ୟ ଅଧିକ ସ୍ୱଷ୍ଟ ଦେଖାଯାଏ । ଏହି ଚଷମା ଦୃଷ୍ଟିଶକ୍ତି ବଢ଼ିବାରେ ସହାୟକ ବୋଲି ନିର୍ମାତା ଜଣାଇଛନ୍ତି । ତେବେ ଏହାକୁ ପିନ୍ଧି ଗାଡ଼ି ଚଳାଇବାକୁ ବାରଣ କରାଯାଇଛି ।

## ସ୍ୱାସ୍ଥ୍ୟ ଟିପ୍‌ସ

ସକାଳର ସୂର୍ଯ୍ୟ କିରଣରୁ ମିଳେ ଭିଟାମିନ୍-ଡି; ଏହା ଶରୀର ପାଇଁ ଉପକାରୀ । ବ୍ରିଟେନ୍‌ର ସାଉଥ୍‌ଆମ୍ପଟନ୍ ଓ ଏଡିନ୍‌ବରା ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସୂତ୍ରରୁ ପ୍ରକାଶ ଯେ, ଏହା ମଧ୍ୟ ଉଚ୍ଚ ରକ୍ତ ଚାପ ହ୍ରାସକାରୀ । ମଣିଷର ତ୍ୱଚା ନାଇଟ୍ରିକ୍ ଅକ୍‌ସାଇଡ୍ କଣିକାରେ ଭରପୂର । ଏଗୁଡ଼ିକ ରକ୍ତ ଚାପ ନିୟନ୍ତ୍ରଣକାରୀ । ସୂର୍ଯ୍ୟ କିରଣ ଦେହରେ ପଡ଼ିଲେ, ସ୍ୱଳ୍ପ ସଂଖ୍ୟକ ନାଇଟ୍ରିକ୍ ଅକ୍‌ସାଇଡ୍ କଣିକା ରକ୍ତରେ ମିଶି ରକ୍ତ ଚାପ ହ୍ରାସ କରାଉଥିବା ଗବେଷଣା ଫଳାଫଳରୁ ଜଣାପଡ଼ିଛି




। ରକ୍ତ ଚାପ ହ୍ରାସ ପାଇଲେ ହୃତ୍‌ଘାତର ଆଶଙ୍କା ମଧ୍ୟ କମେ । ଭାରତର ସହରାଞ୍ଚଳରେ ବାସ କରୁଥିବା ସତୁରି ପ୍ରତିଶତ ଲୋକ ରକ୍ତ ଚାପ ଜନିତ ସମସ୍ୟା ଭୋଗୁଛନ୍ତି । ତେଣୁ, ସକାଳର ସୂର୍ଯ୍ୟାଲୋକରେ ସେମାନେ ଭ୍ରମଣର କରିବା ଉଚିତ ।

## କୁର୍ତ୍ତି ୱିଥ ଜିନ୍ସ



କୁର୍ତ୍ତି ଟ୍ରେଣ୍ଡ୍ ସବୁବେଳେ ହିଟ୍ । ଝିଅମାନଙ୍କ ୱାର୍ଡରୋବରେ କୁର୍ତ୍ତି ଥିବା ସ୍ୱାଭାବିକ । ଆଉଟିଙ୍ଗ ହେଉ ବା ଅଫିସ୍, ଯେକୌଣସି ଅବସରରେ ପିନ୍ଧା ଯାଇପାରିବ । କିନ୍ତୁ ପିନ୍ଧିବାର ଉପାୟ ଜଣାଥିବା ଦରକାର । ସାଧାରଣ କୁର୍ତ୍ତିରେ ବି ଆପଣ କିପରି ଷ୍ଟାଇଲିଶ୍ ଦେଖାଯିବେ ଜାଣନ୍ତୁ କିଛି ଟିପ୍ସ ।

**କେଡିୟା କୁର୍ତ୍ତି:**
ଯଦି ଆପଣ ଭାବୁଛନ୍ତି କୁର୍ତ୍ତିରେ ଷ୍ଟାଇଲ୍‌ର କୌଣସି ଅପସନ୍ ନାହିଁ ତା ହେଲେ ଭୁଲ । ହୁଏତ ଆପଣ କେବେ କେଡିୟା କୁର୍ତ୍ତି ଟ୍ରାଏ କରିନଥିବେ । ଉଭୟ ଆଧୁନିକ ଏବଂ ଏଥନିକ ଲୁକ୍ ମିଳିଥାଏ । ଡେନିମ ଆଙ୍କେଲ ଲେନ୍‌ଥ ଜିନ୍ସ ସହିତ କ୍ୟାରି କରନ୍ତୁ । କ୍ଲାସି ଲୁକ୍ ପାଇପାରିବେ ।

**ଆସିମେଟ୍ରିକାଲ୍ କୁର୍ତ୍ତି:**
ଯଦି ଆପଣଙ୍କୁ ଲଙ୍ଗ୍ ଏବଂ ସର୍ଟ କୁର୍ତ୍ତି ପସନ୍ଦ ତା’ ହେଲେ ଆସିମେଟ୍ରିକାଲ୍ କୁର୍ତ୍ତି ପରଫେକ୍ଟ । ଏହାର ଲଙ୍ଗ୍ ଏବଂ ସର୍ଟ ଷ୍ଟାଇଲ ଜିନ୍ସ ସହିତ ଭଲ ମାନିଥାଏ । କିନ୍ତୁ ଜିନ୍ସର ଲେନ୍‌ଥ ଆଙ୍କେଲ୍‌ରୁ ଅଧିକ ହୋଇନଥିବ । କ୍ୟାରି କରିବା ସହଜ ହୋଇଥାଏ ।



**ଡେନିମ୍ କୁର୍ତ୍ତି:**
ଡେନିମ୍ ଫ୍ୟାଶନ ସମସ୍ତଙ୍କୁ ପସନ୍ଦ । ଡେନିମ୍ କୁର୍ତ୍ତି ମଧ୍ୟ ଖୁବ୍ ଷ୍ଟାଇଲିଶ୍ ହୋଇଥାଏ । ଜିନ୍ସ ସହିତ ଷ୍ଟାଇଲ୍ କରିପାରିବେ । ଏହି ଷ୍ଟାଇଲ୍‌କୁ ସବୁଦିନ ଅଫିସ୍ କ୍ୟାରି କରି ଯାଇପାରିବେ । ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ ।



**ସ୍ଲିଟ୍ କୁର୍ତ୍ତି:**
ସ୍ଲିଟ୍ କୁର୍ତ୍ତି ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ । ବଲିଉଡ୍ ଡିଭାମାନେ ମଧ୍ୟ ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି କ୍ୟାରି କରୁଥିବାର ଦେଖିବାକୁ ମିଳନ୍ତି । ତେବେ ଆପଣ ନିଜ ପସନ୍ଦ ଅନୁସାରେ ସାଇଡ୍ ସ୍ଲିଟ୍, ମିଡିଲ୍ ସ୍ଲିଟ୍ କିମ୍ବା ମଲ୍ଟିପଲ୍ ସ୍ଲିଟ୍ କୁର୍ତ୍ତିକୁ ଷ୍ଟାଇଲ କରିପାରିବେ । ପାର୍ଟି ୱିୟର ପାଇଁ ପରଫେକ୍ଟ ଲୁକ୍ ହୋଇଥାଏ । ପାର୍ଟିରେ ଅନ୍ୟମାନଙ୍କ ଠାରୁ ଅଲଗା ଦେଖାଯିବେ ।

**ଆକ୍ସେସରିଜ୍:**
କୁର୍ତ୍ତି ଜିନ୍ସ ସହିତ ମୋଜରି, ଜୁତି କିମ୍ବା ହାଇ ହିଲ୍ ଭଲ ମାନିଥାଏ । କାନରେ ଟ୍ରାଡିସନାଲ୍ ଝୁମ୍‌କା ଗଳାଇ ଦିଅନ୍ତୁ । ଷ୍ଟୋଲ୍ ବ୍ୟବହାର କଲେ ଆହୁରି ଭଲ । ହେୟାର ଷ୍ଟାଇଲ୍‌ରେ ସାଇଡ୍ ବ୍ରେଡ୍ ଏବଂ ବନ୍ ବନେଇ ପାରିବେ । ହଁ, କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୂଆ ପରିବର୍ତ୍ତନକୁ ସଜାଗ...

କରୋନାର ଦ୍ୱିତୀୟ ଓ କେତେକ ରାଷ୍ଟ୍ରରେ ତୃତୀୟ ଲହର ଥମି ଆସିଥିବାବେଳେ ବିଶ୍ୱବାସୀ ଯେତେବେଳେ ଆଶ୍ୱସ୍ତିର ନିଃଶ୍ୱାସ ମାରିବାକୁ ଯାଉଥିଲେ ସେତେବେଳେ ଏକ ନୂଆ ରୂପରେ କରୋନାର କାୟା ପୁଣିଥରେ ଦେଖାଦେଇଛି। କୋଭିଡ୍-୧୯ର ଏହି ନୂତନ ଷ୍ଟ୍ରେନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ 'ଓମିକ୍ରନ' ଭାବେ ନାମିତ କରାଯାଇଛି। ବୈଜ୍ଞାନିକ ପରିଭାଷାରେ ଏହା ବି.୧.୧୫୨୯ ବୋଲି ଚିହ୍ନଟ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ଚିହ୍ନଟ କରାଯାଇଥିବା କରୋନା ମହାମାରୀର ଏହି ନୂତନ ଭୂତାଣୁ ମାତ୍ର ଅଳ୍ପ ଦିନ ଭିତରେ ବିଶ୍ୱର ଆଠଟି ଦେଶକୁ ବ୍ୟାପିସାରିଛି ଏବଂ ଏଥିରେ ଗତ ଏକ ସପ୍ତାହ ଭିତରେ ପ୍ରାୟ ଶହେଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହାର ଦ୍ରୁତ ସଂକ୍ରମଣଶୀଳତା ଏବଂ ମାରକ ପ୍ରଭାବକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବୈଷୟିକ କମିଟି ଚିନ୍ତିତ ହୋଇପଡ଼ିଥିବାବେଳେ ଡବ୍ଲୁଏଚ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କୁ ଏହି ନୂତନ ଭୂତାଣୁ ପ୍ରତି ସାବଧାନ ରହିବା ସକାଶେ ସତର୍କ କରାଇ ଦେଇଛନ୍ତି। ଏହା ବ୍ରିଟେନ୍ ସମେତ କେତେକ ୟୁରୋପୀୟ ରାଷ୍ଟ୍ରରେ ଏଭଳି ଭୂତାଣୁରେ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ପରେ ସଭିଁଏ ଜରୁରି ପଦକ୍ଷେପ ଗ୍ରହଣ କରିଛନ୍ତି। ତତ୍କାଳ ପଦକ୍ଷେପ ଗ୍ରହଣ ସ୍ୱରୂପ ୟୁରୋପୀୟ ସଂଘର ଅଧିକାଂଶ ରାଷ୍ଟ୍ର, ଜାପାନ, ଇସ୍ରାଏଲ ଦକ୍ଷିଣ ଆଫ୍ରିକାକୁ ବିମାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। କାରଣ ଚିହ୍ନଟ ହୋଇଥିବା ଅଧିକାଂଶ ସଂକ୍ରମିତ ନିକଟ ଅତୀତରେ ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଜଣାପଡ଼ିଛି। କରୋନା ମହାମାରୀ ଏ ପର୍ଯ୍ୟନ୍ତ ଆଫ୍ରିକା ମହାଦେଶରେ ସେଭଳି ବ୍ୟାପକ ଆକାରଣ ଧାରଣା କରିନଥିଲେ ସୁଦ୍ଧା ବର୍ତ୍ତମାନ ଏହାର ଯେଉଁ ନୂତନ ପରିବର୍ତ୍ତିତ ସ୍ୱରୂପ ଦକ୍ଷିଣ ଆଫ୍ରିକାର ଚିହ୍ନଟ ହୋଇଛି ତାହା ସେ ଦେଶ ସମେତ ସମଗ୍ର ବିଶ୍ୱରେ କି ପ୍ରକାର ତାଣ୍ଡବ ରଚାଇବ ତାହା ଭୂତାଣୁ ବିଜ୍ଞାନୀମାନେ ନିର୍ଦ୍ଦିଷ୍ଟ ଭାବେ ଆକଳନ କରିପାରୁନାହାଁନ୍ତି। ତେଣୁ ପୂର୍ବଭଳି ସତର୍କତାମୂଳକ ପଦକ୍ଷେପ ଗ୍ରହଣ ସ୍ୱରୂପ ପ୍ରଥମେ ଆନ୍ତର୍ଜାତିକ ବିମାନ ଚଳାଚଳ ଉପରେ କଟକଣା, ବିଦେଶାଗତ ଯାତ୍ରୀମାନଙ୍କୁ କଡ଼ାକଡ଼ି ଭାବେ ସ୍ୱାସ୍ଥ୍ୟ ଯାଂଚ କରିବା ହିଁ ସମ୍ଭାବ୍ୟ ଉପାୟ ହୋଇପାରେ। ଭୂତାଣୁ ବିଜ୍ଞାନୀମାନେ ପ୍ରଥମରୁ ହିଁ ସାର୍ସ କୋଭିଡ-୨ ଭୂତାଣୁର ମ୍ୟୁଟେସନକୁ ନେଇ ଆଶଙ୍କା ବ୍ୟକ୍ତ କରିଆସିଛନ୍ତି। ଯଦି ଏହି ଭୂତାଣୁ ବାରମ୍ବାର ତା'ର କାୟା ପରିବର୍ତ୍ତନ କରେ, ତେବେ ଏହାର ସଂକ୍ରମଣକୁ ଆୟତ୍ତ କରିବା ଏବଂ ପ୍ରତିଷେଧକ ଟିକା ବାହାର କରିବା କଷ୍ଟକର ବ୍ୟାପାର ହୋଇପଡ଼ିବ। ଏବେ ସେହି ଆଶଙ୍କା ହିଁ ସତ୍ୟରେ ପରିଣତ ହେବାକୁ ଯିବା ପରି ପ୍ରତୀୟମାନ ହୁଏ। କରୋନାର ପ୍ରଥମ ଲହର ବେଳେ କେହି ଆଶା କରନଥିଲେ ଯେ ଏହାର ଦ୍ୱିତୀୟ ଲହର ଏଭଳି ମାରକ ଆକାର ଧାରଣ କରିବ। ଏ ପର୍ଯ୍ୟନ୍ତ ୟୁରୋପରେ ପ୍ରାୟ ଚଉଦ ଲକ୍ଷ ଲୋକ କରୋନାର ଶିକାର ହୋଇସାରିଛନ୍ତି। ଡବ୍ଲୁଏଚଓ ଆଶଙ୍କା କରେ ଯେ ଓମିକ୍ରନ୍ ଭୂତାଣୁ ସଂକ୍ରମଣକୁ ଯଦି ଠିକ୍ ସମୟରେ ନିୟନ୍ତ୍ରଣ କରାନଯାଏ, ତେବେ ୨୦୨୨ ମସିହା ମାର୍ଚ୍ଚ ସୁଦ୍ଧା କେବଳ ୟୁରୋପରେ ଆଉ ସାତ ଲକ୍ଷ ପର୍ଯ୍ୟନ୍ତ ଲୋକ ପ୍ରାଣ ହରାଇପାରନ୍ତି। ଏହା ଏକ କଳ୍ପିତ ଆଶଙ୍କା ହୋଇପାରେ। କିନ୍ତୁ ଏଥିପାଇଁ ସତର୍କ ହେବାର ସମୟ ଉପସ୍ଥିତ। ଏବେ ଯେଉଁଭଳି ଭାବେ କଟକଣା ଉଠିସାରିଛି ଏବଂ ଦେଶ ବିଦେଶରୁ ଯାତ୍ରୀମାନେ ବିମାନ ଯାତ୍ରା କରୁଛନ୍ତି ସେଥିରେ ଓମିକ୍ରନ୍ ଭୂତାଣୁ ଯେ ସମଗ୍ର ବିଶ୍ୱକୁ କବଳିତ କରିବା ସକାଶେ ଅଳ୍ପ ସମୟ ନେବ ଏଥିରେ ଦ୍ୱିମତ ଥାଇନପାରେ। ଭାରତ ଦୁଇ ଦଫାରେ କରୋନା ଲହରରୁ ଅନେକ କ୍ଷତି ସହିଛି ଏବଂ ଦେଶରୁ ଅନେକ ଲୋକ ପ୍ରାଣ ହରାଇଛନ୍ତି। ତେଣୁ ବେଳହୁଁ ସତର୍କ ରହିବା ହିଁ ବିଜ୍ଞତାର ପରିଚୟ। କେନ୍ଦ୍ର ଓ ରାଜ୍ୟ ସରକାର ଟିକାକରଣ ପ୍ରତି ଯେଉଁଭଳି ଗୁରୁତ୍ୱ ପ୍ରଦାନ କରୁଛନ୍ତି ନୂତନ ଭୂତାଣୁର ସମ୍ଭାବ୍ୟ ମୁକାବିଲା ସକାଶେ ଅନୁରୂପ ପଦକ୍ଷେପ ଗ୍ରହଣ କରିବା ଜରୁରି। ଏବେ ଦେଶର ସ୍ୱାସ୍ଥ୍ୟ ସଂସାଧନ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ଲୋକମାନେ ମଧ୍ୟ ସତର୍କ ରହିବା ସହିତ ଟିକାଗ୍ରହଣ ସକାଶେ ଆଗ୍ରହ ପ୍ରକଟ କରୁଛନ୍ତି। ସେପରିସ୍ଥଳେ କୋଭିଡ୍ ଉପଯୁକ୍ତ ଆଚରଣ ଆପଣାଇ ସତର୍କ ରହିବା ହିଁ ସମ୍ଭାବ୍ୟ ବିପଦକୁ ଟାଳିବାର ପନ୍ଥା ହୋଇପାରେ। ବିଶ୍ୱ ଉପରୁ କରୋନାର କଳା ବାଦଲ ଅପସରିବା ଆରମ୍ଭ କରିଛି ବୋଲି ଯାହା ଆଶା କରାଯାଉଥିଲା, ପ୍ରକୃତ ପକ୍ଷେ ସ୍ଥିତି ସେତିକି ଅନୁକୂଳ ନୁହେଁ। ଏଥିପାଇଁ ଆହୁରି ସମୟ ବାକି ଅଛି!

## ବିଲରେ ନିଆଁ, ବାୟୁରେ ଖେଳୁଛି ଧୂଆଁ: ବଞ୍ଚିବା ଦୁଷ୍କର! ସଚେତନତା ଜରୁରୀ



ପ୍ରଦୋଷ କୁମାର ଦାସ

ଫସଲ ଅମଳ ପରବର୍ତ୍ତୀ ବିଲରେ ନଡା ପୋଡି କାରଣରୁ ଏବେ ପଂଜାବ ଓ ହରିଆଣା ରାଜ୍ୟର ବାୟୁମଣ୍ଡଳରେ ଅଂଗାରକାମ୍ଳର ପରିମାଣ ଏତେ ବଢିଯାଇଛିଯେ, ସେଠାରେ ବାହାରକୁ ବାହାରିବା ମୁସ୍କିଲ ହୋଇଗଲାଣି। ଆମ ଦେଶର ରାଜଧାନୀ ଦିଲ୍ଲୀ ର ଅବସ୍ଥା ମଧ ସଂଗୀନ ହେବାକୁ ଲାଗିଲାଣି। ସଂପ୍ରତି ଉତ୍ତରପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେଉଥିବାରୁ ଉପରୋକ୍ତ ଦୁଇ ରାଜ୍ୟରୁ ଏହି ନଡାପୋଡିରୁ ସୃଷ୍ଟ ବିଷାକ୍ତ ଧୂଆଁ ଓ ଉଡନ୍ତା ପାଉଁଶ ପବନରେ ମିଶି ପ୍ରଦୂଷିତ ବାୟୁ ଆକାରରେ ଦିଲ୍ଲୀ ଆଡକୁ ପ୍ରବହମାନ ହେଉଅଛି। ଫଳରେ ଏହି ନଡାପୋଡି ଜନୀତ ପ୍ରଦୂଷିତ ବାୟୁ ଅବିରତ ପ୍ରବହମାନ କାରଣରୁ ସମୟେ ସମୟେ ସମଗ୍ର ଦିଲ୍ଲୀରେ ବାୟୁର ମାନ ମଧ ବିପଦଜନକ ଅବସ୍ଥାକୁ ଚାଲିଯାଉଛି। ଯାନବାହାନ ଓ କାରଖାନାରୁ ନିର୍ଗତ ଧୂଆଁ ପରେ ଆଧୁନିକ କୃଷକର ଅବିମୃଶ୍ୟକାରୀତା କାରଣରୁ ଧାନ ଫସଲର ଅମଳ ପରବର୍ତ୍ତୀ ବିଲରେ ପରିତ୍ୟକ୍ତ ନଡାପାଳ ପୋଡିରୁ ସୃଷ୍ଟ ଧୂଆଁ ଏବେ ସମଗ୍ର ଦେଶରେ ଅନ୍ତେ ବହୁତେ ମୁଣ୍ଡ ବ୍ୟଥାର କାରଣ ପାଲଟିବାରେ ଲାଗିଛି। ଜନସାଧାରଣ ଏହି କାରଣରୁ ଅଯଥାରେ ସ୍ମଗ୍(କୁହୁଡି ମିଶା ଧୂଆଁ) ର ଚାଦରରେ ଢାଙ୍କି ହୋଇଯାଇ ଅଯଥାରେ ଜୀବନଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏହି କାରଣରେ ପ୍ରଭାବିତ ଜନସାଧାରଣ ଗଳା କୁଣ୍ଡେଇ ହେବା, ଆଖି କୁଣ୍ଡାଇ ହୋଇ ପାଣି ବୋହିବା,ଅଣନିଶ୍ୱାସୀ ଓ ଧଇଁସଇଁ ହେବା ଭଳି ବିଭିନ୍ନ ସମସ୍ୟାରେ ପୀଡିତ ହେଉଛନ୍ତି। ଲୋକଙ୍କର ଫୁସଫୁସ ସମସ୍ୟା ସୃଷ୍ଟି ହୋଇ କେତେକଙ୍କର ଫୁସଫୁସ ମଧ ଫୁଲିଯାଇ ପରେ ସାଂଘାତିକ ଭାବେ ଜୀବନ ନାଶକ ବ୍ୟାଧିରେ ପୀଡିତ ହେଉଛନ୍ତି।

ସୂଚନାଯୋଗ୍ୟ ବାୟୁ ମାନସୂଚକାଙ୍କ ବା ଏକ୍ୟୁଆଇ ଶୂନ୍ୟରୁ ୫୦ ମଧରେ ରହିଲେ 'ଉତ୍ତମ', ୫୧ରୁ୧୦୦ ମଧରେ ରହିଲେ' ସନ୍ତୋଷଜନକ',୧୦୧ରୁ ୨୦୦ ମଧରେ ରହିଲେ 'ମଧ୍ୟମ',୨୦୧ରୁ ୩୦୦ ମଧରେ ରହିଲେ 'ଖରାପ',୩୦୧ ରୁ ୪୦୦ ମଧରେ ରହିଲେ ' ଅତି ଖରାପ', ୪୦୧ରୁ ୫୦୦ ମଧରେ ରହିଲେ' ଅତି ବିପଦଜନକ' ବୋଲି ବିଚାର କରାଯାଏ। ସୂଚନାଯୋଗ୍ୟ ଏବେ ଦିଲ୍ଲୀ ପ୍ରଦୂଷଣ ୬୦୦ ଉପରେ ରହିଅଛି। ହରିଆଣା ପଂଜାବରେ ମଧ ଏହି ନଡା ପୋଡି ସମୟରେ ସେଠାର ବାୟୁ ମଣ୍ଡଳର ମାନ ତତ୍ତୁଲ୍ୟ ଅବସ୍ଥାରେ ପହଞ୍ଚିଯାଉଛି। ଏବେ ଦିଲ୍ଲୀ ସରକାର ଏବାବଦରେ କଡା ପଦକ୍ଷେପ ନେଇ ନଡା ପୋଡି ଉପରେ କଡା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଦିଲ୍ଲୀ ସରକାର ଏବେ ଧୂମାଛନ୍ନ ଅଂଞ୍ଚଳରେ ହେଲିକପ୍ଟର ଲଗାଇ ଜଳ ସିଞ୍ଚନ କରି ପରିବେଶକୁ ହାଲୁକା କରୁଛନ୍ତି। ଯନ୍ତ୍ରପ୍ରେମୀ ଆଧୁନିକ ମଣିଷ ଏବେ ନିଜର ଅପରିଣାମଦର୍ଶିତାରୁ କ୍ରମେ ନିଜ ପାଇଁ ନିଜେ ଗାତ ଖୋଳି ନିଜର ଜୀବନ ନାଶକ ପାଲଟି ସାକ୍ଷାତ୍ ଭସ୍ମାସୁର ପାଲଟିବାରେ ଲାଗିଛନ୍ତି । ଏଥି ପ୍ରତି କାହାର ତିଳେ ମାତ୍ର ସଚେତନତା ଥିବାର ମନେ ହେଉନାହିଁ।କେବଳ ଦିଲ୍ଲୀ, ପଂଜାବ, ହରିଆଣା ରାଜ୍ୟ କାହିଁକି ଦେଶର ସବୁ ରାଜ୍ୟର ପରିବେଶ ଏବେ ମାତ୍ରାଧିକ ପ୍ରଦୂଷିତ । ଯାନବାହାନ ଓ କଳକାରଖାନାରୁ ନିର୍ଗତ ଧୂଆଁ ସମେତ କ୍ଷେତ/ ବିଲରେ ଫସଲ ଅମଳ ପରବର୍ତ୍ତୀ ପରିତ୍ୟକ୍ତ ନଡାପାଳରେ ନିଆଁ ଲଗାଯାଉଥିବାରୁ ପରିବେଶର ତାପନ ବୃଦ୍ଧି ପାଇ ବାୟୁମଣ୍ଡଳରେ ଅଂଗାରକାମ୍ଳ ପରିମାଣ ବୃଦ୍ଧି ପାଇବାରେ ଲାଗିଛି।

ଏବେ ଧାନ ଫସଲ ଅମଳ ଋତୁ ଆରମ୍ଭ ହୋଇ ସାରିଥିବାରୁ ଅମଳ ପରବର୍ତ୍ତୀ ବିଲରେ ପରିତ୍ୟକ୍ତ ନଡା ପୋଡି ଆରମ୍ଭ ହୋଇସାରିଲାଣି। ସହଳ ଅମଳ ଧାନ କିସମର ବିହନ ବୁଣାଯାଇଥିବା ବିଲରେ ଚାଷୀଭାଇ ଅମଳ କଲାଣି। ବର୍ଷାକୁ ଦେଖି ତରତର ଚାଷୀ ଅଧାପାଚିଲା ଧାନକୁ ଅମଳ କରିବାକୁ ବସିଲେଣି।

ଆଉ ଆଗ ଭଳି ବିଲରେ ମଜୁରୀ ଲଗାଇ ଦାଆରେ ଧାନ କାଟି ଖଳାରେ କଳେଇ ଗଦାମାରିବା ଓ ପରେ ବଳଦ ସହଯୋଗରେ ବେଙ୍ଗଳା ବୁଲାଇ ଧାନ କଳେଇରୁ ଅମଳ ଧାନ ସଂଗ୍ରହ କରିବା ପଦ୍ଧତିରେ ଅଧିକ ଖର୍ଚ୍ଚ ଓ ସମୟ ସାପେକ୍ଷ ବୋଲି ଏବେ ଅଗ୍ରହଣୀୟ ହୋଇସାରିଲାଣି। ବିଲରେ ଧାନ ବୁଣାଠାରୁ ଅମଳ ଯାଏଁ ଆଧୁନିକ ଯନ୍ତ୍ରଚାଳିତ ମେସିନର ଚାହିଦା ବଢିଛି। ଏବେ ସବୁଆଡେ ଥ୍ରେସର ମେସିନରେ ବିଲରୁ ଧାନ ଅମଳ ସୁବିଧାରେ ହୋଇଯାଉଛି। ମନଖୁସୀରେ ଚାଷୀ ଅମଳ ଧାନକୁ ବସ୍ତାରେ ବାନ୍ଧି ଘରକୁ ନେଇଯାଉଛି। ଥ୍ରେସର ମେସିନରୁ ବାହାରିଥିବା ଗଦା ଗଦା ଗୁଣ୍ଡ ନଡାପାଳକୁ ସେହି ବିଲରେ ପରିତ୍ୟକ୍ତ ଅବସ୍ଥାରେ କାହିଁକି ପଡିବ ବୋଲି ସେଥିରେ ଚାଷୀ ନିଆଁ ଲଗାଇ ଘରେ ଯାଇ ନିଶ୍ଚିନ୍ତ ଶୋଉଛି। ଏହି ନିଆଁ ଓ ଧୂଆଁ ପବନରେ କୁହୁଳି କୁହୁଳି ଚାରିଆଡକୁ ଖେଳାଇଯାଇ ସ୍ଥାନୀୟ ଅଂଚଳକୁ ଧୂମାଛନ୍ନ କରି ରଖୁଛି। ଫଳରେ ସ୍ଥାନୀୟ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି।ବାୟୁମଣ୍ଡଳରେ ପ୍ରବହ ପବନରେ ଅଂଗାରକାମ୍ଳ ପରିମାଣ ବୃଦ୍ଧି ପାଉଛି। ଏବେ ସବୁଠାରେ ଶୁଦ୍ଧ ପବନର ଅଭାବ ରହୁଛି। ବାୟୁମଣ୍ଡଳରେ ଅମ୍ଳଜାନ ପରିମାଣ ହ୍ରାସ ପାଉଛି। କେବଳ ସେତିକି ନୁହେଁ, ଏହି ଅବାଞ୍ଛିତ ନିଆଁ ଓ ଧୂଆଁର ତାପନରେ ଆଖପାଖ ବିଲ ହୁଡାରେ ରହିଥିବା ଛାୟା ପ୍ରଦାନକାରୀ ଗଛବୃକ୍ଷଆଦି ପ୍ରଭାବିତ ହୋଇ ପୋଡିଜଳି ନଷ୍ଟ ହୋଇଯାଉଛି। ବିଲରେ ହୁତୁହୁତୁ ହୋଇ ଜଳୁଥିବା ନିଆଁ ଓ କୁହୁଳା ଧୂଆଁର ପ୍ରଭାବରେ ଆଖପାଖ ଜନ ବସତି ତଥା ଆଖ ପାଖ ରାସ୍ତାରେ ଆତଯାତ କରୁଥିବା ଜନସାଧାରଣ, ଯାନବାହାନ ଆରୋହୀ ଅଣନିଶ୍ୱାସ ହେଉଛନ୍ତି। ଏଥିରେ ଆକ୍ରାମାକ୍ତା ଲୋକେ ହାହୁତାଶରେ ପ୍ରତିବାଦ କଲେ ମଧ ଜଳୁଥିବା ବିଲଠାରୁ ଦୂରରେ ରହୁଥିବା ଚାଷୀଭାଇଟି ତାର ଏପ୍ରକାର ଅପରିଣାମଦର୍ଶିତାକୁ ଜାଣି ମଧ ଅଜଣା ରହିଯାଏ। ପରିବେଶରେ ଅଂଗାରକାମ୍ଳ ବୃଦ୍ଧି ପାଇଲେ କେବଳ ମଣିଷ କାହିଁକି, ଆମ ପରିବେଶର ସମସ୍ତ ପ୍ରାଣୀ ଜଗତ ଅମ୍ଳଜାନ ଅଭାବ ଜନୀତ ଶ୍ୱାସପ୍ରଶ୍ୱାସ ଜନୀତ ସମସ୍ୟାରେ ସମ୍ମୁଖୀନ ହେବେ। କାରଣ ତାର ବିଲରେ ଜଳୁଥିବା ଏହି ପରିତ୍ୟକ୍ତ ଗୁଣ୍ଡ ନଡାପାଳ ଜଳିଗଲେ ପାଉଁଶ ହୋଇ ତାର ବିଲକୁ କାଳେ ପଟାସ ଭଳି କାମ କରିବ।ହେଲେ ଚାଷୀ ଭାଇ ଭୂଲିଯାଉଛି, ଏହି ଅପରିଣାମଦର୍ଶିତା କାରଣରୁ ବିଲରେ ଜଳୁଥିବା ନଡାପାଳର ନିଆଁ ସାରା ବିଲରେ ଖେଳାଇଯାଇ ବିଲର ବତର ନଷ୍ଟ କରିବା ସହ ମାଟିର ସାଥି ଉପକାରୀ ଜିଆ ଓ ଜୀବାଣୁ ମରିଯାଉଛନ୍ତି। ଫଳରେ ମାଟିର ଉର୍ବରା ଓ ମାଟିର ନମନୀୟତା ନଷ୍ଟ ହୋଇଯାଉଛି। ଏପରି ପ୍ରତିବର୍ଷ ଚାଲୁରହିଲେ ଆଗାମୀ ଦିନରେ ଜମି କ୍ରମେ ଅନାବାଦି ହୋଇଯିବା ନିଃସନ୍ଦେହ ଅଟେ।

ଏଣୁ ଧାନ ଅମଳ ପରବର୍ତ୍ତୀ ବତର ଜମିରେ ମୁଗ, ବିରି ଆଦି ତୈଳବିଜ ଫସଲ ଚାଷ କରିବା ଉଚିତ୍। ଏଥିରେ ଉକ୍ତ ତୈଳବିଜ ଫସଲ କାଟ ପରେ ପରିତ୍ୟକ୍ତ ପତ୍ର ଓ ଖୁଣ୍ଟାଦି ସମେତ ମାଟିରେ ରହିଯାଇଥିବା ଏହାର ଚେର ଓ ଗଣ୍ଠିରେ ଗଚ୍ଛିତ ଯବକ୍ଷାରଯାନ ସାର ସବୁଜ ସାର ଭଳି ମାଟିକୁ ମିଳିଥାଏ । ଏହା ଉକ୍ତ ତୈଳବିଜ ଆଦି ଫସଲର ଅମଳ ପରବର୍ତ୍ତୀ କ୍ଷେତ/ ବିଲର ମାଟିକୁ ପୁନରାୟ କର୍ଷଣ ସମୟରେ କ୍ଷେତର ମାଟି ଫସଫସିଆ ହୋଇ ଆଗାମୀ ଧାନ ଫସଲ ଚାଷାଦି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଧାନ ଫସଲ ଅମଳ ପରେ ପରେ ତୈଳବିଜ ଫସଲ ଅମଳ ପାଇଁ ସରକାର ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ କୃଷି ବିଭାଗ ମାଧ୍ୟମରେ ସରକାରୀ ଯୋଜନା ପ୍ରଣୟନ ସହ କୃଷି ଋଣ ମଧ ଯୋଗାଇଦେଉଛନ୍ତି। ଏହାର ସବିଶେଷ ତଥ୍ୟ ସ୍ଥାନୀୟ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରି ଚାଷୀଭାଇ ଧାନ ଚାଷ ପରବର୍ତ୍ତୀ ମୁଗ, ବିରି, ରାଶି ବାଦାମ ଭଳି ବିଭିନ୍ନ ଅର୍ଥକାରୀ ତୈଳବିଜ ଫସଲ ଅମଳ କରିହେବ। ଏଥିପାଇଁ ଚାଷୀ ଭାଇ ପରିବେଶ ଅନୁକୂଳ ଚିନ୍ତା କରିବା ବିଧେୟ। ଧାନ ଚାଷ ପରବର୍ତ୍ତୀ ଜମିରେ ପରିତ୍ୟକ୍ତ ଟୁକୁରା ଗୁଣ୍ଡ ନଡା/ ପାଳକୁ ବୁଲା ଗାଈଗୋରୁ ଚାରଣ କଲାବେଳେ ଗୋବର ପକାଇ ପାରନ୍ତେ। ବିଲରେ ଖସି ପଡିଥିବା ଶସ୍ୟାଦିକୁ ପକ୍ଷୀମାନେ ଟୁଙ୍କିଲା ବେଳେ ମଳ ତ୍ୟାଗ କରିପାରନ୍ତେ। ଅମଳ ପରବର୍ତ୍ତୀ ଜମିରେ ପରିତ୍ୟକ୍ତ ନଡା ଓ ଖସିପଡିଥିବା ଶସ୍ୟକୁ ନିରୀହ ପଶୁପକ୍ଷୀ ଆହାର କଲାବେଳେ ସେମାନଙ୍କର ମଳମୁତ୍ରାଦି ପରୋକ୍ଷରେ ଜମିକୁ ଉର୍ବରା କରିବାରେ ସାହାର୍ଯ୍ୟ କରିପାରନ୍ତା। ଚାଷୀଭାଇ ପରିବେଶ ସହାୟକ ମାନସିକତା ମନୋଭାବ ପୋଷଣ ନକଲେ ନଡାପୋଡି ଦିନେନା ଦିନେ ଆମ ସମସ୍ତଙ୍କୁ ପ୍ରଦୂଷଣ ଗହ୍ୱରକୁ ଠେଲିନେଇ ଜୀବନ ନାଶକ ପାଲଟିବା ନିଃସନ୍ଦେହ।


+ନାଟୁଣୀ,ଖୋରଧା,
ପିନ୍-୭୫୨୦୩୪
ମୋ:୬୩୭୦୪୯୫୯୪୪


## ସମୁଦ୍ର ତଳର ଦେଶ



ସୁରେନ୍ଦ୍ର ନାଥ ଦାଶ

ୟୁରୋପର ଉତ୍ତର-ପଶ୍ଚିମ ଉପକୂଳରେ ସମୁଦ୍ର ପ ନ ର ଅଳ୍ପ ଉପରେ(୧ ମିଟର), କିମ୍ବା ନିମ୍ନ ରେ ଥିବା ବୈଚିତ୍ରପୂର୍ଣ୍ଣ ଦେଶର ନାମ ହଲାଣ୍ଡ ବା ନେଦର ଲ୍ୟାଣ୍ଡ(ପାତାଳ ର ଦେଶ) । ଏହାର ଲୋକ ମାନେ ଡଚ ବା ଓଲନ୍ଦାଜ ନାମରେ ପରିଚିତ । ଏହି ଦେଶ ନିଜର ଫୁଲ, ପବନ କଳ, ବନ୍ଧ, କେନାଲ ଓ ସାଇକେଲ ପାଇଁ ବିଶ୍ୱ ପ୍ରସିଦ୍ଧ । ଇହୁଦୀ ଲେଖିକା ଆନା ଫ୍ରାଙ୍କ ନାଜୀ ମାନଙ୍କ ଦ୍ୱାରା ଏହି ଦେଶରେ ନିର୍ଯାତନା ଶିବିରରେ ରହିଥିଲେ ଓ ନିଜର ପ୍ରସିଦ୍ଧ ପୁସ୍ତକ, ଡାଆରୀ ଅର୍ଥ ଏ ୟଙ୍ଗ ଗାର୍ଲ ରଚନା କରିଥିଲେ । ଏହାର ଟ୍ୟୁଲିପ ଫୁଲକୁ ନେଇ ପ୍ରସିଦ୍ଧ ବ୍ଲାକ ଟ୍ୟୁଲିପ ବହି ଲେଖା ହୋଇଛି । ବେଲଜିଅମ, ଲକ୍ସେମବର୍ଗ ଓ ହଲାଣ୍ଡକୁ ନେଇ ନିମ୍ନ ୟୁରୋପ ନାମରେ ନାମିତ କରା ହୋଇଛି । ୟୁରୋପର ମୁଖ୍ୟ ନଦୀ ରାଇନ, ସିଡ଼, ମୁସ ଆଦି ଏହି ଦେଶ ଦେଇ ସାଗରରେ ପଡିଛନ୍ତି ଓ ପ୍ରଶସ୍ତ ମୁହାଣ ବା ଏଷ୍ଟୁଆରୀ ସୃଷ୍ଟି କରିଛନ୍ତି । ଦେଶର କ୍ଷେତ୍ରଫଳ ମାତ୍ର ୪୨ ହଜାର ବର୍ଗକିମି । ସେଥିରୁ ଭୂମି ୩୩ ହଜାର ବର୍ଗ କିମି । ଲୋକ ସଂଖ୍ୟା ପ୍ରାୟ ୧.୭ କୋଟି । ଜନସଂଖ୍ୟା ସାନ୍ଦ୍ରତା ବର୍ଗ କିମି ପ୍ରତି ୫୦୦ । କ୍ଷୁଦ୍ର ଦେଶ ହେଲେ ମଧ୍ୟ ଏହା ପୃଥିବୀ ର ଅଷ୍ଟମ ଆର୍ଥିକ ଶକ୍ତିଶାଳୀ ଦେଶ । । ଏଉଚ ରେ ସ୍ଥାନ ୧୭(୧.୨ ଟ୍ରିଲିଅନ) । ଖାଦ୍ୟ ଶସ୍ୟ ରପ୍ତାନୀରେ ମଧ୍ୟ ପ୍ରଥମ ।ଏହାର ବନ୍ଦର ଆମଷ୍ଟର ଡାମ ୟୁରୋପର ସବୁଠାରୁ ବ୍ୟସ୍ତ ବହୁଳ ବନ୍ଦର । ରୋଟର ଡାମଠାରେ ପୃଥିବୀର ପ୍ରଥମ ଷ୍ଟକ ଏକ୍ସଚେଞ୍ଜ ଓ ଅର୍ଥନୀତିରେ ବୁଲ ଆଣ୍ଡ ବିଅର ଚିନ୍ତାଧାରା ଜନ୍ମ ନେଇଥିଲା । ଏହି ଦେଶ ଆଗରୁ ମହାସାଗର ଜଳ ଦ୍ୱାରା ପ୍ଲାବିତ ହେଉଥିଲା । ପିଟ କୋଇଲା ଖୋଳି ଅସଂଖ୍ୟ ନିମ୍ନ ଭୂମି ସୃଷ୍ଟି କରାଗଲା । ନଦୀ ମାନଙ୍କରେ ମଧ୍ୟ ବନ୍ୟା ଆସି ଜମି ସବୁ ବୁଡାଇ ଦେଉଥିଲା । ଫସଲ ହୋଇପାରିଲା ନାହିଁ । ପ୍ରକୃତି ବିରୁଦ୍ଧ ରେ ସଂଗ୍ରାମ କରି ଡଚ ମାନେ ବନ୍ଧ, ବାଡ, ଡାଇକ , ସ୍ଲୁଇସ କେନାଲ ମାନ ତିଆରି କରି ନିଜର ଦେଶକୁ ସୁରକ୍ଷା ଦେଲେ ଓ ଅଗଭୀର ସମୁଦ ତଳର ଜମିକୁ ଉଦ୍ଧାର କରି ନିଜ ଦେଶରେ ମିଶାଇଲେ । ଦେଶର ପ୍ରାୟ ୨୦ ଶତକଡା ଜମି ସମୁଦ୍ର ରୁ ଉଦ୍ଧାର ହୋଇଛି । ଯାହା ୟୁଇଡରଜି ନାମରେ ପରିଚିତ ହୋଇଛି । ସବୁବେଳେ ପବନ ବହୁଥିବାରୁ କେଉଁ କାଳରୁ ସବୁଆଡେ ଅସଂଖ୍ୟ ପବନ କଳ ଦ୍ୱାରା ପାଣି ନିଷ୍କାସନ କରାଯାଏ। ଫଳରେ ପ୍ରଚୁର ଫସଲ ଅମଳ ହେଲା । ବନ୍ଧ କଡରେ ବହୁତ ଘାସ ମଧ୍ୟ ବଢି ଗୋପାଳନ ରେ ସାହାଯ୍ୟ କଲା । ସମୁଦ୍ରରୁ ପ୍ରଚୁର ମାଛ ମିଳେ। ସବୁଆଡେ ଟ୍ୟୁଲିପ ଫୁଲ ଲଗାଯାଏ । ଘାସ ମିଳୁଥିବାରୁ ଅସଂଖ୍ୟ ଗାଇ ରଖି ପ୍ରଚୁର କ୍ଷିର ରପ୍ତାନୀ ହୁଏ । ଏକ କୌଶଳୀ ନାବିକ ଜାତି ରୂପେ ଏମାନେ ବିଶ୍ୱରେ ବିଖ୍ୟାତ। ମଧ୍ୟ ଯୁଗରେ (ସ୍ୱର୍ଣ୍ଣିମ ଯୁଗ-୧୭ ଶତାବ୍ଦୀ) ପୃଥିବୀର ଅନେକ ସ୍ଥାନରେ ସେମାନେ ଉପନିବେଶ ଓ ବାଣିଜ୍ୟ କୋଠୀ ମାନ ସ୍ଥାପନା କରିଥିଲେ । ଏସିଆର ଇଣ୍ଡୋନେସିଆ ଦ୍ୱୀପ ପୁଞ୍ଜ, ଦକ୍ଷିଣ ଆଫ୍ରିକା(ବୁଅର ଲାଣ୍ଡ ,କେପ କଲେନି), ଦକ୍ଷିଣ ଆମେରିକା,ଉତ୍ତର ଆମେରିକା, ତାଇୱାନ, ସୁରିନାମ ଓ ପଶ୍ଚିମ ଭାରତୀୟ ଦ୍ୱୀପ ପୁଞ୍ଜରେ ଉପନିବେଶ ସ୍ଥାପନ କରିଥିଲେ । ଆମେରିକାର ମାନହାଟନ ଠାରେ ନିୟୁ ଆମଷ୍ଟରଡାମ ବସତି, ଦକ୍ଷିଣ ଆମେରକାରେ ବୋଅର ଲାଣ୍ଡ, ଦକ୍ଷିଣ ଆମେରିକାରେ ନିୟୁ ହଲାଣ୍ଡ ସ୍ଥାପନ କରିଥିଲେ । ୧୬୮୦ ମସିହା ବେଳକୁ ଡଚ ମାନଙ୍କର ୧୬ ହଜାର ଜାହାଜ ଥିଲା । ଆମଷ୍ଟର ଡାମ ପୃଥିବୀର ସବୁଠାରୁ ଧନୀ ସହର ଥିଲା । ସେମାନଙ୍କ ଅଧିନରେ ଏବେ ମଧ୍ୟ କାରିବିଆନ ଦ୍ୱୀପ ପୁଞ୍ଜର କେତେକ ଦ୍ୱୀପ ରହି ଅଛି ।

ବିଭିନ୍ନ ସମୟରେ ଏହା ରୋମାନ, ଭାଇକିଙ୍ଗ ଫ୍ରାନ୍ସ, ଜର୍ମାନ, ହୋଲି ରୋମାନ ଏମ୍ପାୟାର ଓ ସ୍ପେନ ର ଅର୍ନ୍ତଗତ ହୋଇଥିଲା । ୧୭୯୫ ମସିହାରେ ଏହା ସ୍ୱାଧିନ ହେଲା । ଦ୍ୱିତୀୟ ମହାଯୁଦ୍ଧରେ ଏହା ୫ ବର୍ଷ ପାଇଁ ଜର୍ମାନି ଦ୍ୱାରା ଅଧିକୃତ ହେଲା ଓ ଏଠାରେ ବହୁ ସଂଖ୍ୟକ ଇହୁଦୀଙ୍କୁ ହତ୍ୟା କରାଯାଇଥିଲା । ଆମରଷ୍ଟରଡାମ ବ୍ଲିଜ ନାମରେ ନାମିତ ବମ ମାଡ ଦ୍ୱାରା ସହର ଧ୍ୱଂସ ହୋଇଥିଲା । ଏଠାରେ ଏବେ ସାମ୍ବିଧାନିକ ରାଜତନ୍ତ୍ର ଚାଲୁଛି । ରାଜା ଏହାର ନାମ ମାତ୍ର ଶାସନ ମୁଖ୍ୟ । ପାର୍ଲାମେଣ୍ଟ ହାତରେ ସମସ୍ତ କ୍ଷମତା ଅଛି । ମଧ୍ୟ ଯୁଗରେ କାଥୋଲିକ ପ୍ରୋଟେଷ୍ଟା ବିବାଦ ଏଠାରେ ତୀବ୍ର ଥିଲା । ହଜାର ହଜାର ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ବର୍ତ୍ତମାନ ସହନଶୀଳତା ଓ ପୃଥକତା ପ୍ରତିଷ୍ଠା ହୋଇଛି । (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ଗାଁ ପ୍ରେମିକା



ପ୍ରଶାନ୍ତ କୁମାର ନାଥ

ଗାଆଁ ପ୍ରେମ ଆଉ ଗାଆଁର ପ୍ରେମିକା
ନିଆରା ନିଆରା ଲାଗନ୍ତି
ଛଳନା ନଥାଏ ପ୍ରେମରେ ତାଙ୍କର
ମନ ଦେଇ ଭଲ ପାଆନ୍ତି ।
ଗାଆଁର ପ୍ରେମଟି ଲୁଚାଛପା ହୁଏ
ନଈପଠା ଆମ୍ବ ତୋଟାରେ
ପ୍ରମିକା ସାଥିରେ ଦେଖାହୁଏ ପୁଣି
ରହିଥିବା ଭଙ୍ଗା କୋଠାରେ ।
ଗାଆଁର ପ୍ରେମିକା ସଜେଇ ହୁଏନି
ବିଉଟି ପାଲର୍ ଯାଇକି
ସେମିତି ସୁନ୍ଦରୀ ଦିଶୁଥାଏ ସିଏ
ଆଖିରେ କଜ୍ଜଳ ନାଇକି ।
ଗାଆଁର ପ୍ରେମିକା ଜିନ୍ସ ପିନ୍ଧେନି
କରେନାହିଁ ବେଶି ଷ୍ଟାଇଲି
ତଥାପି ଦିଶଇ ବହୁତ ସୁନ୍ଦରୀ
ଓଠ ଧାରେ ମିଠା ସ୍ମାଇଲି ।
କୃତ୍ରିମ ସୁନ୍ଦରୀ ସାଜୁନାହିଁ ସିଏ
ସ୍ନୋ ଓ ପାଉଡର ବୋଳିକି
ହୃଦୟ ତାହାର ସୁନ୍ଦର ନିମର୍ଳ
ରଖୁଛି ପ୍ରେମରେ ବାନ୍ଧିକି ।
ଭୟମିଶା ପ୍ରେମ ଗାଆଁ ପ୍ରେମିକାରେ
ପ୍ରେମର ମଜ୍ଜାଟା ନିଆରା
ଚାହାଣୀ ତାହାର କାହାଣୀ କୁହଇ
କଥା କୁହେ ଆଖି ଇସାରା ।
ପଦିଏ କଥାରେ କହିଦିଏ ସବୁ
ସୁଯୋଗ ଟିକିଏ ପାଇଲେ
ସ୍ୱାଥର୍ରୁ ଟିକିଏ ନଥାଏ ପ୍ରେମରେ
ଥରୁଟିଏ ଭଲ ପାଇଲେ ।
ଗାଆଁ ପ୍ରେମିକାକୁ ପ୍ରେମ କରୁଥିଲେ
ଅଠା ପରି ରହେ ଲାଖିକି
ପ୍ରେମଟି ତାହାର ସ୍ୱଚ୍ଛ ଓ ନିମର୍ଳ
ଚାଲିଯାଏ ନାହିଁ ଭୁଲିକି ।


♥ ସୁନ୍ଦରପୁର, ଉ ରକୁଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩


### କେତେ କାଳ ଆଉ

ସୁବ୍ରତ କୁମାର ଜେନା




କେତେ କାଳ ଆଉ,
ବାନ୍ଧିବ ମିଛ ମାୟାର ବନ୍ଧନ,
ଏବେ ନୁହେଁ ତ କେବେ,
ନିଷ୍ଚୟ ଛାଡିବାକୁ ପଡିବ ଡୋରିକୁ ।
ପାରିବ କି କୁହ ?
ଅଟକାଇ ସମୟର ଯାତ୍ରାକୁ,
ମୁକ୍ତ ଆକାଶର ପକ୍ଷୀକୁ,
କାହିଁକି ଏତେ କଟକଣା
ଆବଦ୍ଧ କାରାବାସ,
ମୁକ୍ତି ଅପେକ୍ଷାରେ ସଦା କ୍ରନ୍ଦନରତ ସେ,
ଥରେ ତ ତାର ଜ୍ୱଳନାକୁ ଅନୁଭବ କର,
କେତେ କାଳ ଆଉ
ତାକୁ ଅଟକାଇବାକୁ,
ବିଞ୍ଚିଚାଲିଥିବ ଖୁଦ କଣିକା,
ଆ ପେଟରୁ ତା ପେଟରୁ କାଟି କାଟି ।
ଥରେ ତ ଚେଷ୍ଟାକରି ହୃଦୟଙ୍ଗମ କର,
ମୁକ୍ତ ଆକାଶର ଆବାହନି ସଙ୍ଗୀତକୁ,
ଚଳ ଚଞ୍ଚଳ ଭାରି ଅସ୍ଥିର ସେ,
ନିଜ ରାଇଜକୁ ଫେରିବାକୁ,
ଜଡ଼ରୁ ଜଡ଼ତ୍ୱକୁ,
ଅସ୍ଥିରୁ ଅସ୍ତିତ୍ୱକୁ,
ପିଣ୍ଡରୁ ପ୍ରାଣଯାଏ,
କେତେକାଳ ଆଉ
ବାନ୍ଧିପାରିବ ଏ ଅଠାକାଠି ।
ଏପାଖେ ଜୀବନ ଗାଉଛି ମଧୁର ମୂର୍ଚ୍ଛନା,
ତେଣେ ମୃତ୍ୟୁ ଚାହିଁଛି ବ୍ୟାଧ ଆଖିରେ,
ମୃତ୍ୟୁ ଆଉ ଜୀବନ ମଧରେ,
ନିତି ବଳିପଡୁଛି ମନ
ଆଉ ସମ୍ପର୍କର ସଂଜ୍ଞା ,
ମହାପ୍ରୟାଣର ଦୀର୍ଘ ପ୍ରତିକ୍ଷାରେ ସେ ।
ତୁମର କଣ ହୃଦୟ ନାହିଁ !
ଯଦି ଅଛି ଏତେ ନିଷ୍ଠୁର କଣ ଲାଗି !
କେତେ କାଳ ଆଉ ନିଜର
ମିଛ ଅହମିକା ଲାଗି,
ବାନ୍ଧିଚାଲିଥିବ ଆଉ
କାହା ପାଦରେ ବେଡି ।
ତୁମକୁ ଡରିବାର ଅଛି,
ନିଜକୁ ସମାଜକୁ ନହେଲେ,
ସବୁରି ଉପରେଥିବା
ଆଦୃଶ୍ୟମାନ ଶକ୍ତିକୁ,
କେତେକାଳ ଆଉ ଜାଣି ଜାଣି ଭୁଲର
ପୁନରାବୃତ୍ତି କରୁଥିବ,
ସୁଧୁରି ଯାଅ ବେଳ ଥାଉ ଥାଉ ।
କାହିଁକି ପାରିବନି ତୁମେ !
ଥରେତ ତୀର୍ଥଙ୍କର ହୋଇଯାଅ,
ଥରେତ ଅଶୋକ ହୋଇଯାଅ,
ଥରେତ ବାଲ୍ମୀକି ହୋଇକି ଦେଖ,
ଜାଣିପାରିବ ସେ ଦୁନିଆଠାରୁ
ଏ ଦୁନିଆ କେତେ ଭଲ ,
ଇଛା ସବୁ ପାଶୋରିଯିବେ,
କାହାକୁ କରାୟତ
କରିବାକୁ ବଳପୂର୍ବକ
ରାବଣ, କଂସ ପରି
ଆସୁରତ୍ୱକୁ ବାହାନ କରି ।


♥ ଶୁରଡିହ, ନନ୍ଦିପୁର, ଯାଜପୁର
ଦୂରଭାଷ -୮୨୪୯୨୨୦୮୩୦




### ଝିଅ

ସୁଦର୍ଶନ ମହାପାତ୍ର



ତୁମେ ମୋ ପାଇଁ ଆଙ୍କିଥିବା
କଳା ଧଳା ଚିତ୍ରଟିରେ
ଏବେ ରଙ୍ଗ ଦେଇ ପାରିବି ମୁଁ ,
ତୁମେ ଯେମିତି କହିବ,
ସେମିତି ବାପା...!
ସାଇତି ରଖିଦେବି
ତୁମେ ଯେଉଁଠି କହିବ ସେଇଠି,
କହିଲା ଦିନେ ଆସି ମୋ ଝିଅ ।
ଖେଳନାଟିଏ ପାଇଁ
କାଲି ଯିଏ ମାଟିରେ ଗଡି କାନ୍ଦୁଥିଲା
ଚକଲେଟଟିଏ ପାଇଁ
ନିତି ଅଳି କରୁଥିଲା
ଗେହ୍ଲା କରି, ମିଠା କଥା କହି
ବୁଝେଇବାକୁ ଚେଷ୍ଟା କରୁଥିଲି ଯାହାକୁ,
ସାଇକେଲ ଚଳେଇ ଶିଖିବାକୁ
ଯାହାକୁ ଉତ୍ସାହିତ କରୁଥିଲି
ଯାହା ମନରୁ ଭୟ ତଡୁଥିଲି ,
ଏବେ ସିଏ ମୋତେ
ବୁଝେଇବାକୁ ଚେଷ୍ଟା କରୁଛି
ଭରି ଦେଉଛି ସାହାସ ମୋ ଛାତିରେ
ପ୍ରବୋଧନା ଦେଉଛି
ମୋ ଧୈର୍ଯ୍ୟ ଭାଙ୍ଗିବା ବେଳେ...!
ବଗିଚାରେ ଶୁଖି ଯାଉଥିବା ଗଛରେ
ଏଥର ମୁଁ ପାଣି ଦେବି, ସୁରକ୍ଷା ଦେବି
ଫୁଲ ମାନଙ୍କୁ ପଚାରିବି ସବୁ କଥା
କେମିତି ଏତେ ଦିନ ସେମାନେ
ତୁମ ପାଖେ ଥିଲେ ଖୁସିରେ
ତୁମ ସହ କଥା ହେଉଥିଲେ
କେମିତି ହସୁଥିଲେ ଖିଲି ଖିଲି,
ତୁମେ ନିରବ ରହିଲେ
କାହିଁକି ଝରାଉଥିଲେ ସେମାନେ ଲୁହ
ଶୁଖି ଯାଉଥିଲା ସେମାନଙ୍କ
ସଜ ଫୁଟା ମୁହଁ,
ଧୀରେ ଧୀରେ ମୋତେ
ବୁଝିବାକୁ ଦିଅ..
ଆବେଗରେ କହିଲା
ଦିନେ ମୋ ଝିଅ...!
ମୋ ଇଛା ଅନିଚ୍ଛା ସବୁକୁ
ସମ୍ମାନ ଦେବାକୁ
ପ୍ରତିଶ୍ରୁତି ଦେଇଛି ମୋ ଝିଅ
ମୋ କୁନିପରୀ ବଡ଼ ହୋଇଛି ଏବେ
କଥା କୁହା ଆଖି ତା'ର ଦିଶୁଛି ଉଜ୍ଜ୍ୱଳ
ସଜଳ ସକାଳ ପରି
ଶୁଭ୍ର ଢଳଢଳ..!!


♥ କୁଞ୍ଜବିହାରୀ ଲେନ, କଟକ

## ଅଦୃଶ୍ୟ ମଞ୍ଚ
### ଡ.ମନୋରଞ୍ଜନ ବିଷୋୟୀ



ନିୟତିର ମଞ୍ଚରେ
ଆମେ ସବୁ ଏକତ୍ରୀତ ।
ଆପଣାର ଜୀବନ କାହାଣୀ
ଏ ମଞ୍ଚରେ ହୁଏ ଅଭିନୀତ ।
ହେଲେ ମଞ୍ଚର ସଂଳାପ
କ'ଣ ଆଙ୍କିପାରେ
ପାଇଥିବା ଆଘାତର ଚିତ୍ର ?
କିଏ ଅବା ଜାଣିଥିଲା
ସ୍ୱପ୍ନ ଦେଖିଲେ
ସହିବାକୁ ପଡ଼େ
ଏତେ ଯେ ଆଘାତ ।
ତେଣୁ ଅଭିନୟ କଲାବେଳେ
ଅଭିନେତା କହିଥାଏ
ମୃତ୍ୟୁର ସଂଳାପ ।

ତଥାପି ଅବୁଝା ମନଟାକୁ ବୁଝାଇ
ଯାହା ଘଟୁଛି ଆମେ ତାକୁ
ନୀରବରେ କରୁ ପ୍ରଣିପାତ ।
କାରଣ କିଏ ଅବା କହିପାରିବ
ଯାହା ଘଟୁଛି ଆଉ ଘଟିବ
ଏସବୁ କାହାର ଆଦେଶ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ) ୮୮୯୫୧୪୧୭୨୭


## ।। ମଣିଷ ।।
### ସୁଧାଂଶୁ ଶେଖର ଦ୍ୱିବେଦୀ



ମୁଁ ପିମ୍ପୁଡିକୁ ଡ଼ରେ
ମୁଁ ଝିଟିପିଟିକୁ ବି ଡରେ
ଝିଣ୍ଟିକାକୁ ଡ଼ରେ
ମୂଷାକୁ ଡ଼ରେ / ବିଲେଇକୁ ଡ଼ରେ
କୁକୁର, ଘୁଷୁରୀ
କେଞ୍ଚୁଡ଼ି, ସାପ
ଏ ସମସ୍ତଙ୍କୁ ବହୁତ ଡରେ ।
କିନ୍ତୁ ସବୁଠାରୁ ଅଧିକ
ତୁମକୁ ଡରେ
ଯେବେଠୁ ଜାଣିଲି ତୁମେ
ଜଣେ ମଣିଷ ବୋଲି ।


♥ ବିସି-୭୪ ,ସଲଟ ଲେକ,
କଲକତା-୬୪
(ମୋ) ୯୬୮୧୩୭୩୫୧୨


## କବି ବନିଯା
### ଆନନ୍ଦ କୁମାର ମାଇତି



ତମେ ଚରିତ୍ର ବଦଳି ଦିଅ
ନାୟକ ନସାଜି
କବିଟେ ବନିଯାଅ
ମଞ୍ଚରେ ଉପସ୍ଥିତ ହେବ
ଏଇ ଚରିତ୍ରର ଉତ୍ପାଦିତ ସଂଜ୍ଞା ନେଇ
ତମେ ବୁଝି ପାରିବ
ତମ ଚରିତ୍ର ଏକ ନିର୍ଭୀକ
ଅବାଧ ସତ୍ୟ ଉଦ୍ଘୋଷକ
ଏକ ଚିର ସମବ୍ୟଥିମନା ଉପସ୍ଥାପକ ।
ତମେ ଅନ୍ୟାୟ ବିରୁଦ୍ଧରେ କଚ୍ଛା ଭିଡ଼ି
ଧରିଚାଲିବ ଅବିନାଶୀ ହତିଆର ।
ଆମେ ତମ ଉଦ୍ଦେଶ୍ୟରେ କର
ଶବ୍ଦ କରି କହିବୁ
ଏବେ ନ୍ୟାୟ ଲାଗି ସେ
ସଚେଷ୍ଟ ସୁନିପଣ କାରିଗର
କର୍ମୀ ରୂପରେ ଉପନୀତ ।

ତମେ କବିତା ଲେଖିବ ଧାଡ଼ିକୁ ଧାଡ଼ି
ପଙ୍କ୍ତିରେ ସୁବାସ ଫୁଲ ଫୁଟିବ
ସେ ବାସ ତମେ ଗ୍ରାସି

ସମାଜର ନୈତିକ ଅବକ୍ଷୟକୁ
ଅନୁଭବ କରିବ,
ଧିରେ ଧିରେ ତମେ ବଦଳି ଯିବ
ବିଦଗ୍ଧ ହୃଦୟର ଆହାଜାରୀ ।
ପରିବର୍ତ୍ତିତ ହେବ
ମହା ଈଶ୍ୱରର ଉଦାରୀୟା ସୂକ୍ଷ୍ମ ପ୍ରାଣରେ
ଯାର ସୂକ୍ଷ୍ମ ସମ୍ବଳ ଦାନ ଛତ୍ର ପାଲଟିବ,
ଯାର ପ୍ରତି ପଳ ହେବ
ସତ୍ୟ ଇତିହାସର ଧାରକ ଓ ବାହକ
ଏକ ସୁମହାନ ପ୍ରାଣ
ପ୍ରାଣୀ ସମାଜର ସେବକ ।
ଘୁମୁଆ ଜଗତର ମାନବୀୟ ପ୍ରହରୀ
ଅମଡ଼ା ପଥିକ ଜାତିର ଉଜ୍ଜଳ ଦିଶାରୀ ।


♥ ଏରସମା, ଜଗତସିଂହପୁର
(ମୋ)୯୪୩୯୦୭୭୩୯୫


## ପ୍ରେମରୋଗୀ
### ସାରଦା ପ୍ରସାଦ ଆଚାର୍ଯ୍ୟ



ଜାଇଁଲ ପ୍ରିୟେ, ଆଉ ନୁହେଁ !
ପ୍ରେମମାର୍ଗରେ ହିଁ ଦୁର୍ବିସହ, ପ୍ରୀତିରେ କିଏ
ହସିଲାଣି ତ,
କିଏ କଣେଇ ଚାହେଁ,
ଏତେ ଫନ୍ଦି ଫିକର
କାମରେ ନୁହେଁ ଭାବରେ
ବାନ୍ଧିଛି ଚନ୍ଦ୍ରମୁଖୀ,
ଛାତିରେ ଧରି କରୁଛି ଗେଲ,
ଯାଉନି ବ୍ୟଥା ମନ ଦରଜ ।

ମନ ଅଥୟ, ହୃଦୟ ଥରେ,
ହୃଦେ ଆସିଲେ ଭ୍ରମର ବୁଲେ,
ମହୁ ଝରିଲେ ଦେହରେ ମରେ,
ପ୍ରୀତି ବଢ଼ିଲେ ଦେହ ଖୋଜେ,
କେଉଁଠି ମୁଁ କେଉଁଠି ତୁମେ ?

ପ୍ରେମର ଜୁଆର ଆସିଲେ
ଛିଡ଼ିପଡୁଚି ପ୍ରେମଗ୍ରନ୍ଥି, ଥରିଉଠୁଚି ଥିରି ଥିରି,
ଛୁଇଁଲେ ହାତ ବଢୁଛି ତାତି,
କେଉଁଠି ଦରଜ ପାଉନି ପଥି ।

ପ୍ରେମରେ ଭାରି ସିଆଣିଆ
ଚନ୍ଦ୍ରମୁଖୀ,
ପଢ଼ିପାରୁଚି, ଲେଖିଜାଣିଚି,
କିନ୍ତୁ ନେଇଜାଣିନି,
କି ଦେଇପାରୁନି ପ୍ରେମ,
ତା ପ୍ରେମ ଟା ବନ୍ଧା ପଡ଼ିଚି,
ପ୍ରେମ ରୋଗରେ ଛଟ ପଟ ହୋଇ
ପ୍ରେମ କବିତା ଗାଇ ଚାଲିଚି ।


♥ ଯୋଡ଼ା କେନ୍ଦୁଝର
(ମୋ)୯୪୩୭୬୧୧୮୧


## ନୀଳ ନିମନ୍ତ୍ରଣ
### ବେଣୁଧର ସୂତାର



ଲଳିତ ଚମକ ନୟନରେ ଯାର
ଅୟୁତ ଯୁଗର ତନ୍ଦ୍ରା ଜାଗେ
କୁଆଁରୀ ଦେହର କଅଁଳ ମନଟା
ନିବିଡ ହୃଦୟ ମମତା ମାଗେ ।

ଜୋଛନା ପଖଳା ଶାନ୍ତ ବିଭାବରୀ
ତୁମରି ପରଶେ ଉଠିବ ଚେଇଁ
ମୁଁ ଯେ ପ୍ରତୀକ୍ଷାର ବିଧୁର ତାରୁଣ୍ୟ
ନିବିଡ ନିଶିର ଉଦାସୀ କଇଁ ।

ଭବ ଉପବନେ ପ୍ରେମାମୃତ ପାନେ
ନିରବେ ରହିଛି ଯା ପଥ ଚାହିଁ
ପ୍ରେମପୀୟୂଷରେ ପୀରତିଅର୍ଘ୍ୟରେ
ତନୁତୀର୍ଥ ମୋର ଦେବ ଭିଜାଇ ।

ବୟସ ନିଶାରେ ଅୟସୀ ତନୁ ମୋ
ଆତୁରେଲୋଡେ ଯା ପ୍ରୀତି ବନ୍ଧନ
ମନତଳେ ଖେଳେ ବେପଥୁବଳାକା
ଆଖିରେ ଆଖିଏ ମିଠା ସପନ ।

ତୁମେ ଆକାଶର ଚିରନ୍ତନୀ ସତ୍ତା

ମୁଁ ମାଟି ମରତ ନଶ୍ୱର ଦେହୀ
ଆଦି ରସ ଭରା ପ୍ରୀତି ପୀୟୂଷରେ
ବୟସକୁ ମୋର ନିଅ ଚୋରାଇ ।

କୁଆଁରୀ ମନର ମଉଳା ଓଠରେ
ଫୁଟାଇବା ପାଇଁ ବଧୂଲି ହସ
ଘେନାକରି ମୋର ନୀଳ ନିମନ୍ତ୍ରଣ
ଅନ୍ତପୁରେ ପ୍ରିୟ ଆସ ଗୋ ଆସ ।

ନୀଳ ସରସୀର ନୀଳ ଉତ୍ପଳ ମୁଁ
ତୁମେ ନୀଳାମ୍ବର ସୌମ୍ୟ କୁମାର
ଶିଖାଇବା ବିଶ୍ୱେ ପରିପୂର୍ଣ୍ଣତାର
ଆମ ପ୍ରେମ ଅଟେ ଚିର ସୁନ୍ଦର ।


♥ କେଶଦୁରାପାଳ, କେନ୍ଦୁଝର
ମୋ -୯୧୭୮୫୬୮୨୪୬


## ବଗ କହେ ଦେଖି ବଗୁଲୀ ମୁହଁ
### କବିତା କାନୁନଗୋ

ବଗ କହେ ଦେଖି ବଗୁଲୀ ମୁହଁ
ତୋ ପରି ସୁନ୍ଦରୀ କେହି ତ ନୁହଁ
ତୁ ମୋର ପରାଣ ମିତ
ଲମ୍ବା ଗୋଡ ତୋର ହଲାଇ ଦେ ଲୋ
ଚାଆଲେ ଗାଇବା ଗୀତ ।

ବଗୁଲୀ ଦେଖିଲା ଆଗରେ ବେଙ୍ଗ
ବଗକୁ କହିଲା ଦେଖାଇ ଢଙ୍ଗ
ମୋ ଦେହ କୋମଳ ବୋଲି
ନାଚିଲେ ଗାଇଲେ ପୀଡ଼ା ମୁଁ ପାଇବି
ରଂଗ ମଉଳିବ ଖାଲି ।

ବେଙ୍ଗ କହେ ହସି ବଗୁଲୀ ନାନୀ
ଦେହରେ ପକାଇ ଧୋବଲା କାନି
ଫୁଲେଇ ହେଉଛୁ କାଇଁ
କଷଣ ନକଲେ ଦେହ ନ ହଲିଲେ
ଖାଇବା ପାଇବୁ ନାଇଁ ।

ବଗୁଲୀ କହଇ ମୁହଁକୁ ଝାଡି
ପଳା ଏଥାନରୁ ନକରି ରଡି
କହନା ମୋତେ ତୁ କଥା
ଘଡ଼ଘଡ଼ି ପରି ସ୍ୱରଟା ତୋ ଶୁଣି
ହେଉଛି ମୋ କାନ ବଥା ।

ଏବେଳେ ଆସିଲା ବେଙ୍ଗୁଲି ଧାଇଁ
ପୋକଯୋକ ଟିକେ ସାଥିରେ ନେଇ
ଡାକିଲା ବେଙ୍ଗକୁ ଆସ
ଭୋକ ଯେ କଲାଣି ଖାଇବା ଏଥର
ପାଖରେ ମୋହର ବସ ।

ବଗୁଲୀ ଚାହିଁଲା ବଗ ମୁହଁ କୁ
ଉଡିଗଲେ ଦୁହେଁ ନଇ କୂଳକୁ
ଧରିଲେ ଗୋଟିଏ ମାଛ
ଅତି ହରଷରେ ବଗ ଖାଏ ଆଗ
ବଗୁଲୀ ଖାଇଲା ପଛ ।

ବଗ ଓ ବଗୁଲୀ ଗାଇଲେ ଗୀତ
ବେଙ୍ଗୁଲି ସହିତ ବସିଲେ ମିତ
ବେଙ୍ଗ ଦେଲା ହୁଳହୁଳି
ଖୁସିରେ ସରବେ ନାଚ ଗାନା କଲେ
କଲେନି କେବେବି କଳି ।


♥ ( ଶିକ୍ଷୟିତ୍ରୀ)
ପୋଖରୀପୁଟ, ଭୁବନେଶ୍ୱର
(ମୋ) ୯୪୩୭୬୯୪୧୪୫


## ଶୀତ ଆସେ
### ବିଜୟଲକ୍ଷ୍ମୀ ପାଣିଗ୍ରାହି



ଏକା ମାଘକେ
କଣ ଶୀତ ଚାଲିଯାଏ ?
ଶୀତ ବି ତ ଗ୍ରୀଷ୍ମରେ ଆସେ
ମେରୁହାଡ଼ ଥରାଏ
ଅପବାଦର ଚର୍ଚ୍ଚାରେ
କାଲୁଆ ହୋଇ ଝୁଲୁଥାଏ ଦେହ
ପାହାନ୍ତି ପ୍ରହରେ ।

ଶୀତ ଯେବେ ବର୍ଷାରେ ଆସେ
ଭିଜେଇବାର ପ୍ରତିଶ୍ରୁତିରେ
ଫେଣ୍ଟିଦେଇ ପ୍ରତାରଣା
ପୁନଶ୍ଚ ବିନା ବସ୍ତ୍ରେ
ମାଟିମୁହାଁ ହୁଏ ଦେହ
ଅଲୋଡା ଜାଗାରେ ।

କିନ୍ତୁ ଶରତରେ ଶୀତ ଆସିଲେ
କାଠିକୁଟାରେ ଦେବୀ ମୂର୍ତ୍ତି ଗଢ଼ାହୁଏ
ହାତ ଥରେ
ତା ଲହଲହ ଜିହ୍ୱାର ଆକ୍ରୋଶରେ
ସଅଁପି ଯାଆନ୍ତି ମହିଷାମାନେ
କିଛି ମୁହୂର୍ତ୍ତ ପାଇଁ ।


♥ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
(ମୋ) ୮୨୪୯୪୫୦୦୫୦


## ପ୍ରକୃତି କୋଳରେ, ହେ ନୀଳ ସାଗର !
### ରୋହିତ ସେଠୀ



ନୃତ୍ୟରତ ତୋର ଢେଉ
ପ୍ରତିକ୍ଷଣ ଆସି ଅତି ସରାଗରେ
ବେଳାଭୂମି ଚୁମି ଯାଉ ।

ନୀଳ ଜଳରାଶି ନୀଳ ଆକାଶର
ରୂପ ସହ ମିଶିଯାଏ
ମୃଦୁ ସମୀରଣେ ଶିହରଣ ଭରି
ପ୍ରେମର ରାଗିଣୀ ଗାଏ ।

ଅତି ନିକଟରୁ ଅଶାନ୍ତ ଚଞ୍ଚଳ
ଭୟଙ୍କର ଗରଜନ
ଦୃଷ୍ଟି ଅନ୍ତରାଳୁ ସତରେ ଯେମିତି
ନିଶ୍ଚଳ ପ୍ରଶାନ୍ତ ମନ ।

ପ୍ରକୃତି ପ୍ରେମିକ ଅବା ପର୍ଯ୍ୟଟକ
ତୋତେ ଭାରି ଭଲପାଏ
ସମୟ ପାଇଲେ ତୋ ବେଳାଭୂମିରେ
ଥରେ ଅଧେ ବୁଲି ଯାଏ ।

ପର୍ଯ୍ୟଟକ ତୋଳେ ତୋ ରୂପ ସୁଷମା
ସ୍ମୃତିର ପୋଥିରେ ରଖି
ପ୍ରକୃତି ପ୍ରେମିକ ଭାବୁକ ଭାବନା
କବିତାଟେ ଦିଏ ଲେଖି ।


♥ ଶିକ୍ଷକ
ଖଜୁରୀପଡ଼ା, କନ୍ଧମାଳ
(ମୋ)୭୭୩୫୨୧୪୩୭୯


## କଦମ୍ବର ମିଠା ମିଠା ବାସ୍ନା
### ରଶ୍ମି ସାମଲ



ବର୍ଷାର ଆଗମନରେ
ମୁକୁଳିତ କଦମ୍ବର
ମିଠା ମିଠା ମହ ମହ ବାସ୍ନା
ଚହଟି ଯାଏ ଚତୁର୍ଦ୍ଦିଗ ।

ଝିପି ଝିପି ବର୍ଷା
ପାଣିଧାର ଦେଖି
ସାରୁ ଗଛ ମୂଳେ ଲୁଚି ଲୁଚି ବସି
ବଜାଅନ୍ତି କେଂ କଟର ବାଜା
ବେଙ୍ଗ ବେଙ୍ଗୁଲି ଆସି ।

ଅସରାଏ ଶ୍ରାବଣ ରେ
ମନେ ପଡେ ସବୁ ସେହି
ଶୈଶବର ସ୍ମୃତି ମାନ
ଭାସି ଯା' ମୋର କାଗଜ ଡଙ୍ଗା ।

ସପ୍ତ ରଙ୍ଗର ଇନ୍ଦ୍ରଧନୁ ଯେବେ
ବିଛାଡି ହୁଏ ଆକାଶରେ
ନାରଙ୍ଗୀ ନୀଳ ବାଇଗଣୀ ରଙ୍ଗ ଇତ୍ୟାଦି,
ସତେ ହସି ଉଠିଥାଏ ମହି ମଣ୍ଡଳ ।

ଆକାଶରୁ ମେଘ ଟୋପା ପଡି
ଦେହକୁ ଛୁଇଁଲେ
ଭିଜା ଭିଜା ମାଟି ଗନ୍ଧ
ଅତି ଗୋପନେ ଭରିଦିଏ
ପରସ୍ତ ପରସ୍ତ ଛନ୍ଦ ।

କେତେବେଳେ ଚୁପି ଚୁପି
ଝରିଯାଏ ସେହି ଆମ
ନୁଆଁଣିଆ ଚାଳରେ
ଝିପି ଝିପି ବର୍ଷା
ଖିଲି ଖିଲି ହସେ ଫୁଲର ପାଖୁଡା
କେବେ ପୁଣି କଥା କହେ
ଭିଜିଲା ଓଠରେ
ସେହି ବର୍ଷା ସେହି ବର୍ଷା ।


♥ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫


## ଅଖିଳ
### ମୋହନ ଚରଣ ବିଷି

ରାନ୍ଧିବା, ବାଢିବା,ଖାଇବା, ବାସନ ମାଜିବା
ଚାଷ କରିବା, ଅମଳ କରିବା, ବିକିବା, ଚଳିବା
ହଳିଆ ହେବା, ମେହନତ କରିବା,
ପେଟ ପୋଷିବା
ଚାକିରୀ କରିବା, ଖଟିବା, ବୁଲିବା, ଶୋଇବା
ନଇବା, ଗୁହାରୀ ହେବା, ପାଦରେ ପଡିବା
ନିଜେ ଘର କୋଣେ ରହି ଅନ୍ୟକୁ ଭିତରେ ରଖିବା
ଅନ୍ୟକୁ ସଫା କରିବା ପାଇଁ ନିଜେ ଅଳିଆ ହେବା
ତା'ପାଇଁ ଛିଡା ହେଲେ ସେ ଆସିବ ନଭାବିବା
ମନ୍ଦିର ଅଗଣା ନିଜେ ସଫାକରି ଭିତରକୁ ନଯିବା
ନିଜର ସବୁ କିଛି ଅଜାଡି ଦେଇ କିଛି ନପାଇବା
ନିଜ ମାଇଜି ମୁଣ୍ଡରେ ତେଲ ନଦେଇ ତାକୁ ଦେବା
ବଙ୍କୁଲି ବାଡି ଅନ୍ୟକୁ ଦେଇ ନିଜେ ଟାମଡି ହେବା
ନିଜେତ ଚାଲୁଣି କେତୋଟି
କଣା ବୋଲି ଛୁଞ୍ଚିକୁ କହିବା
ଯା'ପାଇଁ ବଡ ହେଇ ତମେ ମୋର
ନୌକର କହିବା
ନିଜ ମାନ ନିଲାମ କରି ମହତ ରଖିବାକୁ କହିବା
ଜୋର ଜବରଦସ୍ତ ମଣିଷ ପଣିଆ ହତ୍ୟା କରିବା
ଆମେ ସଲେ ଏକା ମାଲିକ ବୋଲି
ଘୋଷିତ ହେବା
ପେଟ ଭୋକ, ଦେହ ମନ,
ଜୀବନ ଯୌବନକୁ ଡାଙ୍କିବା
ଚିକନିଆ କହି ଉସକେଇ ଖରଖସା ଧରାଇବା
ମାଟି, ପାଣି, ପବନରେ ଭେଦ ନରଖିବା
ଧିକ ତାକୁ ଗାଧୁଆ ବେଳାରେ ସଉଦା ହେବା
ଧୋବ ଫରଫର ଉଡେଇ କଳାକନା ବୁଲାଇବା
ନିଖିଳ ଭିତରେ ମୁଁ କାର ଛାଡି ନିସ୍ତାରି ହେବା
ଆସ ଅଖିଳ ଭିତରେ ତୁ ମୁଁ ଅଣ୍ଡାଳି ହେବା ।


♥ ଗଡରାମାଲ, କୋକସରା
କଳାହାଣ୍ଡି
(ମୋ) ୯୭୭୭୪୬୮୮୪୧


## ଅତିଥି
### ଶରତ ଚନ୍ଦ୍ର ଜାଲି



ଅତିଥିହେ ତୁମେ ଆସିଛ ମୋଘରେ
ଆତିଥେୟତାକୁ ସାଦରେ ଘେନ
ମୋ ଭଗ୍ନ କୁଟୀରେ ପାଦ ଦେଇ ବାରେ
ଝରାଇଛ ସ୍ନେହ, ମମତା, ପ୍ରେମ ।
ପବିତ୍ର ଲଗନେ ଆସିଅଛ ଛୁଟି
ମଳୟ ମହକ ସାଥିରେ ଧରି
ନୟନ ଉଦକେ ପାଦ ପଖାଳିବି
ସାଦରେ ଗୃହକୁ ନେବିହେ ବରି ।
ମୋ ଦୁଃଖ, ଶୋକକୁ ଲାଘବ କରିକି
ସୁଖ ସାଗରରେ ଭସେଇ ଦେବ
ସେଥିପାଇଁ ତୁମ ଆଗମନ ସତେ
ମୁଁ ତୁମ ସେବକ ତୁମେ ମୋ ସେବ୍ୟ ।
କୋମଳ, ମଧୁର ବଚନ ପରଶି
ତୋଳି ନେବ ମୋର ହୃଦୟ ଫୁଲ
ଦେବଦୂତ ତୁମ ମୁଖ ଦରଶନେ
ଉଛୁଳୁଛି ଖୁସି ମୋ ହୃଦ କୂଳ ।
ବହୁ ଦିନ ଅନ୍ତେ ବସି ତୁମ ସାଥେ
ଅତୀତ ପୃଷ୍ଠାକୁ ଦେଇଛି ଖୋଲି
କେତେ ରାଗରୁଷା, ଅଭିମାନ, ଭାଷା
କ୍ଷଣକେ ଅନ୍ତରୁ ଯାଇଛି ଭୁଲି ।
ଜନମେ ଜନମେ ତୁମ ପରି ଜଣେ
ଅତିଥି ଆସିବା ଏକାନ୍ତ କାମ୍ୟ
ବିଶ୍ୱବନ୍ଧୁ ଯେବେ ଆସିବେ ମୋଗୃହେ
ଭାବନା ହୋଇବ ସ୍ୱର୍ଗୀୟ ରମ୍ୟ ।


♥ ଶିକ୍ଷକ
ପଥରା, ଖଲ୍ଲକୋଟ, ଗଂଜାମ
(ମୋ) ୮୨୪୯୫୩୪୨୭୪


## ଖୁସି
### ବାଉରିବନ୍ଧୁ ଲେଙ୍କା

ସ୍ୱଳ୍ପ ଏହି ଜୀବନର
ପ୍ରତିଟି ମୁହୂର୍ତ୍ତରେ ମୁଁ ଖୁସି,
କାମ ଥିଲେ ଖୁସି, ନଥିଲେ ବି ଖୁସି ।

ଡାଲିଭାତ ହେଉ କି ଖାଲି ଭାତ ହେଉ
ଯାହା ବି ମିଳିଲେ ଖୁସି ।

ଦେଖି ପାରିଲେ ଖୁସି,
ନଦେଖି ପାରିଲେ, ତା'ର କଥା ପଦେ
କାନରେ ବାଜିଲେ ବି ଖୁସି ।

ମନ ଚାହେଁ ଯାହା, ସବୁ ପାଇ ହୁଏନି,
ନପାଇଲେ ବି ତାକୁ ଭାବିକରି ମୁଁ ଖୁସି ।

ହଜି ଯାଇଥିବା ଅତୀତ,
କେବେ ଆଉ ଫେରିଆସେନା,
ହେଲେ ତା'ର ସ୍ମୃତିରେ ବି ମୁଁ ଖୁସି ।

କିଏ ଜାଣେ ଭବିଷ୍ୟତ କଣ ହେବ ?
ହେଲେ ତା'ର ପ୍ରତୀକ୍ଷାରେ ବି ମୁଁ ଖୁସି ।

ଛୁଇଁବ ଯଦି ହୃଦୟକୁ
ମୋର ଏଇ କଥା କେଇ ପଦ,
ଆଶା କରିବି ଉତ୍ତର ଦେବ ବୋଲି,
ନହେଲେ ବିନା ଉତ୍ତରରେବି ମୁଁ ଖୁସି ।


♥ ଫ୍ଲାଟ ନଂ- ବି ୪୦୩
ଦ ପର୍ଲ ରେସିଡେନ୍ସି,
ଦୁର୍ଗାମାଧବ ନଗର,
ପୋ: ମହାଲକ୍ଷ୍ମୀ ବିହାର
ଭୁବନେଶ୍ୱର - ୭୫୧୦୨୯
(ମୋ) ୯୮୫୩୫୩୫୮୪୪


## ସଳିତା
### ପୁର୍ଣ୍ଣିମା ଲେଙ୍କା



ମୋ ଅଜାଣତରେ
ବଟି ବାଟି ସଳିତା କରିଦେଲେ
ଉପହାର ନାଁ ରେ
ଦୀପ ଟେ ଦେଲେ/ ତେଲ ଦେଲେ
ଅଗ୍ନି ବି ଦେଲେ
ସ୍ୱାଧୀନତା ନାଁରେ
ଜଳିବା ପରମ କର୍ତ୍ତବ୍ୟ କହି
ଆଜୀବନ ବଳିଦାନ ମାଗିଲେ ।

ମୋ ଆଲୋକରେ ଆଲୋକିତ ହେଲେ
ଖୁସି ବାଣ୍ଟିଲେ କମ, ଅଧିକ ଜୀଇଁଲେ !!!

ସଜେଇବେ କହି ପାଦକୁ ପାଉଁଜି ଦେଲେ
ମୋ ଅଜାଣତରେ
ମୋ ଗୋଡ଼ରେ ବେଡି ବାନ୍ଧିଲେ
ଆକଟ, ସଂକୋଚ
କର୍ତବ୍ୟ, ସମର୍ପଣ/ ସୀମା, ସ୍ୱାଧୀନତାର କିଛି
ବୀଜ ମନ୍ତ୍ର ଶୁଣେଇଲେ
ଯେତେ ସବୁ ଜ୍ଞାନ
ମୋ କାନିରେ ଗଣ୍ଠି ଦେଲେ ।

ଖଟା ମିଠା ବାରି ପାରୁନଥିବା ମସ୍ତିସ୍କକୁ
କର୍ତ୍ତବ୍ୟର ଶିଖରରେ ଚଢ଼େଇ
ବଳିଦାନ ମାଗିଲେ
ମୋତେ ସ୍ୱାଧୀନତା ଦେବା ନାଁରେ
ନିଜ ସ୍ୱାର୍ଥ ପୂରଣ କଲେ !!
କର୍ତ୍ତବ୍ୟ
କର୍ତ୍ତବ୍ୟର ଦ୍ୱାହି ଦେଇ
ମୋ ଆକାଂକ୍ଷାକୁ ଚାପି ଦେଲେ ।


♥ ଆତ୍ତୋପୁର, କେଉଁଝର-୦୨
ମୋ: ୭୦୦୮୨୦୭୮୪୪


## ବୋଉ
### ରମେଶ ଚନ୍ଦ୍ର ନାୟକ



ବୋଉ ବୋଉ ବୋଲି ଡାକି ଦେଲେ ଥରେ
ବୋହି ପଡେ ସ୍ନେହ ଧାରା
ଦୂରୁ ଥାଇ କୁହେ ଯାଉଛି ଧନରେ
ଥୟଧର ଟିକେ ପରା ।

ସଂସାରରେ ସାର ବୋଉ ଶବ୍ଦଟିର
ଡାକିଲେ ଅମୃତ ଝରେ
ସ୍ନେହ କରୁଣାର ସେ ଯେ ଗନ୍ତାଘର
ବିପଦ ସାଗରୁ ତାରେ ।

ପୂରୁବ ପଶ୍ଚିମ ଉତ୍ତର ଦକ୍ଷିଣ
ଯେଉଁ ଦିଗେ ଯିଏ ଯାଅ
ବୋଉର ସେ ମୁହଁ ନାଚି ଉଠି ଥାଏ
ସଦା ତାକୁ ଝୁରୁ ଥାଅ ।

ବିଶାଳ ହୃଦୟ କ୍ଷମାର ସାଗର
ତୁଳନା ନାହିଁ ତାହାର
ନୟନ କୋଣରୁ ଲୋତକ ଝରିଲେ
ଭାଙ୍ଗିଯାଏ ହୃଦ ତା'ର ।

ବିପଦରେ ଆପଦେ ପାଖରେ ନଥିଲେ
କିଏ ହେବ ଆଉ ସାହା
ପିଠିକୁ ନ ମାରି ପେଟକୁ ସେ ଦେଖେ
ଖୋଜେ ନାହିଁ କା'ର ରାହା ।

ତ୍ୟାଗ ଧଇର୍ଯ୍ୟର ମୂର୍ତ୍ତିମନ୍ତ ରୂପ
ନୟନର ପରା ଜ୍ୟୋତି
ପୁଅ ଝିଅ ନାମ ଡାକି ଦେଲେ ଥରେ
କୁଣ୍ଢେ ମୋଟ ହୁଏ ଛାତି ।


♥ କେଶରପୁର, ବକ୍ସି ବଜାର, କଟକ
(ମୋ) ୭୯୭୮୧୫୧୭୧୦

# ଚାଲୁରହିଥିବା ରେଳ ପ୍ରକଳ୍ପକୁ ଶୀଘ୍ର ସମାପ୍ତି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି : ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୯/୧୧ (ନି.ପ୍ର): ତାଳଚେର-ବିମଳାଗଡ଼ ନୂତନ ରେଳ ପ୍ରକଳ୍ପ ମଧ୍ୟରେ ଟନେଲର ବଡଧରଣର କାର୍ଯ୍ୟ ସମ୍ପାଦନରେ ପୂର୍ବତଟ ରେଳପଥ ଏକ ମାଇଲ୍ ଖୁଂଟ ହାସଲ କଲା। ଏହି ଅଂଚଳରେ ଚାଲୁରହିଥିବା ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ ରେଳ ମନ୍ତ୍ରଣାଳୟ ପ୍ରାଥମିକତା ଦେଇଛି। ଓଡ଼ିଶାକୁ ତାଙ୍କର ପୂର୍ବ ଗସ୍ତ ସମୟରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଚାଲୁରହିଥିବା ରେଳ ପ୍ରକଳ୍ପଗୁଡିକୁ ଶୀଘ୍ର ସମ୍ପାଦନ ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଅନ୍ୟାନ ସରକାରୀ ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଯାହାଫଳରେ ଦୀର୍ଘ ଦିନର ଚାଲୁରହିଥିବା କାର୍ଯ୍ୟ ଶୀଘ୍ର ଶେଷ ହେବ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ୨୦୦୩-୦୪ ମସିହାରେ ମଞ୍ଜୁର ହୋଇଥିବା ୧୪୯.୭୮ କିଲୋମିଟର ଦୈର୍ଘ୍ୟ ତାଲଚର-ବିମଲାଗଡ ନୂତନ ବ୍ରଡ଼ ଗଜ ରେଳ ଲିଙ୍କ ପ୍ରକଳ୍ପ ଇତିମଧ୍ୟରେ ଏକ ପ୍ରମୁଖ ମାଇଲଖୁଂଟ ହାସଲ କରିଛି। ସୁନାଖଣି ଓ ସାମଲ୍ ଷ୍ଟେସନ୍ ମଧ୍ୟରେ ଥିବା ବାରୁଆଁ ପାହାଡ଼ରେ ୮୪୦ ମିଟର ଲମ୍ବା ଟନେଲର ବଡଧରଣର କାର୍ଯ୍ୟ ସମ୍ପାଦନ ପାଇଁ ପୂର୍ବତଟ ରେଳପଥ ନିର୍ମାଣ ସଂସ୍ଥାର ଇଞ୍ଜିନିୟରିଂ ଦଳ ଅନ୍ତିମ ବିସ୍ଫୋରଣ କରି କାର୍ଯ୍ୟ ସମ୍ପାଦନ କରିଛି। ଦେଓଗଡ ଏବଂ ସୁନ୍ଦରଗଡ ଜିଲ୍ଲାରେ ଜମି ଅଧିଗ୍ରହଣର ମନ୍ଥର ଅଗ୍ରଗତି ହେତୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ କିଛିଟା ବିଳମ୍ବ ଘଟିଛି। ଉପରୋକ୍ତ ଦୁଇଟି ଜିଲ୍ଲାରେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବତଟ ରେଳପଥ ଉଭୟ ରାଜ୍ୟ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛି ଯାହା 'ଲରେ ବିମାଲାଗଡ ପାର୍ଶ୍ୱରୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ପ୍ରାରମ୍ଭ କରାଯାଇ ପାରିବ। ଡିସେମ୍ବର, ୨୦୧୯ରେ ତାଳଚେର ଏବଂ ବିମାଲାଗଡ ମଧ୍ୟରେ ଚାଲିଥିବା ନୂତନ ରେଳ ଲାଇନରେ ତାଳଚେର ଷ୍ଟେସନ ଏବଂ ସୁନାଖଣି ରେଳ ଷ୍ଟେସନ ମଧ୍ୟରେ ୨୦ କିଲୋମିଟର ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସମୁଦାୟ ପ୍ରକଳ୍ପଦୈର୍ଘ୍ୟ ୧୪୯.୭୮ କି.ମି. ମ୍ଭରୁ ପ୍ରାୟ ୭୯ କିମି ଅନୁଗୁଳ ଜିଲ୍ଲାରେ, ୩୨ କି.ମି. ଦେବଗଡ଼ରେ ଏବଂ ୩୯ କି.ମି. ଦୈର୍ଘ୍ୟ ସୁନ୍ଦରଗଡ଼ ମଧ୍ୟରେ ଅଛି। ଏଠାରେ ଦର୍ଶାଯାଇପାରେ ଯେ ରେଳ ପ୍ରକଳ୍ପର କାର୍ଯ୍ୟ ସମାପ୍ତି ବିଭିନ୍ନ କାରଣ ଉପରେ ନିର୍ଭର କରେ ଯେପରିକି ପ୍ରାଥମିକ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁର, ଉଲ୍ଲଂଘନକାରୀ ଉପଯୋଗୀତା ସ୍ଥାନାନ୍ତର, ବିଭିନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଆଇନଗତ କ୍ଲିୟରାନ୍ସ, ସହିତ ଭୌଗୋଳିକ ଅଂଚଳ ଏବଂ ଟପୋଗ୍ରାଫିକ୍ ଅବସ୍ଥା, ପ୍ରକଳ୍ପ ସ୍ଥଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଇତ୍ୟାଦି ଉପରେ ନିର୍ଭର କରେ। ଏହି ପ୍ରକଳ୍ପ ସମାପ୍ତ ପରେ ତାଳଚେର ଓ ରାଉରକେଲା ମଧ୍ୟରେ ଦୂରତ୍ୱ ପ୍ରାୟ ୧୨୬ କି.ମି. ହ୍ରାସ ପାଇବ। ଏହି ରେଳ ଲାଇନ ଦ୍ୱାରା ବନ୍ଦରଗୁଡିକ ମାଧ୍ୟମରେ ଗୁଣାତ୍ମକ ଲୁହାପଥର ବିଦେଶକୁ ରପ୍ତାନିରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା ଆଭ୍ୟନ୍ତରୀଣ ଜିଲ୍ଲା ଯଥା ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଅର୍ଥନୈତିକ ବିକାଶ ବୃଦ୍ଧି କ୍ଷେତ୍ରରେ ସହାୟତା କରିବ।

## ନୂଆ ପ୍ରଜାତିର ସଂକ୍ରମଣ କ୍ଷମତା ସଂପର୍କରେ ଜଣାପଡ଼ିନାହିଁ, ପରୀକ୍ଷାନିରୀକ୍ଷା ଚାଲିଛି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୯/୧୧ (ନି.ପ୍ର): ନୂଆ ପ୍ରଜାତି ଉପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହୁଛି ନୂଆ ଭାରିୟଣ୍ଟ ଉପରେ ଅଧିକ ଷ୍ଟଡିର ଆବଶ୍ୟକତା ରହିଛି। ଏହାର ସଂକ୍ରମଣ କରିବାର କ୍ଷମତା କେତେ, ରୋଗ କରିପାରିବା କ୍ଷମତା କେତେ,ଭ୍ୟାକ୍ସିନ ଏହାକୁ ମୁକାବିଲା କରିବାରେ କେତେ କ୍ଷମତା ରହିଛି ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ତଥ୍ୟ ନାହିଁ। ଏନେଇ ପରୀକ୍ଷାନିରୀକ୍ଷା ଚାଲିଛି। ଯେହେତୁ ଖବର ଆସୁଛି, ଏହା ଗୋଟିଏ ନୂଆ ଭ୍ୟାରିଏଣ୍ଟ ୧୩ରୁ ଅଧିକ ମ୍ୟୁଟେସନ ରହିଛି। ତେଣୁ ସମସ୍ତେ ସତର୍କ ରହିବା ଦରକାର। ଗତକାଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭ୍ୟାରିଏଣ୍ଟ ଅଫ କନସର୍ଣ୍ଣ ଘୋଷଣା କଲା। ତେଣୁ ସମସ୍ତେ ସତର୍କ ରହିବା ଦରକାର। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହୁଛି ଅଧିକ ସମୟ ଦରକାର ସମସ୍ତ ସତର୍କ ରୁହନ୍ତୁ ଯେମିତି ସ୍ପ୍ରେଡ ନକରିବ। ଯେଉଁମାନେ ବିଦେଶରୁ ଆସିବେ ସେମାନେ ନେଗେଟିଭ ସାର୍ଟିଫିକେଟ ଆଣିବେ। ଏୟାରପୋର୍ଟରେ ତାଙ୍କ ଟେଷ୍ଟ ହେବ। ନେଗେଟିଭ ଆସିଲେ ବି ସାତ ଦିନ କ୍ୱାରେନଣ୍ଟାଇନ ରହିବେ। ଏୟାରପୋର୍ଟ ଅଥରିଟିକୁ ଆମେ ସବୁଦିନେ ବିଦେଶରୁ ଆସୁଥିବା ଲୋକଙ୍କ ଲିଷ୍ଟ ମାଗୁଛୁ। ପଜିଟିଭ ଆସିଲେ ଜିନୋମ ସ୍ୱିକେନସିଂ ପାଇଁ ଯିବ। ଟିକାକରଣ ବଡ଼ ଅସ୍ତ୍ର। କମ୍ ସମୟ ଭିତରେ ସମସ୍ତଙ୍କୁ ଫାଷ୍ଟ ଡୋଜ ଟିକା ଦିଆଯିବ। ଟିକା ହେଉଛି କୋଭିଡ ବିରୋଧରେ ବଡ଼ ଅସ୍ତ୍ର। ଭାଇରସର ମ୍ୟୁଟେସନ ହେବ। ଆମକୁ ସତର୍କ ରହିବାକୁ ପଡ଼ିବ। ସରକାରଙ୍କ କୋଭିଡ ନିୟମ ଅନୁସାରେ ସ୍କୁଲ ଖୋଲିବାକୁ ପଡ଼ିବ।

## ସହୀଦନଗର ଓଡିଶା ବ୍ୟାଡମିଂଟନ ଏକାଡେମି ପରିଦର୍ଶନ କଲେ ବିଶିଷ୍ଟ ବ୍ୟାଡମିଂଟନ ତାରକା ପି. ଗୋପିଚାନ୍ଦ

ଭୁବନେଶ୍ୱର,୨୯/୧୧ (ନି.ପ୍ର): ବିଶିଷ୍ଟ ବ୍ୟାଡମିଂଟନ ତାରକା ତଥା ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଏବଂ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ପି. ଗୋପିଚାନ୍ଦ ଆଜି ପୂର୍ବାହ୍ନରେ ସହିଦନଗରସ୍ଥିତ ଓଡିଶା ବ୍ୟାଡମିଂଟନ ଏକାଡେମୀ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଏଠାକାର ପ୍ରଶିକ୍ଷାର୍ଥୀ, ବୈଷୟିକ କର୍ମଚାରୀ ଓ କୋଚମାନଙ୍କ ସହ ତାଲିମ ଓ ଅନ୍ୟାନ ବିଷୟରେ ଆଲୋଚନା କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଓଡିଶା ବ୍ୟାଡମିଂଟନ ଏକାଡେମିର ନିର୍ଦ୍ଦେଶକ ଶ୍ରୀ କୈଳାଶ ଚନ୍ଦ୍ର ଦାସ ଏଠାରେ ଉପସ୍ଥିତ ରହି ଏକାଡେମୀର ଭିତିଭୂମି ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ାର ବିକାଶ ଓ ଉନ୍ନତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଥିବା ଏବଂ ଓଡ଼ିଶା ସରକାର ବ୍ୟାଡମିଣ୍ଟନ ତଥା ବିଭିନ୍ନ କ୍ରୀଡ଼ାକୁ ଏତେ ପରିମାଣର ପ୍ରୋତ୍ସାହନ ଦେଉଥିବା ଜାଣି ପି. ଗୋପିଚାନ୍ଦ ବେଶ ଖୁସି ପ୍ରକଟ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କ୍ରୀଡାକୁ ଯେଉଁଭଳି ଭାବେ ପ୍ରୋତ୍ସାହନ ଦେଉଛନ୍ତି ତାହା ଅଭୂତପୂର୍ବ ବୋଲି ସେ କହିଥିଲେ। ରାଜ୍ୟ ତଥା ଦେଶରେ ବ୍ୟାଡମିଂଟନର ବହୁଳ ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ସହ ମିଶି ଯେଉଁ ସବୁ କାର୍ଯ୍ୟକ୍ରମ କରାଯିବ ସେ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଥିଲେ। ଏଥିସହିତ ଆଗକୁ ଯେଉଁ ବଡ ବଡ଼ ପ୍ରତିଯୋଗିତା ଆୟୋଜନ ହେବ ସେ ବିଷୟରେ ମଧ୍ୟ ଗୋପିଚାନ୍ଦ ଅଧିକାରୀ ଓ କୋଚମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ ଏଠାକାର ଜିମ୍ ଓ ହଷ୍ଟେଲ ବୁଲି ଦେଖିବା ସହ ପିଲାଙ୍କ ମନୋବଳ ବୃଦ୍ଧି ପାଇଁ ତାଙ୍କ ଅଭିଜ୍ଞତା ଓ ଅନୁଭୂତି ବାଂଟିଥିଲେ। ଗତକାଲି ଗୋପିଚାନ୍ଦ ଏଠାରେ ପହଂଚି ହକି ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର. ଭିନୀଲ କ୍ରିଷ୍ଣାଙ୍କ ସହ ଏକ ବୈଠକରେ ଯୋଗଦେବା ସହ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣଧୀନ ଡାଲମିୟା-ଗୋପିଚାନ୍ଦ ହାଇ ପର'ରମାନ୍ସ ସେଣ୍ଟର ବୁଲି ଦେଖିଥିଲେ। ଏହି ସେଣ୍ଟର ରାଜ୍ୟରୁ ନିଶ୍ଚିତ ଭାବେ ବହୁ ଭଲ ଅନ୍ତର୍ଜାତୀୟ ପ୍ରତିଭା ସୃଷ୍ଟି କରିବାରେ ସମର୍ଥ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

## ଓପେସାର ଡିପ୍ଲୋମା ବୈଷୟିକ ଶିକ୍ଷା କର୍ମଶାଳା : ପାଠରୁ ମୁହଁ ଫେରାଉଛନ୍ତି ଛାତ୍ରଛାତ୍ରୀ




ଭୁବନେଶ୍ୱର,୨୯/୧୧ (ନି.ପ୍ର): ସାଧାରଣ ଶିକ୍ଷା ଭଳି ଡିପ୍ଲୋମା ବୈଷୟିକ ଶିକ୍ଷାକୁ ମଧ ସରକାରୀ ପ୍ରୋତ୍ସାହନ ମିଳୁ। କାରଣ ବୈଷୟିକ ଶିକ୍ଷାରେ ଦେଶ ତଥା ଦେଶ ବାହ?ାରେ ଅଧିକ ଚାକିରି ସୁଯୋଗ ରହିଛି। ସରକାରୀ ପ୍ରୋତ୍ସାହନ ମିଳିଲେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ଅଧିକ କୁଶଳୀ କରିହେବ। ସେମାନଙ୍କୁ ସମୟ ସହ ତାଳଦେଇ ତାଲିମ ଦିଆଯିବ। ହେଲେ ପ୍ରୋତ୍ସାହନ ଅଭାବରୁ ବୈଷୟିକ ଶିକ୍ଷା ପ୍ରତି ପିଲାଙ୍କ ଆଗ୍ରହ କମୁଛି। କଲେଜ୍ ଗୁଡ଼ିକରେ ସିଟ୍ ଫାଙ୍କା ପଡୁଛି। ରାଜ୍ୟରେ ୧୫୬ଟି ଡିପ୍ଲୋମା କଲେଜ୍ ରହିଛି। ଯେଉଁଥିରୁ ସରକାରୀ ୩୫ ଏବଂ ବେସରକାରୀ ୧୨୧ କଲେଜ୍ ରହିଛି। ସରକାରୀ କଲେଜ୍‌ରେ ୮ହଜାର ସିଟ୍ ରହିଥିବା ବେଳେ ବେସରକାରୀ କଲେଜ୍‌ରେ ୩୭ହଜାର ସିଟ୍ ରହିଛି। ହେଲେ ମାତ୍ର ୭୦ ପ୍ରତଶତ ପିଲା ଡିପ୍ଲୋମା କୋର୍ସ କରୁଛନ୍ତି। ୩୦ ପ୍ରତିଶତ ସିଟ୍ ଫାଙ୍କା ପଡୁଛି। ଆଜି ଓପେସା ପକ୍ଷରୁ ଉତ୍କଳ ଚାମ୍ବର ଅଫ୍ କମର୍ସ ଠାରେ 'ଡିପ୍ଲୋମା ବୈଷୟିକ ଶିକ୍ଷାର ସମସ୍ୟା ଏବଂ ଆହ୍ୱାନ' ଶୀର୍ଷକ କର୍ମଶାଳାରେ ଅତିଥି ଏବଂ ବିଭିନ୍ନ ବେସରକାରୀ କଲେଜ୍‌ର ମୁଖ୍ୟ ଏଭଳି ମତବ୍ୟକ୍ତ କରିଥିଲେ। ଦେଶରେ ବୈଷୟିକ ଶିକ୍ଷାର ପ୍ରଗତି ସତ୍ତ୍ୱେ ଶିକ୍ଷା, ନିଯୁକ୍ତି ଏବଂ ନିଯୁକ୍ତିଦାତା ମଧ୍ୟରେ ପାର୍ଥକ୍ୟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ନୂଆ କୌଶଳକୁ ଆପଣାଇବାକୁ ପଡ଼ିବ। ଡିପ୍ଲୋମା ପାଠ୍ୟକ୍ରମରେ ପରିବର୍ତ୍ତନ ସହ ତାଲିମ୍ ଦିଆଯିବ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ଆଗ୍ରହ ସୃଷ୍ଟିପାଇଁ ହାଇସ୍କୁଲ୍ ଶିକ୍ଷା ପରେ ପିଲା, ଅଭିଭାବକଙ୍କୁ ନେଇ ସଚେତନ କରାଇବାକୁ ହେବ। ଡିପ୍ଲୋମା ବୈଷୟିକ ଶିକ୍ଷାରେ କିଭଳି ବ୍ୟାପକ ସୁଯୋଗ ରହିଛି ଅବଗତ କରାଇବାକୁ ପଡ଼ିବ। ହେଲେ ଛାତ୍ରଛାତ୍ରୀ କେବଳ ସାର୍ଟିଫିକେଟ୍ ମନବୃତ୍ତି ଛାଡ଼ି କିଭଳି ବୃତ୍ତିଗତ ଜୀବନରେ ସଫଳତା ହସଲ କରିବେ ସେଦିଗରେ ଗୁରୁତ୍ୱଦେବା ଆବଶ୍ୟକ। ସେହିପରି ଶିକ୍ଷାର୍ଥୀ କିଭଳି ସମୟ ଉପଯୋଗୀ ବୃତ୍ତିଗତ କୌଶଳ ହାସଲ କରିପାରିବେ ଅଧକ୍ଷ ଅଧକ୍ଷାମାନେ ମଧ ସେ ଦିଗରେ ଯତ୍ନବାନ ହେବେ। ଆଜିର ଏହି କାର୍ଯ୍ୟକ୍ରମର ତିନୋଟି ଟେକ୍ନିକାଲ୍ ସେସନ୍‌ରେ ଆଲୋଚନା କରାଯଇଥିଲା। କର୍ମଶାଳାରେ ଓପେପାର ସଭାପତି ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ଏଆଇସିଟିଇର ପୂର୍ବତନ ଅଧକ୍ଷ ଦାମୋଦର ଆଚାର୍ଯ୍ୟ, ପୂର୍ବାଞ୍ଚଳ ଶାଖା ଅଧିକାରୀ ଭୂପେନ୍ଦର ଗୋସ୍ୱାମୀ, ଉତ୍କଳ ଚାମ୍ବର ଅଫ୍ କମର୍ସର ବ୍ରହ୍ମାନନ୍ଦ ମିଶ୍ର, ସିଟିଟିସିର ଜିଏମ୍ ଏସ୍‌କେ କର, ହର ପ୍ରସନ୍ନ ଦାସ, ଓପେପାର ସାଧାରଣ ସମ୍ପାଦକ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ କଲେଜ୍‌ର ଅଧକ୍ଷ ଉପସ୍ଥିତ ରହି ଆଲୋଚନାରେ ସମସ୍ୟା ଓ ଆହ୍ୱାନ ଉପରେ ମତ ରଖିଥିଲେ।

## ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୯୭ କରୋନା ପଜିଟିଭ୍ ଚିହ୍ନଟ: ୨୫ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୨୯/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୧୯୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୮୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୨୫ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨ ଜଣ, ଭଦ୍ରକରୁ ୩ ଜଣ, ବରଗଡ଼ ଜିଲ୍ଲାରୁ ୧ ଜଣ, କଟକରୁ ୬ ଜଣ, ଦେବଗଡ଼ରୁ ୩ ଜଣ, ଢେଙ୍କାନାଳରୁ ୪ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୫ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୧ ଜଣ, ଖୋର୍ଦ୍ଧାରୁ ୯୪ ଜଣ, ମୟୂରଭଞ୍ଜରୁ ୯ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୧ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୧୬ ଜଣ, ସୁନ୍ଦରଗଡ଼ରୁ ୧୨ ଜଣ ଓ ଷ୍ଟେଟ ପୁଲରୁ ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୮ ହଜାର ୮୮୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୩୮ ହଜାର ୦୮୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨ ହଜାର ୩୩୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟ ପିଏଚଡ଼ି ଛାତ୍ର ପ୍ରସ୍ତୁତ କଲେ ଆଣ୍ଟିବଡ଼ି କିଟ୍




ଭୁବନେଶ୍ୱର,୨୯/୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋ ଟେକ୍ନୋଲୋଜି ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଛି ଆଣ୍ଟି ବଡି କିଟ। ଏଥିରେ ଆଣ୍ଟି ଟ୍ରାନ୍ସଫରିନ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟ ୭୯ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଆଣ୍ଟି ଟ୍ରାନ୍ସଫରିନ୍ ଆଣ୍ଟି ବଡ଼ି କିଟ୍‌ର ଶୁଭାରମ୍ଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ବାୟୋ ଟେକ୍ନୋଲୋଜି ବିଭାଗ ପିଏଚଡ଼ି ଛାତ୍ର ଅଭିନାଶ ଦତ୍ତ ଏହି କିଟକୁ ତିଆରି କରିବାସହ ଏହା ଉପରେ ଅଧିକ ଗବେଷଣା ଜାରି ରଖିଛନ୍ତି। ତେବେ ଏଥିରେ ତାଙ୍କୁ ବିଭାଗର ମୁଖ୍ୟ ଯଜ୍ଞେଶ୍ୱର ଦଣ୍ଡପାଟ ଗାଇଡ଼ କରିଥିଲେ। ସେ କହିଲେ ଯେ, ଟ୍ରାନ୍ସଫରିନ ହେଉଛି ଏକ ପ୍ରକାର ପ୍ରୋଟିନ ଯାହା ଶରୀରରେ ଆଇରନର ମାତ୍ରା ନିଦାନ କରିବା ସହିତ ନିୟନ୍ତ୍ରଣରେ ରଖିଥାଏ। ଏହି କିଟ୍ ବିଶେଷକରି କ୍ୟାନସର ରୋଗୀଙ୍କ କ୍ଷେତ୍ରରେ ଅଧିକ ଫଳପ୍ରଦ ହେବ। ଏହାଛଡା ଅନ୍ୟାନ୍ୟ ରୋଗ ପ୍ରତି ମଧ ଲାଭଦାୟକ ହୋଇପାରିବ। ତେବେ ଏହି କିଟ୍ ମଣିଷ ଦେହରେ ପରୀକ୍ଷା ହୋଇନଥିଲେ ମଧ କିଛି ଜୀବଜନ୍ତୁ ଓ ପଶୁଙ୍କ ମଧରେ ପରୀକ୍ଷା ହୋଇଛି ବୋଲି ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଶ୍ରୀ ଦଣ୍ଡପାଟ ସୂଚନା ଦେଇଛନ୍ତି। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ସେଣ୍ଟର ଫର୍ ଇନୋଭେସନ ଏଣ୍ଡ ଇନକ୍ୟୁବେସନର ନୂତନ ୱେବସାଇଟ୍‌କୁ ଲୋକାର୍ପଣ କରି କେନ୍ଦ୍ରମନ୍ତ୍ରୀ କିଟ୍ ପ୍ରସ୍ତୁତ କରିଥିବା ଅଭିନାଶଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଏହି ଗବେଷଣା କିଭଳି ସାଧାରଣ ଲୋକଙ୍କ ଉପକାରରେ ଆସିବ ତାହା ପଚାରି ବୁଝିଥିଲେ। ପୂର୍ବରୁ ଲୌହସାର ପରୀକ୍ଷା ରିପୋର୍ଟ ତୁଳନାରେ ଏହି କିଟ୍ ଠିକଣା ଭାବେ କାର୍ଯ୍ୟ କରିବ ବୋଲି ବିଭାଗ ତରଫରୁ ଜାଣିବା ପରେ ଆଗକୁ ଏ ଗବେଷଣା ନେଇ ଆବଶ୍ୟକ ସୁବିଧା ଯୋଗାଇଦେବେ ବୋଲି ଅଭିନାଶଙ୍କୁ ଆଶ୍ୱାସନା ଦେଇଥିଲେ।

## ମହାନ୍ ବିପ୍ଳବୀ ନାଗଭୂଷଣଙ୍କ ରଚିତ ପୁସ୍ତକ 'ବିପ୍ଳବର ପଥେ' ଲୋକାର୍ପିତ

ଭୁବନେଶ୍ୱର,୨୯/୧୧ (ନି.ପ୍ର): ଭୁବନେଶ୍ୱରସ୍ଥିତ ନାଗଭୂଷଣ ଭବନରେ ସିପିଆଇ (ଏମ୍.ଏଲ୍) ଲିବରେସନର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ମହାନ୍ ବିପ୍ଳବୀ ନାଗଭୂଷଣଙ୍କ ଚରିତ ପୁସ୍ତକ 'ବିପ୍ଳବର ପଥେ'ର ଲୋକାର୍ପିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ଉକ୍ତ ପୁସ୍ତକର ଓଡ଼ିଆ ଅନୁବାଦ କରିଛନ୍ତି। ଏହି ପୁସ୍ତକକୁ ସମୀକ୍ଷା କରି ପ୍ରଫେସର ବିଜୟ ବହିଦାର କହିଛନ୍ତି ଯେ, ନାଗଭୂଷଣ ସମାଜର ପରିବର୍ତ୍ତନ ଲାଗି ଉକ୍ତ ପୁସ୍ତକରେ କୃଷକ, ଶ୍ରମିକ ଓ ବିଶେଷକରି ମହିଳା ସମାଜକୁ ଆହ୍ୱାନ ଦେଇଥିଲା ବେଳେ ଜାତିପ୍ରଥାକୁ ଉଚ୍ଛେଦ କରିବା ଲାଗି କହିଛନ୍ତି। ନାଗଭୂଷଣ କହିଥିଲେ ଯେ, ଲୋକମାନଙ୍କ ଆନ୍ଦୋଳନ ଫଳରେ ସମାଜରେ ପରିବର୍ତ୍ତନ ସମ୍ଭବ ହୋଇପାରିବ। ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ କୃଷକମାନଙ୍କ ଆନ୍ଦୋଳନ ସ୍ୱାଧିନତା ଆଣିବା ଲାଗି ପଥ ପରିଷ୍କାର ହୋଇଥିଲା ବୋଲି ନାଗଭୂଷଣ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ସ୍ୱପ୍ନ ଓ ସଂକଳ୍ପ ଶୀର୍ଷକରେ ଆଲୋଚନା କରି ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଲେ ଯେ, ନାଗଭୂଷଣ ଜଣେ ସର୍ବଭାରତୀୟ ନେତା ଥିଲେ ଓ ଭାରତବର୍ଷର କୃଷକ, ଦଳିତ, ଆଦିବାସୀ ଓ ବିଶେଷକରି ମହିଳାଙ୍କ ଲାଗି ତାଙ୍କର ସଂଗ୍ରାମ ଜାରି ରଖିଥିଲେ। ଆଜି ଭାରତବର୍ଷରେ ମଧ ଦଳିତ, ସଂଖ୍ୟାଲଘୁ, ମହିଳା, କୃଷକମାନଙ୍କ ଫାସିବାଦୀ ମୋଦି ସରକାରର ଆକ୍ରମଣ ବ୍ୟାପକ ଭାବେ ବଢିବାରେ ଲାଗିଛି। ଏହାକୁ ଯେ ବିରୋଧ କରୁଛି, ତାଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇ ଗିରଫ କରାଯାଉଛି। ଏବେ ଭାରତରେ କୃଷକମାନଙ୍କ ଦୀର୍ଘ ଏକବର୍ଷ ଧରି ଆନ୍ଦୋଳନ ଫଳରେ ଯେଉଁ ଐତିହାସିକ ବିଜୟ ହୋଇଛି, ଏହା ସ୍ପଷ୍ଟ କରିଛି ଯେ, ଭାରତରେ ବାମ, ଗଣତାନ୍ତ୍ରିକ ଶକ୍ତିର ଏକତା ଓ ବଡ଼ ଆନ୍ଦୋଳନର ଆବଶ୍ୟକତା ରହିଛି। ଏହା ଫଳରେ ଭାରତବର୍ଷର ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ପୂର୍ବତନ ବିଧାୟକ ତଥା ସିପିଆଇ(ଏମ୍.ଏଲ୍) ଲିବରେସନର କେନ୍ଦ୍ରୀୟ କମିଟି ସଭ୍ୟ ରାଧାକାନ୍ତ ସେଠି ସ୍ୱାଗତ ଭାଷଣ ଦେଇଥିବା ବେଳେ ସିପିଆଇ(ଏମ୍.ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ସଭାପତିତ୍ୱ କରିଥିଲେ। ଶେଷରେ ସିପିଆଇ(ଏମ୍.ଏଲ୍) ଲିବରେସନର ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ା ଧନ୍ୟବାଦ ର୍ପିଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟି ସଦସ୍ୟ ସାଥୀ ତିରୁପତି ଗମାଙ୍ଗ, ଅଶୋକ ପ୍ରଧାନ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଲୋକାର୍ପଣ ଉତ୍ସବରେ ନାଗଭୂଷଣ ପଟ୍ଟନାୟକଙ୍କ ସହିତ କାର୍ଯ୍ୟ କରିଥିବା ଶରତ ତ୍ରିପାଠୀ, ଦିବାକର ବେହେରିଆଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ସାଥୀ ମଧୁସୂଦନ ସେଠୀ ସିପିଆଇ(ଏମ୍.ଏଲ୍) ଲିବରେସନରେ ଯୋଗ ଦେଇଥିଲେ।

## ସର୍ବଦଳୀୟ ବୈଠକକୁ ବର୍ଜନ କଲା ବିଜେପି : ମୁଖ୍ୟ ବିରୋଧୀ ଦଳକୁ ହକ୍ ଦିଆଯାଉ ନଥିବା ଅଭିଯୋଗ ଆଣିଲେ ବିଷ୍ଣୁ ସେଠୀ



ଭୁବନେଶ୍ୱର,୨୯/୧୧ (ନି.ପ୍ର): ସର୍ବଦଳୀୟ ବୈଠକକୁ ବର୍ଜନ କଲା ବିଜେପି। ସର୍ବଦଳୀୟ ବୈଠକ ଆରମ୍ଭରୁ ହିଁ ଉଠିଗଲେ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ। ମୁଖ୍ୟ ବିରୋଧୀ ଦଳ ହିସାବରେ ବିଜେପିକୁ ତାର ହକ୍ ଦିଆଯାଉ ନଥିବା ଅଭିଯୋଗ ଆଣିଲେ ବିଷ୍ଣୁ ଚରଣ ସେଠୀ। ପୂର୍ବରୁ ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ଓ ଉପ ନେତା ଉପସ୍ଥିତ ରହୁଥିଲେ। କିନ୍ତୁ ବିରୋଧୀ ଦଳ ନେତାଙ୍କ ଅସୁସ୍ଥତା କାରଣରୁ ବିରୋଧୀ ଦଳ ଉପ ନେତା ଉପସ୍ଥିତ ରହି ପାରିବେ ବୋଲି କୁହାଯାଇଛି। ଏହା ବାଦ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଏବଂ ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ବୈଠକରେ ସାମିଲ କରିବାକୁ ଦାବି କରିଥିଲା ବିଜେପି। ଗତ ସର୍ବଦଳୀୟ ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିବା ଥିଲେ ବି ଏଥର ଏହାକୁ ବାଚସ୍ପତି ଆଗ୍ରହ୍ୟ କରି ଦେବାରୁ ବୈଠକକୁ ବର୍ଜନ କରିଛି ଦଳ ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଛନ୍ତି। ଏହାଛଡ଼ା ବିଷ୍ଣୁ ଚରଣ ସେଠୀ କହିଛନ୍ତି, ଗଣତନ୍ତ୍ର ଏବେ ହାସ୍ୟତନ୍ତ୍ରରେ ପରିଣତ ହୋଇଗଲାଣି।

## କୋଭିଡ୍ କଟକଣା ପୁଣି କଡ଼ାକଡ଼ି : ନମାନିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର ,୨୯/୧୧ (ନି.ପ୍ର): କରୋନା ଭୂତାଣୁର ନୂଆ ପ୍ରଜାତି ଓମିକ୍ରନ୍‌କୁ ନେଇ ସାରା ବିଶ୍ୱରେ ଆତଙ୍କ ଦେଖାଦେଇଥିବା ବେଳେ ରାଜ୍ୟ ସରକାର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତୃତୀୟ ଲହରର ପ୍ରତିରୋଧ ନିମନ୍ତେ ପ୍ରସ୍ତୁତ ଓ ସକ୍ରିୟ ରହିବାକୁ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଯେପରି ଅଣାୟତ୍ତ ନହେବ ସେଥିପାଇଁ କୋଭିଡ କଟକଣା କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତେ ଯେପରି ମାସ୍କ ପିନ୍ଧିବେ, ସାମାଜିକ ଦୂରତା ରଖିବେ, ସାନିଟାଇଜର ବ୍ୟବହାର କରିବେ ତାହାକୁ କଡ଼ାକଡ଼ି ପାଳନ କରାଯିବ। ଯିଏ ନିୟମ ମାନିବେନି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ମାଧମରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ବେଳେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଏବେ ସ୍କୁଲ, କଲେଜରେ ପାଠପଢ଼ା ଆରମ୍ଭ ହୋଇଛି। ସବୁ ଦୋକାନ ବଜାର ଖୋଲିଥିବାରୁ ଅର୍ଥନୈତିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇଛି। ଜୀବିକା ନିର୍ବାହ ସହ ସଂପୃକ୍ତ ସମସ୍ତ ଅନୁଷ୍ଠାନ, ସଂସ୍ଥା ଏବଂ କାର୍ଯ୍ୟକ୍ରମଗୁଡ଼ିକ ପୁନଃ ଆରମ୍ଭ ହୋଇଛି। ତେଣୁ ଏହି ସମୟରେ ସମ୍ଭାବ୍ୟ ତୃତୀୟ ଲହରର ପ୍ରଭାବ ରୋକିବା ନିମନ୍ତେ ଆମକୁ ଅଧିକ ସତର୍କ, ସଜାଗ ଓ କ୍ରିୟାଶୀଳ ହେବାକୁ ପଡ଼ିବ। ତୃଣମୂଳସ୍ତରରୁ ଯେପରି କୋଭିଡ ଆକ୍ରାନ୍ତଙ୍କୁ ସଙ୍ଗେସଙ୍ଗେ ଚିହ୍ନଟ କରାଯିବ, ସେଥିପାଇଁ ଜିଲ୍ଲାପାଳମାନେ ପଦକ୍ଷେପ ନେବେ। ମଣ୍ଡଳ ଉନ୍ନୟନ ଅଧିକାରୀ, ସରପଞ୍ଚ, ୱାର୍ଡମେମ୍ବର, ଅଙ୍ଗନାବାଡ଼ି କର୍ମୀ, ଗ୍ରାମ ଓ ପଞ୍ଚାୟତସ୍ତରୀୟ ସରକାରୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କ ମାଧମରେ ସବୁ ଅଞ୍ଚଳର ବାସ୍ତବ ସ୍ଥିତି ବିଷୟରେ ଠିକ୍ ସୂଚନା ସଂଗ୍ରହ ସହ କୌଣସି ସ୍ଥାନରେ କୋଭିଡ୍ ସଂକ୍ରମଣ ଜଣାପଡ଼ିଲେ ବା ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ। ଏହାସହ ଘରକୁ ଘର ବୁଲି କୋଭିଡ ଟିକାକରଣକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏଥିରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା କହିଥିଲେ, କୋଭିଡ୍ ପରିଚାଳନାରେ ଓଡ଼ିଶା ଆନ୍ତର୍ଜାତିକ ସ୍ୱୀକୃତି ପାଇଛି।

## ସମୁଦ୍ର ତଳର....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଦେଶରେ ସାମାଜିକ ସୁରକ୍ଷା, ମାନବିକ ଅଧିକାର ହାପିନେକ୍ସ ଇଣ୍ଡେକ୍ସ ଅତ୍ୟନ୍ତ ଉଚ୍ଚରେ । ପ୍ରେସ ସ୍ୱାଧିନତା ମଧ୍ୟ ବେଶ ଭଲ । ଆଇନ ଶୃଂଖଳା ସୁଦୃଢ । ବହୁ ଦିନରୁ ମୃତ୍ୟୁ ଦଣ୍ଡ ଉଠି ଯାଇଛି । ଇଛା ମୃତ୍ୟୁ ଅଧିକାର ଲୋକଙ୍କୁ ପ୍ରଦାନ କରାଯାଇଛି । ନାରୀ ମାନଙ୍କୁ ସଂପୂର୍ଣ୍ଣ ସ୍ୱାଧିନତା ବହୁ ଦିନରୁ ମିଳିଛି । ଗର୍ଭପାତକୁ ଆଇନ ସମ୍ମତ କରା ଯାଇଛି । କିଛି ବର୍ଷ ତଳେ ସମୁଦ୍ର ଗର୍ଭରୁ ପ୍ରାକୃତିକ ଗ୍ୟାସ ମିଳିବା ପରେ ଏହାର ପ୍ରଚଣ୍ଡ ଆର୍ଥିକ ଅଭିବୃଦ୍ଧି ଘଟିଛି ।

ଆମଷ୍ଟରଡାମ: ଏହାକୁ ଉ*ର ର ଭେନିସ ବୋଲି କୁହାଯାଏ । ଦେଶର ଏହା ରାଜନୈତିକ ରାଜଧାନୀ ଓ ମୁଖ୍ୟ ସହର(ଲୋକ ସଂଖ୍ୟା ୮ ଲକ୍ଷ)ଆମଷ୍ଟାଲ ଡ୍ୟାମ କଡରେ ଥିବାରୁ ଏହାର ନାମ ଏପରି ହୋଇଛି ।ଏହା ଆଲ'। ଗ୍ଲୋବାଲ ସିଟି ର ମାନ୍ୟତା ପାଇଛି । ରହିବା ପାଇଁ ବିଶ୍ୱର ଏହା ଦ୍ୱିତୀୟ ସର୍ବୋତ୍ତମ ସହର । । ଏଠାରେ ରିଜିକସ, ଭେନ ଗଫ, ସେଡଜିକ, ମ୍ୟୁଜିଅମ ଓ ପ୍ରସିଦ୍ଧ ହରମିଟେଜ ରହିଛି । ଏହାର ବନ୍ଧ ବାଡ ୟୁନେସ୍କୋ ହେରିଟେଜରେ ସ୍ଥାନ ପାଇଛି । ଏଠାରେ ବିଶ୍ୱ ପ୍ରସିଦ୍ଧ ଉବର, ନେଟଫ୍ଲିକ୍ସ ଟାସକ କମ୍ପାନୀର ମୁଖ୍ୟ ଦପ୍ତର ରହିଛି । ଏହି ସହରରେ ବେଶ୍ୟାବୃ* ଆଇନ ସମ୍ମତ ଥିବାରୁ ଏହାର ରେଡ ଲାଇଟ ଏରିଆରେ ପ୍ରବଳ ଭିଡ ହୁଏ ।

ରୋଟର ଡ୍ୟାମ: ଏହାକୁ ୟୁରୋପର ଦ୍ୱାର କୁହାଯାଏ । ସମସ୍ତ ଉଡାଯାହାଜ ଏହାର ବିମାନ ବନ୍ଦର ଦେଇ ଯାଏ । ଏଠାରେ ବିଶ୍ୱପ୍ରସିଦ୍ଧ ୟୁନି ଲିଭର, ସେଲ, ରେବକୋ ଭଳି କମ୍ପାନୀ ମାନଙ୍କର ମୁଖ୍ୟ ଦପ୍ତର ଅଛି । ପୃଥିବୀର ପ୍ରଥମ ଷ୍ଟକ ଏକ୍ସଚେଞ୍ଜ ଏଠାରେ ସ୍ଥାପିତ ହୋଇଥିଲା ।

ଦି ହେଗ: ଏହା ହଲାଣ୍ଡ ତଥା ପୃଥିବୀର ନ୍ୟାୟିକ ରାଜ ଧାନୀ । ଏଠାରେ ରାଜା ରୁହନ୍ତି । ଆର୍ନ୍ତଜାତିକ ବିଚାରାଳୟ ଓ ବିଭିନ୍ନ ଆର୍ବିଟେସନ କାଉନସିଲ ଏଠାରେ ଅଛି । ସମୁଦାୟ ୨୦୦ ଆର୍ନ୍ତଜାତିକ ଅନୁଷ୍ଠାନ ଏଠାରେ କାମ କରୁଛି ।

ଲୋକ ମାନଙ୍କର ଉଦ୍ୟମ ଓ ଅଧ୍ୟବ୍ୟବସାୟ ବଳରେ ଗୋଟିଏ କ୍ଷୁଦ୍ର ଦେଶ କିପରି ବିଶ୍ୱର ଅଗ୍ରଣୀ ଦେଶରେ ପରିଣତ ହୁଏ, ହଲାଣ୍ଡ ତାହାର ଉଦାହରଣ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮

## ରାସାୟନିକ ସାର ଓ ବିଷ ପ୍ରୟୋଗ ନକରି ଧାନ ଚାଷ



ଉଦଳା, ୨୯/୧୧ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଭୀମତାଳିସ୍ଥିତ ହୃଦାନନ୍ଦ ବିହାର ପରିସରରେ ଗଢ଼ି ଉଠିଥିବା ସୁଭଦ୍ରା ଗୋ ଗବେଷଣା ଓ ଅନୁସନ୍ଧାନ କେନ୍ଦ୍ରର ପ୍ରତିଷ୍ଠାତା ପ୍ରକାଶ କୁମାର ନାୟକ ଚଳିତ ବର୍ଷ ପରୀକ୍ଷା ମୂଳକ ଭାବେ ପ୍ରାୟ ତିନି ଏକ ଜମିରେ କୌଣସି ରାସାୟନିକ ସାର ଓ ବିଷ ପ୍ରୟୋଗ ନକରି ଧାନ ଚାଷ କରିଛନ୍ତି । ଧାନ ମଧ ଖୁବ ଭଲ ଅମଳ ଦେଇଥିବାର ଶ୍ରୀଯୁକ୍ତ ନାୟକ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ବହୁ ଲୋକ ଏବେ ତାଙ୍କ ନିକଟକୁ ଏ ବାବଦରେ ପରାମର୍ଶ ନେବାକୁ ଆସୁଛନ୍ତି । ସେହିପରି ଏଠାରେ ଗଢ଼ି ଉଠିଥିବା ଗୋ ଗବେଷଣା ଓ ଅନୁସନ୍ଧାନ କେନ୍ଦ୍ରରେ ଗୋ ମୁତ୍ର ସଂଗ୍ରହ କରି ଫିନାଇଲ ତିଆରି କରାଯାଉଛି । ସ୍ଥାନୀୟ ଅଞ୍ଚଳରେ ଏହି ଫିନାଇଲର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଗାମୀ ଦିନରେ ଏହାକୁ କେନ୍ଦ୍ର କରି ଆହୁରୀ ଅନେକ ପ୍ରକାର ଯୋଜନା ପ୍ରସ୍ତୁତ କରାଯାଉଥିବାର ଶ୍ରୀଯୁକ୍ତ ନାୟକ ଗଣ ମାଧମକୁ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଧୈର୍ଯ୍ୟର ସହ ମୁକାବିଲା ଓ ଟିକା ନେବା....

ସଂଘର୍ଷ ଜାରି ରଖିଛନ୍ତି । ଏଭଳି ସ୍ଥିତିରେ ବିଶ୍ୱକୁ ନୂଆ ଭାରିଆଂଟ ଓମିକ୍ରନ ଲୋକଙ୍କୁ ଚିନ୍ତାରେ ପକାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଭାରିଆଂଟ ଅଫ୍ କନସନ୍ ତଥା ଚିନ୍ତାଜନକ ଭାରିଆଂଟ ବୋଲି ବିବେଚନା କରିଛି । ତେବେ ଏଥିପାଇଁ ଚିନ୍ତା ଓ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ଅଧିକାରୀଙ୍କ ସହ ଦେଶରେ କୋଭିଡ୍ ସ୍ଥିତି ଓ ଟିକାକରଣ ନେଇ ସମୀକ୍ଷା କରିଛନ୍ତି । ନୂଆ ଭାରିଆଂଟ ନେଇ ଅଧିକ ସଜାଗ ରହିବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି । ଭାରତ ସରକାର ଏହି ସଂକ୍ରମଣ ଉପରେ ନଜର ରଖିବା ପାଇଁ ମନିଟରିଂ ବୃଦ୍ଧି ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ଭାରିଆଂଟ ଓମିକ୍ରନ ସମ୍ବନ୍ଧରେ ସମସ୍ତ ରାଜ୍ୟକୁ ଏକ ଚିଠି ଲେଖି ବିଦେଶୀ ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି । ପରୀକ୍ଷଣ, ହଟସ୍ପଟ୍ ଉପରେ ନଜର, ସ୍ୱାସ୍ଥ୍ୟ ଭିତିଭୂମିରେ ଉନ୍ନତି ଏବଂ କରୋନା ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତମାନ ସୁଦ୍ଧା ଦେଶରେ ୧୨୨ କୋଟି ୩୪ ଲକ୍ଷ ୮୧ ହଜାରରୁ ଉର୍ଦ୍ଧ୍ୱ ଲୋକ ନାଗରିକମାନେ ଟିକା ନେଇଥିବା ବେଳେ ଭାରତ ନୂଆ ମାଇଲଖୁଂଟ ଅତିକ୍ରମ କରିଛି । ସେଥିମଧ୍ୟରୁ ୭୮ କୋଟି ୩୩ ଲକ୍ଷ ୩୩ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ଓ ୪୪ କୋଟି ୧ ଲକ୍ଷ ୪୮ ହଜାରରୁ ଉର୍ଦ୍ଧ୍ୱ ଲୋକ ଦ୍ୱିତୀୟ ଡ଼ୋଜ୍ ନେଇସାରିଛନ୍ତି । ଓଡ଼ିଶାରେ ୪ କୋଟି ୩୦ ଲକ୍ଷ ୧୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଟିକା ନେଇ ସାରିଛନ୍ତି । ୨ କୋଟି ୭୬ ଲକ୍ଷ ୮୩ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ଏବଂ ୧ କୋଟି ୫୩ ଲକ୍ଷ ୨୮ ହଜାରରୁ ଉର୍ଦ୍ଧ୍ୱ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି । ଓଡ଼ିଶାରେ ଏବେ ବି ଆମେ କୋଭିଡକୁ ହାଲୁକା ଭାବେ ନେଇପାରିବା ନାହିଁ । ୨ ହଜାରରୁ ଉର୍ଦ୍ଧ୍ୱ ଲୋକ କୋଭିଡ୍ ସଂକ୍ରମିତ ଅଛନ୍ତି । ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୧ ହଜାର ୫୭ ଜଣ ସଂକ୍ରମିତ ଅଛନ୍ତି । ମୋର ପ୍ରଥମ ଅନୁରୋଧ, ଟିକା ନେଇନଥିବା ଲୋକମାନେ ଶୀଘ୍ର ଟିକା ନିଅନ୍ତୁ । ଦେଶରେ ଟିକାର ଅଭାବ ନାହିଁ । ଭାରତ ସରକାର ରାଜ୍ୟ ମାନଙ୍କୁ ମାଗଣାରେ ପର୍ଯ୍ୟାପ୍ତ ଟିକା ଯୋଗାଇ ଦେଉଛନ୍ତି । ଏବେ ବି ଓଡ଼ିଶାରେ ୭୦ ଲକ୍ଷ ୫୯ ହଜାର ୨୧୫ ଟିକା ମହଜୁଦ୍ ଅଛି । ଜଣେ ଦାୟିତ୍ୱବାନ ନାଗରିକ ଭାବରେ ସମସ୍ତଙ୍କୁ ଟିକା ନେବା ପାଇଁ ପଡ଼ିବ । ଯେଉଁମାନେ ଏବେ ଯାଏଁ ଟିକା ନେଇନାହାନ୍ତି ସେମାନଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ । କେନ୍ଦ୍ର ସରକାରଙ୍କ ହର୍ ଘର ଦସ୍ତକ୍ ଅଭିଯାନ ଅର୍ଥାତ୍ ଘର ଘର ବୁଲି ଟିକା ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ପଡ଼ିବ । ତୃତୀୟ ଲହରରୁ ରକ୍ଷା ପାଇବା ପାଇଁ ହେଲେ ରାଜ୍ୟ ସରକାର ମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ତିନୋଟି ଟି- ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟମଂଟକୁ ପୁଣି ଥରେ ଗୁରୁତ୍ୱ ଦେବା ପାଇଁ ହେବ । କରୋନା ସହ ଆମର ଲଢ଼େଇ ସୀମିତ ନୁହେଁ । ଏଥିପାଇଁ ଆମକୁ ଲମ୍ବା ସମୟ ପର୍ଯ୍ୟନ୍ତ ଲଢ଼େଇ କରିବାକୁ ପଡ଼ିବ । ତେଣୁ ସମ୍ଭାବ୍ୟ ତୃତୀୟ ଲହର ପାଇଁ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନକୁ ମଧ ପ୍ରସ୍ତୁତ ରହିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ଦେଶର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଶ୍ରମିକ, ଚାଷୀ ଭାଇ ତଥା ସମାଜର ସବୁ ବର୍ଗର ଭାଇ ଭଉଣୀ ମାନଙ୍କୁ ଅନୁରୋଧ- ସମସ୍ତେ ମାସ୍କ ପିନ୍ଧିବା, ସମସ୍ତେ କୋଭିଡ୍ ନିୟମକୁ କଡ଼ା କଡ଼ି ଭାବରେ ପାଳନ କରିବା । ସାମାନ୍ୟ ଲକ୍ଷଣ ଦେଖିଲେ କୋଭିଡ୍ ଟେଷ୍ଟ୍ କରିବା ସହ ଡ଼ାକ୍ତରଙ୍କ ପରାମର୍ଶ ନିଶ୍ଚୟ ନିଅନ୍ତୁ । ବିଦେଶରୁ ଆସୁଥିଲେ ନିଜକୁ ପରୀକ୍ଷା କରିବା ସହ ଅତି କମରେ ୧୪ ଦିନ ନିଜକୁ ସଂଗରୋଧରେ ରଖନ୍ତୁ । ଡ଼ାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଆନ୍ତୁ ନାହିଁ । ଓମିକ୍ରନ ଭାରିଆଂଟ୍ ପାଇଁ ଭୟଭୀତ ହେବାର କୌଣସି କାରଣ ନାହିଁ । ଆମକୁ ପୁଣି ଥରେ ଏହି ଭାଇରସକୁ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ହେବ । ପୂର୍ବାପେକ୍ଷା ଅଧିକ ସଚେତନ ରହିଲେ ହିଁ ଆମେ ଲକଡାଉନ ଓ ଜୀବନଜୀବିକା ପ୍ରଭାବିତ ହେବାର ଆଶଙ୍କାକୁ ଦୂରେଇ ପାରିବା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା ହିଁ ଆମେ ଏହି ସଂକଟରୁ ନିଶ୍ଚୟ ଉଦ୍ଧାର ହୋଇପାରିବା ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ବର୍ଷାରେ ବୁଡିଲା....

ଆହୁରି ବର୍ଷାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସରକାରଙ୍କ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିବା ସହ ଲୋକଙ୍କୁ ରିଲିଫ ସାମଗ୍ରୀ ମଧ ଯୋଗାଇ ଦିଆଯାଉଛି । ବନ୍ୟା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ଜରୁରୀ ବୈଠକ କରିଛନ୍ତି । ତାମିଲନାଡୁରେ ମଧ ପ୍ରବଳ ବର୍ଷା ଲାଗି ରହିଛି । ରାଜଧାନୀ ଚେନ୍ନାଇ ସମେତ ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଚିନ୍ତାର କାରଣ ପାଲଟିଛି । ପ୍ରବଳ ବର୍ଷା ଜାରି ରହିବାରୁ ପୁଣି ପାଣି ଘେରରେ ଚେନ୍ନାଇ । ରାଜଧାନୀ ଚେନ୍ନାଇର ଅନେକ ସ୍ଥାନ ଜଳମଗ୍ନ ଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ବନ୍ୟା ପ୍ରଭାବିତ ଅଂଚଳ କୁ ଯାଇ ସ୍ଥିତି ପରଖିବା ସହ ଉଦ୍ଧାର କାର୍ଯ୍ୟ ର ସମିକ୍ଷା କରିଛନ୍ତି । ସେହପରି ସୁରକ୍ଷା କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୯ ଜିଲ୍ଲା ରେ ଥିବା ସ୍କୁଲ କଲେଜର ଛୁଟି ଘୋଷଣା କରିଛନ୍ତି । ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ସତର୍କ ସୂଚନା ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ । ଆଗକୁ ବଙ୍ଗୋପ ସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଆନ୍ଧ୍ର ପ୍ରଦେଶରେ ବର୍ଷା ପ୍ରଳୟ ଜାରି ରହିବ । ଯାହା ଲୋକଙ୍କ ସମସ୍ୟା ଆହୁରି ବଢାଇ ଦେବ ବୋଲି ଆଶଙ୍କା କରାଯାଉଛି ।

## ଲୋକସଭାରେ ବିଲ ପାସ ହେବା ସତ୍ତ୍ୱେ ....

ରାଜ୍ୟସଭାକୁ ଘଂଟାକ ପାଇଁ ମୁଲତବି ରଖିଥିଲେ । କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ବିଲ ଉପରେ ଆଲୋଚନା ଦାବି କରିଥିଲେ ବିରୋଧୀ । ଏହା ପରେ ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଗୃହକୁ ମୁଲତବି କରାଯାଇଥିଲା । ୧୨ଟାରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହୋଇ ବିରୋଧୀଙ୍କ ହଟ୍ଟଗୋଳ ଭିତରେ କୃଷି ଆଇନ ପ୍ରତ୍ୟାହାର ବିଲକୁ ଲୋକସଭାରେ ପାରିତ କରାଇ ନେଇଛନ୍ତି ସରକାର । ଆଗାମୀ ୨୩ ତାରିଖ ଯାଏଁ ସଂସଦ ଚାଲିବାକୁ ଥିବାବେଳେ ମୋଟ୍ ୨୬ଟି ବିଲ ଆଣିବାକୁ ସରକାର ଯୋଜନା କରିଛନ୍ତି ।

## ଛଟେଇ ଶିକ୍ଷକମାନଙ୍କୁ ....

କୃତୀବାସ ସେଠୀ କହିଛନ୍ତି ୨୦୦୩-୦୪ରେ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକମାନଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ମିଥ୍ୟା କେସ୍‌ରେ ସରକାର ସେମାନଙ୍କ ମଧ୍ୟରୁ ୨୪୩ଜଣ ଶିକ୍ଷା ସହାୟକଙ୍କୁ ଛଟେଇ କରିବା ଏବଂ ୧୬୯ଜଣ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକମାନଙ୍କୁ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କଲା ପରେ ମଧ ନିୟମିତ ନ କରିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ପାଇଁ ଗାନ୍ଧୀମାର୍ଗରେ ବା ଲୋୟର ପିଏମ୍‌ଜିରେ ଶିକ୍ଷା ସହାୟକ ଆସୋସିଏସନ, ଭୁବନେଶ୍ୱର ତରଫରୁ ନିଷ୍ପତି ନିଆଯାଇଛି । ୨୦୦୩ ମସିହାରେ ଓଡ଼ିଶା ସରକାର ୯୬୫୪ଗୋଟି ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ପଦବୀ ନଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିଥିଲେ । ହେଲେ ସମୁଦାୟ ୧୭୭୧୨ ପଦବୀରୁ ସରକାର ମୋଟ ୧୦୬୮୨ଗୋଟି ପଦବୀରେ ନିଯୁକ୍ତି ଦେଲେ । ଏହାର ପ୍ରତିବାଦରେ ୨୦୦୩-୦୪ ବ୍ୟାଚ୍ ଶିକ୍ଷା ସହାୟକ ସଂଘ ପୁନଃ ନିଯୁକ୍ତି ଏବଂ ସମସ୍ତଙ୍କୁ ନିୟମିତ ମାନ୍ୟତା ପ୍ରଦାନ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ଏବଂ ସରକାର ସଂଘର ଦାବୀ ପୂରଣ ନ କରିବା ପର୍ଯ୍ୟନ୍ତ ବିଧାନ ସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# କାଇପଦର ଉନ୍ନତି ଧର୍ମ ମନ୍ଦିର ଡାକ୍ତରଖାନା ପାଇଁ

ଖୋର୍ଦ୍ଧା,୨୯/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ୍ କାଇପଦର ଗ୍ରାମ ଏକ ବଡ ଗ୍ରାମ ଏଠିକା ବାସିନ୍ଦା ଗ୍ରାମ ମେଳି ଭଲ । କଇପଦର ପୀର ବାବା ଓ ବାବା ବାଖାରୀ ପୀଠ ଓ ପାଇକ ଗଡ଼ ପାଇଁ ପ୍ରସିଦ୍ଧ । ଏବେ କଇପଦର ପୀର ବାବା ପୀଠ ପାଇଁ ଏକ ୨୫ ଜଣିଆ କମିଟି ପାଇଁ ଏକ କମିଟି କରା ଯାଇଛି । କେବଳ ଏହି କମିଟି କେବେଳ ପୀର ଠାକୁର କାମ କରିବେ ଏହା ବେତିତ ଅନ୍ୟ କୌଣସି କାମରେ କି ରାଜନୀତି ଭର୍ତି କରିବେ ନାହିଁ । ଗ୍ରାମ ସଭାରେ ନିଷ୍ପତ୍ତି ନେଇଛନ୍ତି । ଜଗନ୍ନାଥ ପାହାଡ଼ ଖଣି ଖାଦାନ ପାଇଁ ଏହି କମିଟି କିଛି ନିଷ୍ପତ୍ତି ନେଇ ପାରିବେ ନାହିଁ । ପୀର ବାବା ପୀଠ କୌଣସି କାମ ସ୍ୱାଗତ ଯୋଗ୍ୟ । ମାତ୍ର କରିବା ପୂର୍ବରୁ ଜିଲ୍ଲା ପାଳ, ତହସିଲଦାର, ଏସପି, ଏସ୍,ଡି,ପି,ଓ, ଖୋର୍ଦ୍ଧାଙ୍କ ପରମିସନ ନେବେ । ଏହାର ସଭା ପତି ଓ ସମ୍ପାଦକ ଦ୍ୱୟେ, ସ୍ଥାନୀୟ ସରପଂଚ ସଙ୍ଗେ କଥା ହୋଇ ଅନୁମତି ଜିଲ୍ଲା ପ୍ରଶାସଠାରୁ ଆଣିବେ, ଭାଙ୍ଗିବା, ଗଢ଼ିବା, ଉଚ୍ଛେଦ କରି ପାରିବେ । ଖୋର୍ଦ୍ଧା ସଦର ଥାନା ମହିଳା ଅଧିକାରିଣୀ ବିନା ଜିଲ୍ଲା ପ୍ରଶାସନ ଓ ପୋଲିସର ଉପରସ୍ତ ଅଧିକାରୀ ବିନା ଅନୁମତି କାମ କରିବା ପାଇଁ ଆଗଭର ହେବ ନାହିଁ । ଏହା ଜିଲ୍ଲା ଉଚ୍ଚ ପୋଲିସ ଅଧିକାରୀଙ୍କ ମତ । ଯାହା ବୋଲଗଡ଼ ମହିଳା ଅଧିକାରିଣୀ ମନ ଇଚ୍ଛା କାମ ପାଇଁ ଅଟକ ଥିଲେ । ଆମ୍ ଖୋର୍ଦ୍ଧା ଦକ୍ଷ SDPO ସୁଶିଲ ମିଶ୍ର ଯୋଗୁଁ ରକ୍ଷା ପାଇଲେ । କାଇପଦର ସରପଂଚ ଦକ୍ଷ ଓ ସଚ୍ଚୋଟ ତାଙ୍କ ବିନା ଅନୁମତି ରେ ଏହି କମିଟି ଗ୍ରାମ ସଭା ଡାକି ପାରିବେ ନାହିଁ । କମିଟି ମନ ଇଛା ବିନା ପୋଲିସ ଓ ରାଜ୍ୟ ସ୍ୱ ଅଧିକାରୀ ଖୋର୍ଦ୍ଧା ଙ୍କୁ ନ ଡାକି କିଛି ଭାଙ୍ଗିବା ଉଚ୍ଛେଦ ଭଳି ଗ୍ରାମ କମିଟି କଲେ ଆଇନ ଆଗାରେ ଦୋଷୀ ପ୍ରମାଣ ହେବେ । ଏପରି ଗୁଣ୍ଡା ରାଜ ଜେ କରିବ ଆଇନ ତା ବାଟରେ ଯିବ । ସରକାରି ଜାଗା ଓ ଜଗନ୍ନାଥ ଜାଗା ଉପଜିଲାପାଳ, ତାହିସଲି ଦାର୍ ଖୋର୍ଦ୍ଧା, ମନ୍ଦିରପ୍ରଶାସନର ବିନା ଉପସ୍ଥିତରେ ଗ୍ରାମ କମିଟି କିଛି କରିବାର ନାହିଁ । ଅଧିକାରୀଙ୍କ ଅନୁମତି ମାଗିବ ଦରକାର । କାଇପଦର ଲୋକ ଟୀକା କୋବିଡି ପାଇଁ ପାଞ୍ଚ କିଲୋ ମିଟର ପଡ଼ିଆ ହୋଇ ଯାଉଥିଲେ । ଏହି କାମ କାଇପଦର ପୁଅ ଈଶ୍ୱର ମଙ୍ଗରାଜ ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଯୋଗୁ ତାହା କଇପଦର ରେ ସମ୍ଭବ କରାଯାଇଛି । ତାହା ଚାଲୁ ରହିବ,ଓ କାଇପଦର ପର୍ଯ୍ୟଟନ ସ୍ଥଳୀ ରାଜ୍ୟସରକାରଙ୍କ ପର୍ଯ୍ୟଟନ ଲିଷ୍ଟ ରେ ଚଢ଼ାଇଛନ୍ତି, । ପୀର ବବାଙ୍କ ପୀଠ ଆମ୍ ନୂତନ ୨୫ ଜଣିଆ କମିଟି ଏହା କିପରି ଶୀଘ୍ର ଡିକ୍ଲାର ହେବ କାରାନ୍ତୁ । ତାପରେ ଭାଙ୍ଗିବା ତୋଳିବା ଉଚ୍ଛେଦ କରିବା କାମ କଥା ପରେ । ଆଗେ ଭଲକାମ କରି ଦେଖାଅ ସତ୍ୟନାରାୟଣଅ ସତ୍ୟପୀର ଠାକୁର ନାମ ରଖ । ତୋଳିବା କଷ୍ଟ ଭାର୍ଙ୍ଗିବା ସହଜ । କାଇପଦର ଡାକ୍ତଖାନା ପାଇଁ ଦୁଇ ସଙ୍ଗାତ ଗ୍ରାମର ବୁଲା ଓ ଈଶ୍ୱର ପ୍ରାଣ ପଣେ ଲାଗି ତାକୁ ସ୍ୱାସ୍ଥ୍ୟ ଉଚ୍ଚ କମିଟି ଦ୍ୱାରା ଓଡ଼ିଶା ଏକ ନମ୍ବର ସ୍ଥାନରେ ଲିଷ୍ଟ ଅଛି, ୩୯ ଟି ମନ୍ଦ୍ୟରୁ । କେବଳ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଓଡ଼ିଶା ନବୀନ ବାବୁଙ୍କ ସ୍ୱୀକୃତି ପାଇଁ ପଡ଼ି ରହିଛି । କାଇପଦର ଗ୍ରାମ ପଞ୍ଚାୟତ ବାସୀ ଏକତା ଦରକାର । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହାକୁ କରିବା ପାଇଁ ବଧ ପରିକର ଗ୍ରାମବାସୀ ଓ ପଞ୍ଚାୟେତବାସୀ ଦଳ ମତ ନିର୍ବିଶେଷରେ ଏକସ୍ୱର ଓ ଏକତା ହୋଇ ଏହି ଧର୍ମ ମନ୍ଦିର କାମ ପାଇଁ ଚେଷ୍ଟା କରିବା ଉଚିତ ଆଜି ଗ୍ରାମ ବାସି ଦାବୀ ଉଠାଚନ୍ତି । ଏ କାମ କରିବା ପାଇଁ ଦୁଇ ସଙ୍ଗାତ ଈଶ୍ୱର ଓ ବୁଲା କାଇପଦର ଗ୍ରାମର ପୁଅ ହାତ ଯୋଡି ଗ୍ରାମ ବାସୀଙ୍କୁ ନିବେଦନ କରିଛନ୍ତି । ସବୁ କାଗଜ ପତ୍ର ଓଡ଼ିଶା ସ୍ୱାସ୍ଥ୍ୟ ସଚିବ ପାଖେ ଠିକ୍ ହୋଇ ଅଛି । କେବଳ ଗ୍ରାମ ବାସି ଏକତା ହୋଇ ଦାବୀ କରନ୍ତୁ ଈଶ୍ୱର ସାହାଯ୍ୟ କରିବେ । ଆମ ବିଧାୟକଓ ସାଂସଦ ଓ ଜିଲ୍ଲା ପରିଷଦ ଅଧକ ଯଦି ଶୁଭ ଦୃଷ୍ଟି ଦିଅନ୍ତେ ହୁଅନ୍ତା । ମାତ୍ର ଏମାନେ ଭୋଟ ପାଇଗଲେ କାଶିଆ କିଏ କପିଳା କିଏ ? କିନ୍ତୁ କାଇପଦର ଯିଏ ସରପଂଚ ହୋଇଛି କିଛି ସହାନୁଭୂତି ଦେଖାଇଛନ୍ତି । ମାତ୍ର ଏଥିପାଇଁ କେବେ କିଏ ଗ୍ରାମ ସଭା ଡ଼ାକିନାହାନ୍ତି । ଏବର ସରପଂଚ ଅନ୍ୟ କାମ ଛାଡ଼ି ଶେଷ ବେଳକୁ ଧର୍ମ ମନ୍ଦିର ଡାକ୍ତଖାନା ପାଇଁ ଚେଷ୍ଟା କରନ୍ତୁ । ବାପି ବାବୁ , ରାଜ ବାବୁ, ଯୋଗିବାବୁ, ରଜନୀ ବାବୁ, ଚାହିଁଲେ ସଭା ହୋଇ ପାରିବ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି । ତାଙ୍କ ସାହାଯ୍ୟ କୁ ଈଶ୍ୱର ଚାହିଁ ବସିଛନ୍ତି । କାଇପଦର ପଞ୍ଚାୟତ ବାସି ଆଜି ଅଷ୍ଟମୀ ପବିତ୍ର ଦିନ ଭବିଷ୍ୟତ ପିଢି ପାଇଁ ଦାବି କରିଛନ୍ତି. କାଇପଦର ରୁ ଈଶ୍ୱର ମଙ୍ଗରାଜ ।

## ବାଲି ଲୁଟେରା ଲୁଟି ନେଲେ ବଂଇଚା ବାଲିଖାଦାନରେ ବାଲି : ରାଜସ୍ୱ ବିଭାଗ କୁମ୍ଭ ନିଦ୍ରାରେ

ନୀଳଗିରି, ୨୯/୧୧ (ନି.ପ୍ର): ନୀଳଗିରି ତହସିଲ ଅଧିନସ୍ଥ ବଂଇଂଚା ବାଲିଖାଦାନରୁ ବାଲିମାଫିଆ ମାନେ ଦିବାରାତ୍ର ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରୁଥିବା ବେଳେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବାର ସାଧାରଣରେ ଚର୍ଚ୍ଚା ଚାଲିଛି । ବଂଇଚା ବାଲିଖାଦାନ ସରକାରୀ ସ୍ତରରେ ନିଲାମ ଦିଆଯାଇ ନ ଥିବା ବେଳେ ବାଲିମାଫିଆମାନେ ପ୍ରତିଦିନ ଟ୍ରାକ୍ଟର ଯୋଗେ ଟ୍ରିପ ଟ୍ରିପ ବାଲି ଚୋରାରେ ଚାଲାଣ କରିଚାଲିଛନ୍ତି । ଯାହାଫଳରେ କି ନଦୀ ପାର୍ଶ୍ୱରେ ଥିବା ଘରଗୁଡ଼ିକ ବନ୍ୟା ଆସିଲେ କ୍ଷତିଗ୍ରସ୍ତ ହେବାର ସଂମ୍ଭାବନ ଅଧିକ ରହୁଛି । ବାଲିମାଫିଆମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିଲା ବେଳେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଚୋରା ବାଲି ମାଫିଆଙ୍କ ବିରୁଦ୍ଧରେ ନୀଳଗିରି ତହସିଲଦାର କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚୋରା ବାଲି ମାଫିଆଙ୍କୁ ରୋକ ଦେବେ ତାହା ସଧାରଣରେ ଦାବୀ ହୋଇଛି । ଏଥିପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବୀ ହୋଇଛି ।

## ସେବି ବିରୋଧରେ ସାହାରା କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ସାହାରାର କର୍ମଚାରୀ ଓ ଅନେକ ନିବେଶକମାନେ ସେବି ବିରୋଧରେ ଭୁବନେଶ୍ୱର ଲୋୟର୍ ପିଏମ୍‌ଜିର ଧାରଣା ସ୍ଥଳରେ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ ସାହାରା-ସେବି ବିବାଦ କାରଣରୁ ଗତ ୮ ବର୍ଷ ମଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସମଗ୍ର ସାହାରା ଗ୍ରୁପ୍ ଉପରେ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଦେୟରେ ବିଳମ୍ବ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ସେମାନଙ୍କ ରୋଜଗାର ପ୍ରଭାବିତ ହୋଇଛି ବୋଲି ସେମାନେ କହିଛନ୍ତି ।

## ଫରେଷ୍ଟ ବିଟ୍ ହାଉସ ଉପରକୁ ପଥର ମାଡ଼

ନୀଳଗିରି, ୨୯/୧୧ (ନି.ପ୍ର): ନୀଳଗିରି ବନବିଭାଗ ଅଧିନ ପାଟଣା ବିଟ୍ ହାଉସ ଉପରକୁ ଢ଼େଲା ପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଛି । ବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ବିଟ୍ କାର୍ଯ୍ୟାଳୟରେ ଥିବା ବେଳେ ସେହି ଅଂଚଳର କିଛି ଯୁବକ ଗତକାଲି ରାତ୍ର ୮ଟା ସମୟରେ ଢ଼େଲା ପଥର ମାଡ଼ ମାରିଥିଲେ । ମହିଳା ଫରେଷ୍ଟ ଗାର୍ଡ ଉପରକୁ ଏଭଳି ବ୍ୟବହାରକୁ ବନବିଭାଗ ସହଜରେ ଗ୍ରହଣ କରିପାରି ନାହିଁ । ଢ଼େଲା ପଥର ମାଡ଼ ବେଳେ ସେହି ଅଞ୍ଚଳରେ ମନୋଜ ସିଂ ଓ ଖଗେନ୍ଦ୍ର ସିଂ କୁ କୌଶଳ କ୍ରମେ ଅଟକ ରଖି ଫରେଷ୍ଟ ଗାର୍ଡ ଜଣକ ନୀଳଗିରି ଥାନାକୁ ଖବର ଦେଇଥିଲେ । ପରେ ୨ ଯୁବକଙ୍କୁ ନୀଳଗିରି ଥାନାରେ ଅଟକ ରଖାଯାଇଛି ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୦୯ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାରେ ୨ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ବାଖରାବାଜ ଶିବମୁନି ଯୋଗାଶ୍ରମରେ ବ୍ରହ୍ମଯଜ୍ଞ



ରୂପ୍ସା, ୨୯/୧୧ (ନି.ପ୍ର): ରିଖ ରବିବାର ତିନି ଘଟିକା ସମୟରେ,ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ବାରିକ-ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କ ସୁଦୁହୀତା,ଡାକ୍ତର ସୁଚିତ୍ର ନାୟକଙ୍କ ଧର୍ମପତ୍ନୀ, ଦକ୍ଷିଣ-ପୂର୍ବ ରେଳପଥର କର୍ତ୍ତବ୍ୟନିଷ୍ଠ ଆଦର୍ଶ ୨୦୦୬ ମସିହାର ସର୍ବଶ୍ରେଷ୍ଠ ସେବିକା ହିସାବରେ ସମ୍ବର୍ଦ୍ଧିତ ହୋଇଥିବା, ବର୍ତ୍ତମାନ ବ୍ରହ୍ମପୁର(ଗଞ୍ଜାମ) ରେଲୱେ ହସ୍‌ପିଟାଲରେ କର୍ତ୍ତବ୍ୟରତ ଆଦର୍ଶ ସତ୍ୟନିଷ୍ଠ ସେବିକା ମୁନିମତୀ ସୌଦାମିନୀ ବାରିକଙ୍କ ୪୫ ତମ ଶୁଭ ଜନ୍ମଦିନ, ଆଶ୍ରମର ମୁଖ୍ୟ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ହିସାବରେ ସତ୍ୟର ଉପାସକ ଯୋଗୀ ଶଙ୍କର ପାଲ ମହୋଦୟ ଯୋଗଦାନ କରିଥିଲେ । ସହଯୋଗ କରିଥିଲେ ଅକ୍ଷୟ ବେହେରା, ଗୌର ବେହେରା ନିତ୍ୟାନନ୍ଦ ମୁନି ଇତ୍ୟାଦି । ମୁନି ସଙ୍ଗୀତ ଗାନ କରିଥିଲେ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ କଣ୍ଠଶୀଳ୍ପୀ ମୁନି ରାହାସ ବିହାରି ବାରିକ । ଉପସ୍ଥିତ ଥିଲେ ପରମାନନ୍ଦ ମୁନି, ମଞ୍ଜୁଲତା, ଶାନ୍ତିଲତା ଓ ଜଗନ୍ନାଥ ଦାସ ଇତ୍ୟାଦି । ସର୍ବପ୍ରଥମେ ଜୟଧ୍ୱନୀ ଦେବାପରେ ଉପସ୍ଥିତ ସମସ୍ତେ ଏକମନ,ଏକ ପ୍ରାଣ,ଏକ୍‌ଆତ୍ମା ଏବଂ ଏକ ଭାବନାରେ ତଲ୍ଲୀନ ହୋଇ ପ୍ରଣବ,ଶୁଭ ଭାବନାରେ ପ୍ରଣବ କରି ସ୍ୱଉଦାମିନୀଙ୍କୁ ତାଙ୍କର ନୀରୋଗ ନିରାମୟ ଆଦର୍ଶମୟ, କର୍ତ୍ତବ୍ୟରତ ସୁଖ-ଶାନ୍ତି-ଆନନ୍ଦମୟ ଦୀର ଦୀର୍ଘ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ ମୁନି ରାହାସ ବିହାରି ବାରିକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ମୁନି ସମାଜର, ଯମ, ନିୟମ ପାଳନକରି ପ୍ରତିଦିନ ଯୋଗସାଧନ କରି ଚାଲିଲେ, ଜଣେ ନିଶ୍ଚିନ୍ତ ଭାବରେ ଶାରିରୀକ, ମାନସିକ, ଆର୍ଥିକ ଏବଂ ପାରିବାରିକ ସୁଖ-ଶାନ୍ତି-ଆନନ୍ଦ ପାଇପାରିବ, ଏହା ମଞ୍ଚାସୀନ ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ । ଦୀର୍ଘ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ ମୁନି ରାହାସ ବିହାରି ବାରିକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଦୀନକୃଷ୍ଣ କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ

ଜଲେଶ୍ୱର, ୨୯/୧୧(ନିପ୍ର): ଜଲେଶ୍ୱର ବ୍ଲକ ଅନ୍ତର୍ଗତ ଏବଂ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ନାମରେ ନାମିତ ଦୀନକୃଷ୍ଣ କଲେଜରେ ଦୁଇଦିନ ଧରି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳନ ହୋଇ ଯାଇଛି । ଗତ ରବିବାର କଲେଜ ପଡିଆରେ ସମୁହ ପ୍ୟାରେଡ୍ ଅନୁଷ୍ଠିତ ହୋଇ ଥିବା ବେଳେ କଲେଜ ଅଧ୍ୟକ୍ଷ ପତାକା ଉତ୍ତୋଳନ ଓ ଅଭିବାଦନ ଗ୍ରହଣ କରିଥିଲେ । ଆଜି ଶିକ୍ଷାର୍ଥୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆତଙ୍କବାଦୀ ଆକ୍ରମଣ ବେଳେ ଦୁର୍ଗମ ଅଂଚଳରେ ନିଜର ସୁରକ୍ଷା ସହିତ ସେମାନଙ୍କୁ ଆକ୍ରମଣର ଏକ ପ୍ରତୀକ ଘଟଣା ପ୍ରଦର୍ଶିତ କରିଥିଲେ । ଏହା ବ୍ୟତିତ ଓଡିଶୀ, ସମ୍ବଲପୁରୀ ଓ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. ରମେଶଚନ୍ଦ୍ର ରାଉତ ଅଧ୍ୟକ୍ଷତା କରି ଶୃଙ୍ଖଳାଶିକ୍ଷାର୍ଥୀଙ୍କ ପ୍ରଥମ ଶିକ୍ଷଣିୟ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ମେଜର ଡ. ଉଜ୍ଜଳ କୁମାର ପଣ୍ଡା ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ର ଓ ଯୁବବାହିନୀ ଆତଙ୍କ ବାଦର ମୁକାବିଲା, ଦୈବଦୁର୍ବିପାକ ବେଳେ ଜରୁରୀକାଳିନ ସହାୟତା ପରିଶେଷରେ ସୈନ୍ୟବାହିନୀଙ୍କ ମାତୃଭୂମୀ ପ୍ରତି କର୍ତ୍ତବ୍ୟ ଓ ନିଷ୍ଠା ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ଡ. ହିମାଂଶୁ ସାମଲ, ରାଧାରଂଜନ ସେନାପତି, ସନ୍ୟାସୀ ପାତ୍ର, ଦୀପକ ସେନାପତି, ସନ୍ତୋଷ ବେହେରା, ବିରଂଚି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ସମର ଶିକ୍ଷାର୍ଥି ବାହିନୀର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଏନ୍‌ସିସି ଦାୟିତ୍ୱରେ ଥିବା ଧନେଶ୍ୱର ସେଠୀ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ନୂଆ ପ୍ରଜାତିର ସଂକ୍ରମଣ କ୍ଷମତା ସଂପର୍କରେ ଜଣାପଡ଼ିନାହିଁ

ଭୁବନେଶ୍ୱର,୨୯/୧୧(ନି.ପ୍ର): ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୋମବାର ଦିନ କହିଛନ୍ତି, ଯେ ନୂଆ ଭାରିଆଂଟର ସଂକ୍ରମଣ କ୍ଷମତା ସ୍ପଷ୍ଟ ହୋଇ ନ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି । ସଂସ୍ଥା ପକ୍ଷରୁ କୁହା ଯାଇଛି ଯେ ନୂଆ ଭାରିଆଂଟ ଉପରେ ଅଧିକ ଷ୍ଟଡିର ଆବଶ୍ୟକତା ରହିଛି । ଏହାର ସଂକ୍ରମଣ କରିବାର କ୍ଷମତା କେତେ, ରୋଗ କରିପାରିବା କ୍ଷମତା କେତେ,ଭ୍ୟାକ୍ସିନ ଏହାକୁ ମୁକାବିଲା କରିବାରେ କେତେ କ୍ଷମତା ରହିଛି ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ତଥ୍ୟ ନାହିଁ । ଏନେଇ ପରୀକ୍ଷାନିରୀକ୍ଷା ଚାଲିଛି । ଯେହେତୁ ଖବର ଆସୁଛି, ଏହା ଗୋଟିଏ ନୂଆ ଭ୍ୟାରିଏଂଟ ୧୩ରୁ ଅଧିକ ମ୍ୟୁଟେସନ ରହିଛି । ତେଣୁ ସମସ୍ତେ ସତର୍କ ରହିବା ଦରକାର ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଡବଲୁଏଚଓ କହୁଛି ଅଧିକ ସମୟ ଦରକାର ସମସ୍ତ ସତର୍କ ରୁହନ୍ତୁ ଯେମିତି ଏହା ଅଧିକ ବିସ୍ତାର ନ କରିବ । ଯେଉଁମାନେ ବିଦେଶରୁ ଆସିବେ ସେମାନେ ନେଗେଟିଭ ସାର୍ଟିଫିକେଟ ଆଣିବେ । ଏୟାରପୋର୍ଟରେ ତାଙ୍କ ଟେଷ୍ଟ ହେବ । ନେଗେଟିଭ ଆସିଲେ ବି ସାତ ଦିନ କ୍ୱାରେନଂଟାଇନ ରହିବେ ।

# ପଦ୍ମ ଧରିଲେ ଛତ୍ରପୁର ପଞ୍ଚାୟତ ସରପଞ୍ଚ



ନୀଳଗିରି, ୨୯/୧୧ (ନି.ପ୍ର): ସୃଦୃଢ଼ ହେଉଛି ନୀଳଗିରି ବିଜେପି । ପଦ୍ମ ଧରିଲେ ଛତ୍ରପୁର ପଞ୍ଚାୟତର ସରପଞ୍ଚ । ନୀଳଗିରି ନିର୍ବାଚନମଣ୍ଡଳୀ ଅଧୀନ ଛତ୍ରପୁର ପଞ୍ଚାୟତର ସରପଞ୍ଚ ମଞ୍ଜୁଳତା ସିଂ ଅନ୍ୟଦଳ ଛାଡ଼ି ସୋମବାର ବିଜେପି କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି । ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ମଂଜୁଲତା ଛତ୍ରପୁର ପଂଚାୟତରେ ଦୁଇ ଦୁଇ ଥର ସରପଞ୍ଚ ହୋଇ ଥିବାବେଳେ ଭାରତୀୟ ଜନତା ପାର୍ଟି ଓ ନୀଳଗିରିର ବିଧାୟକ ଶ୍ରୀ ନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବଳିଷ୍ଠ ନେତୃତ୍ୱ ଏବଂ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ଛତ୍ରପୁର ପଞ୍ଚାୟତର ବିକାଶଧାରାକୁ ଆଗେଇ ନେବା ପାଇଁ ବିଜେପିରେ ସାମିଲ ହୋଇଥିଲେ ବୋଲି କହିଥିଲେ । ସୂଚନା ଥାଉକି ମଞ୍ଜୁଲତା ସିଂ ୨୦୧୨ ମସିହାରେ ଛତ୍ରପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ପୁଣି ୨୦୧୭ରେ ମଧ ଉକ୍ତ ପଂଚାୟତରେ ନିର୍ବାଚିତ ହୋଇଥିଲେ । ଏହି ମିଶ୍ରଣ ଅବସରରେ ବିଜେପିର ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ରାମକୃଷ୍ଣ ମହାପାତ୍ର, ନିରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳେଶ୍ୱରରେ ଛତୁଆ ବଣ୍ଟନ ନେଇ ଅନିଶ୍ଚିତତା

ଜଳେଶ୍ୱର, ୨୯/୧୧(ନିପ୍ର): ଗତ ୩ ମାସ ଧରି ଜଳେଶ୍ୱର ବ୍ଲକର ୩୮୦ଟି ଅଂଗନୱାଡି କେନ୍ଦ୍ରକୁ ଯେନତେନ ପ୍ରକାରେଣ ଛତୁଆ ବଣ୍ଟନ କରାଯାଉଥିଲେ ମଧ୍ୟ ଚଳିତ ମାସ ଅନିଶ୍ଚିତତା ଦେଖା ଦେଇଛି । ସୁବର୍ଣ୍ଣୟା ମହାସଂଘ ଏଥିନେଇ ଆନ୍ଦୋଳନ ଓ ବିକ୍ଷୋଭ କରିଥିବା ବେଳେ ଆସନ୍ତାକାଲି ସମସ୍ୟାର ସମାଧାନ ହେବବୋଲି ବିଡିଓ ପ୍ରତିଶୃତି ଦେଇଛନ୍ତି । ସୁବର୍ଣ୍ଣା ଛତୁଆ ମହାସଂଘର ଅର୍ଥ ଉଠାଣ ନେଇ କେତେକ ସମସ୍ୟା ସୃଷ୍ଟି ହାଇଥିବାରୁ ଆଜି ଜଳେଶ୍ୱର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ଓ ଧାରଣା ସହିତ ଫାଟକକୁ ତାଲା ପକାଯାଇ ବନ୍ଦ କରାଯାଇଥିଲା । ସୂଚନାଯୋଗ୍ୟ ଜଳେଶ୍ୱର ବ୍ଲକର ୧୦ଟି ପଂଚାୟତ ଓ ମ୍ୟୁନିସିପାଲଟିରେ ଥିବା ବିଭିନ୍ନ ଅଂଗନୱାଡି କେନ୍ଦ୍ରକୁ ଏହି ମହାସଂଘ ଛତୁଆ ଯୋଗାଇ ଆସୁଛି । ଅନ୍ୟ ୨୫ଟି ପଂଚାୟତକୁ ଭୋଗରାଇ ଅଂଚଳରେ ଥିବା କାଳିମାତା ଏସ୍ଏଚ୍ଜି ମହାସଂଘ ଛତୁଆ ଯୋଗାଇଥାଏ । ମିଶନଶକ୍ତିର ନୂତନ ନିୟମ ଅନୁଯାୟୀ ଆଇସିଡିଏସ୍ ଅଧିନରେ କାର୍ଯ୍ୟକରୁଥିବା ସିଆର୍‌ପିମାନେ ସଂଘର କୌଣସି ପଦପଦବୀରେ ରହିପାରିବେ ନାହିଁ । ଏହି ମହାସଂଘର ସଂପାଦକ ଦାୟିତ୍ୱରେ ଥିବା ବନିତା ଗିରି ସିଆର୍‌ପିଭାବେ କାର୍ଯ୍ୟ କରୁଥିବାରୁ ନିୟମ ଅନୁଯାୟୀ ସେ ମହାସଂଘରେ କାର୍ଯ୍ୟ କରିପାରିବେ ନାହିଁ । ସଂଘ ପକ୍ଷରୁ ତାଂକ ସ୍ଥାନରେ କାଂଚନ ପରିଡାଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ତାହା ବେନିୟମ ବୋଲି ସିଡିପିଓ କହିଛନ୍ତି । ଗତ ୨ ମାସ ଧରି ସଂଘ ପକ୍ଷରୁ ଛତୁଆ ବଣ୍ଟନ କରାଯାଉଥିଲେ ମଧ୍ୟ ବ୍ୟାଂକରୁ ଟଙ୍କା ଉଠାଣ ହୋଇ ପାରୁନଥିବାରୁ କେତେକ ସମସ୍ୟା ଉପୁଜିଛି । ଟଙ୍କା ନ ପାଇ ଭଡାରେ ଚାଲୁଥିବା ମହାସଂଘର କାର୍ଯ୍ୟାଳୟକୁ ଘରମାଲିକ ବନ୍ଦ କରିବା ଫଳରେ ଛତୁଆ ତିଆରି ଅନ୍ୟଏକ ସମସ୍ୟା ଦେଖା ଦେଇଛି । ତେଣୁ ଚଳିତମାସର ଛତୁଆ ବଣ୍ଟନ ନେଇ ଅନିଶ୍ଚିତତା ପ୍ରକାଶ ପାଉଛି । ଏ ସମ୍ପର୍କରେ ସିଡିପିଓ ନିହାରିକା ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଆସନ୍ତା କାଲି ବିଏଲ୍ଏଫ କମିଟି ଗଠନ କରାଯାଇ ଛତୁଆ ବଣ୍ଟନକୁ ସ୍ୱାଭିବିକ କରାଯିବ । ହିତାଧିକାରୀ ଓ ଅଂଗନୱାଡି ଗୁଡିକ ଠିକ୍ ସମୟରେ ଛତୁଆ ପାଇପାରିବେ ବୋଲି କହିଛନ୍ତି । ଶେଷରେ ବିଡିଓ ଦିପ୍ତିରଂଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ଫାଟକର ତାଲା ଖୋଲିବାକୁ ଦାଗିତ୍ କରିଥିଲେ ।

# ଚତୁର୍ଥ ଗୀତାଞ୍ଜଳି ଏକ୍ସିଲେନ୍ସ ସମ୍ମାନ-୨୦୨୧ ଉତ୍ସବ




ଭୁବନେଶ୍ୱର,୨୯/୧୧ (ନି.ପ୍ର): ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶା ଗବେଷଣା କେନ୍ଦ୍ରଠାରେ ଚତୁର୍ଥ ଗୀତାଞ୍ଜଳି ଏକ୍ସେଲେନ୍ସ ଆୱାର୍ଡ-୨୦୨୧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜିର ଯୁବପିଢ଼ିମାନଙ୍କୁ ନିଜର ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଗଲେ ଆଗାମୀ ଦିନରେ ସାମାଜିକ କାର୍ଯ୍ୟ କରିବା ପାଇଁ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି ହେବ ବୋଲି ସେ ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ କୃଷି ଓ ଉଚ୍ଚଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଡ. ଅରୁଣ ସାହୁ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଆମ ସମାଜ ସବୁବେଳେ ସମ୍ମାନ ଦେଇଆସିଛି, ମହାମାରୀ କରୋନା ସମୟରେ ସରକାରଙ୍କ ସହିତ ସ୍ୱେଚ୍ଛାସେବୀମାନେ ଯେଉଁଭଳି ଭାବରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇ, ସେମାନଙ୍କୁ ସହାୟତା ଯୋଗାଇଥିଲେ ଓ ସଚେତନ କରାଇଥିଲେ, ଏହା ହିଁ ତା'ର ଉଦାହରଣ ବୋଲି ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ, ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଆୟକର ବିଭାଗର ପୂର୍ବତନ ପ୍ରିନ୍ସିପାଲ କମିଶନର ଶରତ ଦାସ ଓ ଅନୁଷ୍ଠାନର ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ ଜଣ ପ୍ରତିଭାଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟି ତାପସ ରଞ୍ଜନ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ସଭ୍ୟ ବିଶ୍ୱଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଶିଶିର କା ଶତଦଳ' ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଅନିମା ଦାସଙ୍କ ଲିଖିତ ହିନ୍ଦୀ ସନେଟ୍ ପୁସ୍ତକ 'ଶିଶିର କା ଶତଦଳ' ଲୋକାର୍ପିତ ହୋଇଯାଇଛି । ରାଜ୍ୟପାଳ ପ୍ରଫେସର ଲାଲ କବି ଶ୍ରୀମତୀ ଦାସଙ୍କୁ ଶୁଭକାମନା ଜ୍ଞାପନ କରିବା ସହିତ ତାଙ୍କର ସାରସ୍ୱତ ଯାତ୍ରାର ସଫଳତା କାମନା କରିଛନ୍ତି । ୧୯୭୩ ମସିହାରେ ଜନ୍ମିତ ଅନିମା ଏବେ କଟକର ନ୍ୟୁ ଷ୍ଟୁଆର୍ଟ ଇଂଲିଶ ମିଡିୟମ୍ ସ୍କୁଲରେ ଶିକ୍ଷକତା କରୁଛନ୍ତି । ପୂର୍ବରୁ ତାଙ୍କ ଦ୍ୱାରା ୫୯ଟି ଓଡ଼ିଆ ସନେଟ୍‌ର ହିନ୍ଦୀ ଅନୁବାଦ ପୁସ୍ତକ 'ପ୍ରତୀଚି ସେ ପ୍ରାଚୀ ପର୍ଯ୍ୟନ୍ତ' ପ୍ରକାଶିତ ହୋଇଛି । 'ଶିଶିର କେ ଶତଦଳ'ରେ ତାଙ୍କ ଦ୍ୱାରା ଲିଖିତ ୧୦୦ଟି ହିନ୍ଦୀ ସନେଟ୍ ସନ୍ନିବିଷ୍ଟ ହୋଇଥିବାବେଳେ ଦିଲ୍ଲୀର ସର୍ବଭାଷା ଟ୍ରଷ୍ଟ ଏହାକୁ ପ୍ରକାଶ କରିଛନ୍ତି ।

# ମୟୂରଭଞ୍ଜରେ ବୃହତ ଆୟୁର୍ବେଦିକ ଔଷଧ କାରଖାନା ପ୍ରତିଷ୍ଠା ଦାବି ମୟୂରଭଞ୍ଜ ବୁଦ୍ଧିଜୀବି ମଞ୍ଚ ବୈଠକରେ ପ୍ରସ୍ତାବ ଗୃହୀତ



ବାରିପଦା, ୨୯/୧୧ (ନି.ପ୍ର): ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ନିମନ୍ତେ ଶିମିଳିପାଳ ଜୈବ ମଣ୍ଡଳରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଥିବାରୁ ତାହାର ସଦ ବ୍ୟବହାର କରାଯାଇ ମୟୂରଭଞ୍ଜ ଜିଲାରେ ଏକ ବୃହତ ଆୟୁର୍ବେଦିକ ଔଷଧ କାରଖାନା ପ୍ରତିଷ୍ଠା ସକାଶେ ମୟୂରଭଞ୍ଜ ବୁଦ୍ଧିଜୀବି ମଞ୍ଚ ପକ୍ଷରୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯିବା ନେଇ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି । ସ୍ଥାନୀୟ ଐତିହ୍ୟ ସମ୍ପନ୍ନ ଶ୍ରୀରାମଚନ୍ଦ୍ର ପାଠାଗାରର ସମ୍ମିଳନୀ କକ୍ଷରେ ବୁଦ୍ଧିଜୀବି ମଞ୍ଚର ଜିଲା ସଭାପତି ଡ. ବିଜୟ କୁମାର ଅଗରୱାଲାଙ୍କ ପୌରହିତ୍ୟରେ ଶନିବାର ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ମଞ୍ଚର ଆବାହକ ଆଇନଜୀବି ବସନ୍ତ କୁମାର ମହାନ୍ତ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ବିଷଦ ବିବରଣୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ପ୍ରାକ୍ତନ ସାଂସଦ ତଥା ରାଜ୍ୟର ପ୍ରାକ୍ତନ ମନ୍ତ୍ରୀ ବୀରଭଦ୍ର ସିଂ, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ ଏବଂ ମୟୂରଭଞ୍ଜ ସିଟିଜେନ ଫୋରମର ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟ ଓଡ଼ିଶାର ଏକ ଜିଲା ଭାବେ ମିଶ୍ରଣ ପରଠାରୁ ଦୀର୍ଘ ୭୦ ବର୍ଷ ଧରି ସବୁଦିଗରୁ ଅବହେଳିତ ହୋଇ ରହିଥିବା ସହିତ ଆଞ୍ଚଳିକ ବୈଷମ୍ୟତାର ଶିକାର ହୋଇଥିବା ନେଇ ସମ୍ମାନିତ ଅତିଥି ମାନଙ୍କ ସମେତ ସନ୍ତୋଷ ମହାନ୍ତି, ଅବନି କୁମାର ମହାନ୍ତ, କାବେରୀ ମିଶ୍ର, ମନୋରଞ୍ଜନ ମଲ୍ଲିକ, ଚନ୍ଦନ କିସ୍କୁ, ଅରୁଣ ଓଡା, ଡ. ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରସଙ୍ଗରେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ବିଶେଷ କରି କେନ୍ଦ୍ର ସରକାରଙ୍କ ସହ ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟର ମିଶ୍ରଣ ଚୁକ୍ତିନାମାକୁ ଖିଲାପ କରାଯାଇଥିବା ଏବଂ ତାହା ଜାଣିଶୁଣି ସାଧାରଣରେ ପ୍ରକାଶ କରାଯାଉନଥିବାର ମଧ ଦର୍ଶାଯାଇ ଉଦବେଗ ପ୍ରକାଶ କରାଯାଇଥିଲା । ତତ୍ ସହିତ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ ସମୟଧରି ନିର୍ମାଣାଧିନ ଥିବା ଆନ୍ତରାଜ୍ୟ ସୁବର୍ଣ୍ଣରେଖା ଜଳସେଚନ ଯୋଜନାକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା, କେନ୍ଦ୍ରର ରାଜଧାନୀ ଦିଲ୍ଲୀ ସହ ସିଧାସଳଖ ସଂଯୋଗ ନିମନ୍ତେ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିବା ବୁଢ଼ାମରା-ଚାକୁଳିଆ ରେଳପଥ ସଂଯୋଗ କରାଯିବା, ମୟୂରଭଞ୍ଜ ଜିଲାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କୃଷି ଓ ବନ୍ୟଜାତ ସମ୍ପର୍କୀୟ ମହାବିଦ୍ୟାଳୟ ପ୍ରତିଷ୍ଠା, ଶିମିଳିପାଳରେ ପ୍ରଚୁର ପରିମାଣରେ ଥିବା ବହୁ ପ୍ରକାରର ପ୍ରାକୃତିକ ସମ୍ପଦ ସମ୍ପର୍କରେ ପୂର୍ଣ୍ଣାଙ୍ଗ ଗବେଷଣା କରାଯିବା ଏବଂ ସେଗୁଡ଼ିକର ସଦୁପଯୋଗ ସହିତ ସଠିକ୍ ମୂଲ୍ୟାଙ୍କନ କରାଯିବା, ଜିଲାରେ ଜଳସେଚନର ବ୍ୟବସ୍ଥା ଆଦି ବିଭିନ୍ନ ଦାବି ଗୁଡ଼ିକ ଉପସ୍ଥାପନ କରାଯାଇଥିଲା । ଏହି ବୈଠକରେ ମୁଖ୍ୟତଃ ଶିମିଳିପାଳ ସହିତ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଜୀବିକା, ଜିଲାରେ ନୂତନ ରେଳପଥ ସଂଯୋଗୀକରଣ ଏବଂ ମୟୂରଭଞ୍ଜ ମିଶ୍ରର ଚୁକ୍ତିନାମା ସାର୍ବଜନୀନ କରାଯିବା ପ୍ରମୁଖ ତିନୋଟି ପ୍ରସଙ୍ଗକୁ ନେଇ ତିନୋଟି ସ୍ୱତନ୍ତ୍ର କ୍ରିୟାନୁଷ୍ଠାନ ସବ କମିଟି ମଧ ଗଠନ କରାଯାଇଛି ।

# ଆଗ ଥଇଥାନ କର ପରେ ଉଚ୍ଛେଦ ପାଇଁ ଦାବି

## ପୋଡା ଅସ୍ତିଆରେ ଜବରଦଖଲ ଉଚ୍ଛେଦ ସୂଚନାକୁ ନେଇ ଅସନ୍ତୋଷ




ବାରିପଦା, ୨୯/୧୧ (ନି.ପ୍ର): ବାରିପଦା ସହର ଉପକଣ୍ଠରେ ଥିବା ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ପୋଡା ଅସ୍ତିଆ ଡେଲି ମାର୍କେଟ ରେ ରାସ୍ତା ପ୍ରଶ୍ୱସ୍ତି କରଣ ପାଇଁ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ପ୍ରସାଶନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ଜଣା ଯାଇଛି । ଉଦଲା-ବାରିପଦା ରାଜ୍ୟ ରାଜପଥ ପୋଡାଅସ୍ତିଆ ଠାରେ ଏକ ନୂତନ ପୋଲର କାର୍ଯ୍ୟ ଚାଲୁରହିଛି । ବର୍ତ୍ତମାନ ପୋଲର ସଂଯୋଗୀ କରଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ଏହି ଦଖଲ ଉଚ୍ଛେଦ ହେବ ବୋଲି ଜଣା ଯାଇଛି । ତେବେ ପୋଡା ଅସ୍ତିଆ ଠାରେ ଏହି ମାର୍କେଟକୁ ସ୍ଥାନାନ୍ତର ପାଇଁ ୨୦୧୮ ମସିହାରେ ଜମୀ ଚିହ୍ନଟ ହୋଇ ସ୍ଥାନର ଉନ୍ନତି କରଣ ମଧ ହୋଇଛି । ୨୦୧୯ ମସିହାରେ ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ବାଉଁଶବଲା ଗ୍ରାମପଂଚାୟତ ପକ୍ଷରୁ ସ୍ଥାୟୀ ମର୍କେଟ କମ୍ପ୍ଲେକ୍ସ ନିର୍ମାଣହେବାର ଯୋଜନା ହୋଇଥିଲା । ମାତ୍ର ତାହା ଅଦ୍ୟାବଧି ହୋଇପାରି ନାହିଁ ବା ଦୋକାନୀ ମାନଙ୍କୁ ଅସ୍ଥାୟୀ ଭାବେ ମଧ ଥଇଥାନ କରାନଯାଇ ହଠାତ ଦୋକାନ ଭାଙ୍ଗିଦେଲେ ପ୍ରାୟ ଶହେ ଜଣ ଦୋକାନୀ ଙ୍କର ବ୍ୟବସାୟ ବନ୍ଦ ହେବା କାରଣରୁ ସେମାନେ ରୋଜଗାର ହରାଇବେ । ସେହି ପରି ଅନ୍ୟତ୍ର ନିକଟବର୍ତୀ ସ୍ଥାନରେ ଡେଲି ମାର୍କେଟ ନବସାଇଲେ ଏହି ଡେଲି ମାର୍କେଟ ଉପରେ ନିର୍ଭର କରୁଥିବା ଲୋକେ ଦୈନ୍ୟନ୍ଦିନ ଆବଶ୍ୟକତା ତଥା ପରିବା ପତ୍ର ପାଇଁ ବାରିପଦା ମୁଖ୍ୟ ମାର୍କେଟକୁ ଆସିବାକୁ ପଡିବ । ଏଣୁ ଆଜି ପୋଡା ଅସ୍ତିଆ ଡେଲି ମାର୍କେଟର ଦୋକାନୀ ମାନଙ୍କର ଏକ ପ୍ରତିନିଧ ଦଳ ଦେବେନ୍ଦ୍ର ସିଂ ଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲା ପାଳଙ୍କ ଆବାସିକ କର୍ଯ୍ୟାଳୟରେ ଦୋକାନୀ ମାନଙ୍କୁ ଆଗ ଥଇଥାନ କରି ପରେ ଦୋକାନ ଉଚ୍ଛେଦ କରିବାକୁ ଦାବୀ ଜଣାଇଛନ୍ତି ।

# ଡକ୍ଟର ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ

ବାଲେଶ୍ୱର, ୨୯/୧୧ (ନି.ପ୍ର): 'ଆମେ କେତେଜଣ' ସାମାଜିକ ସଂଗଠନର ସଭାପତି ଯତୀନ ପାତ୍ର ଜଣାଇଛନ୍ତି ଯେ, ଆସନ୍ତା ଡିସେମ୍ବର ୬ ତାରିଖ ସୋମବାର ସସକାଳ ୯ଘଟିକା ସମୟରେ ସମ୍ବିଧାନ ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ମହାପ୍ରୟାଣ (ଶ୍ରାଦ୍ଧ) ଦିବସ ପାଳିତ ହେବ । ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ସତ୍ୟବ୍ରତ ବାରିକ ମୁଖ୍ୟ ବକ୍ତା ରୂପେ ଯୋଗଦେବେ । ପୁରୁଣା ବାଲେଶ୍ୱର ସ୍ଥିତ ମହମ୍ମଦପୁର (ପରିମିଟ୍ ଘାଟ ଫାଣ୍ଡି) ନିକଟରେ 'ଆମେ କେତେଜଣ' ସଂଗଠନ ଅବସ୍ଥିତ । ଉକ୍ତ ସଭାରେ ସମସ୍ତ ସାମାଜିକ କର୍ମୀ ଯୋଗ ଦେବାକୁ ଅନୁରୋଧ ।

# ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା

ନୀଳଗିରି,୨୯/୧୧ (ନି.ପ୍ର): ନୀଳଗିରି ଥାନା ଅଧୀନସ୍ଥ ତେଲିଆପଦା ଗ୍ରାମରେ ମହାଆଡ଼ମ୍ବରରେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା କରାଯାଇଛି । ରୀତିନୀତି ଅନୁସାରେ ସକାଳ ୮ଘଟିକାରୁ ହୋମ ଯଜ୍ଞ କରାଯାଇ ନୂତନ ହନୁମାନ ବିଗ୍ରହ ଙ୍କ ପ୍ରାଣପ୍ରତିଷ୍ଠା କରାଯାଇଥିଲା । ବ୍ରାହ୍ମଣ ଙ୍କ ମନ୍ତ୍ରପାଠରେ ଯଜ୍ଞସ୍ଥଳୀ ସହିତ ମନ୍ଦିରର ଚତୁପାର୍ଶ୍ୱରେ ଏକ ଭକ୍ତିଭରା ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମର ଆବାଳବୃଦ୍ଧ ବନିତା ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ସମାଜସେବୀ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ଯୋଗ ଦେଇ ଗ୍ରାମରେ ହନୁମାନଙ୍କର ବିଗ୍ରହ ପ୍ରତିଷ୍ଠା ଆଖପାଖ ଜନମାନସରେ ଏକ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ । କମିଟିର ସଦସ୍ୟ ନାରାୟଣ ପ୍ରସାଦ ମଲିକ, ପ୍ରଶାନ୍ତ ପୁହାଣ, ଅନିଲ କୁମାର, ଶ୍ରୀକାନ୍ତ ମହାଲିକ, ବଂଶୀଧର ପୁହାଣ, ସାବିତ୍ରୀ ପୁହାଣ, ଜୟନ୍ତୀ ନାୟକ, ଜୟନ୍ତୀ ପୁହାଣ, ଅଂଜୁଲତା ବେହେରା, ମନୋରମା ସ, ଜିତେଶ ନାୟକ, ମାଳତୀ ସ, ମମତାରାଣି ଷଣ୍ଢୀ, ଜଗଦିଶ ପୁହାଣ, ସଂଜୁଲତା ସିଂ, ମହେଶ୍ୱର ପୁହାଣ, ପ୍ରଭଂଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୧୯ ଗିରଫ

ଭୁବନେଶ୍ୱର, ୨୯/୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୭୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୮୩,୧୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଅଧିବେଶନ : ମାନବବାଦ ଜୟଗାନ ହିଁ ଗଳ୍ପର ମୂଳକଥା

ଭୁବନେଶ୍ୱର,୨୯/୧୧(ନି.ପ୍ର): ସମଗ୍ର ବିଶ୍ୱ ସାହିତ୍ୟରେ ଯୁଦ୍ଧ ଓ ପ୍ରେମର ଦୁଇଟି ଧାରା ପ୍ରବାହିତ ହେଉଛି । ନାଟକୀୟତା ସହ ଉତ୍କଣ୍ଠା ଗଳ୍ପର ବିଶେଷ ଉପାଦାନ ହୋଇଥିବାବେଳେ ମାନବବାଦର ଜୟଗାନ ହିଁ ଗଳ୍ପର ମୂଳକଥା ବୋଲି ବିଶିଷ୍ଟ କଥାକାର ରବି ସ୍ୱାଇଁ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏକ ସାରସ୍ୱତ ସମାବେଶରେ ଅତିଥିମାନେ ଶବ୍ଦକୁ ଏକତ୍ର କରି ଭାବର ବିସ୍ତାରରେ କଥାଶିଳ୍ପୀ ଧ୍ୟାନ ଦେଇଥାଏ ବୋଲି ଉଲ୍ଲେଖ କରିଛନ୍ତି । କାର୍ଯ୍ୟକ୍ରମରେ ସୀତେଶ ତ୍ରିପାଠୀଙ୍କ ଗଳ୍ପପୁସ୍ତକ 'ଲୋହିତ ପୃଥିବୀ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ କଥାକାର ସତ୍ୟ ମିଶ୍ର, ପରେଶ ପଟ୍ଟନାୟକ ଯୋଗଦେଇ ସମକାଳୀନ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଗାଳ୍ପିକ ଶ୍ରୀ ତ୍ରିପାଠୀ ମଧ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ସୁବ୍ରତ ସେନାପତି 'ଏ ମାସର କବି' ଭାବରେ ଯୋଗଦେଇ ସ୍ୱରଚିତ ଲେଖା ପାଠ କରିଥିଲେ । ବିଜନବାଳା ପାଟ୍ଟଯୋଶୀ ଓ ମୌସୁମୀ ଦାସଙ୍କ ମିଳିତ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆଭାସ ବରାଳ, କୃଷ୍ଣଚନ୍ଦ୍ର ବଡ଼ପଣ୍ଡା, ଇତିଶ୍ରୀ ପତି, ଶକ୍ତିପ୍ରଭା ମିଶ୍ର, ବିରଂଚି ଶତପଥୀ, କ୍ଷୀରୋଦ ପରିଡ଼ା, ଡ. ଅଭୟ ନାରାୟଣ ନାୟକ, ମିହିରକାନ୍ତି ଦାସ, ଶୈଳେନ୍ଦ୍ର ଜେନା, ସୁଶାନ୍ତ କିଶୋର ବଳ, ଅନ୍ନପୂର୍ଣ୍ଣା ଭଞ୍ଜ, ଦୁର୍ଗାଚରଣ ଷଡଙ୍ଗୀ, ଦେବାଶିଷ ମହାପାତ୍ର ପ୍ରମୁଖ ଆଲୋଚନା ତଥା କବିତାପାଠରେ ଅଂଶଗ୍ରହଣ କରିଥିଲେ ।


# ଅନ୍ତମହାବିଦ୍ୟାଳୟ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ କୁଳପତିଙ୍କ ଦ୍ୱାରା ଉଦ୍‌ଘାଟିତ

ବାରିପଦା, ୨୯/୧୧ (ନି.ପ୍ର): ମହିଳା ଓ ପୁରୁଷ ବିଭାଗର ଅନ୍ତମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର (ଡକ୍ଟର) କିଶୋର କୁମାର ବସା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟ ଖେଳ ପରିଷଦର ସମ୍ପାଦକ ଡକ୍ଟର ଇନ୍ଦ୍ରଜିତ ନାୟକ ଓ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କୁଳପତିଙ୍କ ବ୍ୟକ୍ତିଗତ ସଚିବ ନଳୀନି ରଂଜନ ଦାସ, ବିଶ୍ୱବିଦ୍ୟାଳୟ ଖେଳଶିକ୍ଷକ ପ୍ରଦୀପ୍ତ ରଂଜନ ଦାସ, ଉଜିତ କୁମାର ଦାସ, ଉପେନ୍ଦ୍ର କୁମାର ଟୁଡୁ, ଦୀପକ କୁମାର ପାଣିଗ୍ରାହୀ ଏବଂ ଖେଳ ଶିକ୍ଷକ ଧନଞ୍ଜୟ ତ୍ରିପାଠୀ, ରାଜେଶ କୁମାର ଦାସ, ବିଷ୍ଣୁ ଶର୍ମା ସାହୁ, ମନୋରଂଜନ ଜୀଉ, ସତ୍ୟନାରାୟଣ ବାରିକ, କିଶୋର ଚନ୍ଦ୍ର ଦାସ, ଅରୁଣ କୁମାର ବେହେରା, ସରୋଜ କୁମାର ସାହୁ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତ ପରିଷଦ ଦ୍ୱାରା ଆୟୋଜନ କରାଯାଇଅଛି । ମହିଳା ବିଭାଗର ୮ଟି ଦଳ ଓ ପୁରୁଷ ବିଭାଗର ୧୬ଟି ଦଳ ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଛନ୍ତି ।

# ଶୀତଳା ଠାକୁରାଣୀ ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନିତୀ ବିଭାଗର ୱେବିନର୍

ଜଳେଶ୍ୱର, ୨୯/୧୧(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡାସ୍ଥିତ ଶୀତଳା ଠାକୁରାଣୀ ଡଇଗ୍ରୀ ମହାବିଦ୍ୟାଳୟର ଅର୍ଥନିତୀ ବିଭାଗ ପକ୍ଷରୁ 'ଫୁଚର ଅଫ ଫାଇନାନ୍ସ ମେନେଜମେଣ୍ଟ ଏଣ୍ଡ କୋଭିଡ୍-୧୯ ସଂପର୍କରେ ଏକ ୱେବିନର ଅନୁଷ୍ଠିତ ହୋଇ ଯାଇଛି । କଲେଜ ଅଧ୍ୟକ୍ଷ ଅଂଜନ କୁମାର ପାଲ ଅଧ୍ୟକ୍ଷତା କରିଥିଲେ । ଅର୍ଥନିତୀ ବିଭାଗର ଅଧ୍ୟାପକ ଶିଶିର କୁମାର ମହାନ୍ତ ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ଦେଇଥିଲେ । ଅଧ୍ୟାପକ ଜ୍ୟୋତିଶ କୁମାର ଦଳାଇ, ତପନ କୁମାର ସାମଲ, ରାଧାରଣୀ ମହାନ୍ତି ପ୍ରମୁଖ ଯୋଗ ଦେଇ ପାଠଚକ୍ର ସଂପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଶିଖା ଗୁପ୍ତା ମୁଖ୍ୟବକ୍ତଭାବେ ଯୋଗ ଦେଇ କୋଭିଡ୍-୧୯ ସଂକ୍ରମଣ ଓ ତାଲାବନ୍ଦ ସମୟରେ ଆର୍ଥୀକ ପରିସ୍ଥିତିକୁ କିପରି ଦୋହଲାଇ ଦେଇଛି ଏବଂ ଏହାର ଭବିଷ୍ୟତ କାର୍ଯ୍ୟକାରିତା ସଂପର୍କରେ ବହୁତଥ୍ୟ ଉପସ୍ଥାପନ କରିଥିଲେ । ଭୁବନେଶ୍ୱରସ୍ଥିତ ବିଜିନେସ୍ ସ୍କୁଲ ଅଫ ଫୋରମ୍‌ର ନିର୍ଦ୍ଦେକ ଗୌତମ ମହାନ୍ତି ସଂଯୋଜକଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ଦୁର୍ଗେସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# "ଶ୍ରୀ ଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ" ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର, ୨୯/୧୧ (ନି.ପ୍ର): ଅଗ୍ରଣୀ ସଂସ୍କୃତିକ ଅନୁଷ୍ଠାନ "ଚିନ୍ତା ଓ ଚେତନା"ର ୪୩ ତମ "ବର୍ଷା" ମହୋତ୍ସବର ଉଦ୍‌ଘାଟନୀ ସମାରୋହ ଅବସରରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଓ ଲେଖକ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ ରଚିତ ଶ୍ରୀ ଜଗନ୍ନାଥ ଚେତନା ଆଧାରିତ ପୁସ୍ତକ "ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ"କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି । ରାଜଭବନର ଅଭିଷେକ କକ୍ଷରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ "ଚିନ୍ତା ଓ ଚେତନା"ର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶଶିଭୂଷଣ ବେହେରା, ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁଙ୍କୁମ ମହାନ୍ତି, ଆଧ୍ୟାତ୍ମିକ ସନ୍ଥ ପୂଜ୍ୟ ଗୁରୁଜୀ ଶ୍ରୀ ରାମ ନାରାୟଣ ଦାଶ ମହାରାଜ, "ଚିନ୍ତା ଓ ଚେତନା"ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୁରେନ୍ଦ୍ର ଦାଶ, ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ସହଦେବ ସାହୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ ୧୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୯/୧୧(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୮୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୮ ହଜାର ୦୮୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୩୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୧ ଜଣଙ୍କ ମଧ୍ୟରୁ ୧୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୯୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୧, ଭଦ୍ରକ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୬ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୩ , ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୬ ଜଣ ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୨ ଜଣ ଓ ଷ୍ଟେଟ୍ ପୁଲରୁ ୨୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo